



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME- 43 ♦ISSUE-164 ♦WEDNESDAY ♦10 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୬୪ ♦ବୁଧବାର ♦୧୦ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ବିଜୟ ଦେଲା ବାରବାଟୀ

## ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ପରାସ୍ତ; ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

■ **କଟକ, ୯।୧୨(ତୁଷାର ସେନାପତି):** ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ (୫୯ରନ୍, ୨୮ବଲ୍, ୬ଚୌକା, ୪ଛକା) ଏବଂ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବାରବାଟୀ ଷ୍ଟାଡିୟମ୍ ନାଲିମାଟି ପିଚ୍‌ରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଟି-୨୦ ମୁକାବିଲାରେ ଭାରତ ୧୦୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହାସହିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ମାତ୍ର ୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ବିଜୟ ଫଳରେ ବାରବାଟୀରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟର ଧାରାରୁ ମୁକୁଳିଛି। ଏଠାରେ ପୂର୍ବରୁ ଉଭୟ ଦଳ ପରସ୍ପର ସହ ୨ଟି ମ୍ୟାଚ୍ ଖେଳିଥିଲା ବେଳେ ଉଭୟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ତୃତୀୟ

### ଦକ୍ଷିଣ ଆଫ୍ରିକା ବିରୋଧରେ ପରାଜୟ ଧାରା ଭାଙ୍ଗିଲା

ମୁକାବିଲାରେ ଭାରତ ବିଜୟୀ ହୋଇ ଏହି ଧାରାରେ ବ୍ରେକ୍ ଲଗାଇଛି। ଭାରତ ଇନିଂସରେ ଅପରାଜିତ ୫୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଅଲରାଉଣ୍ଡର ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମୁକାବିଲା ମୋହାଲିର ମୁଲାନପୁରଠାରେ ଡିସେମ୍ବର ୧୧ ତାରିଖ (ଗୁରୁବାର) ଖେଳାଯିବ।

ବାରବାଟୀରେ ଏହା ଚତୁର୍ଥ ଟି-୨୦ ହୋଇଥିଲା ବେଳେ ଭାରତ ୨ଟି ଲେଖାଏଁ ଜୟ ପରାଜୟ ରେକର୍ଡର ଅଧିକାରୀ ହୋଇଛି। ୧୯୮୨ରୁ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହୋଇଆସୁଥିଲା ବେଳେ ପ୍ରଥମଥର ପିଚ୍ ନାଲିମାଟିରେ ନିର୍ମିତ ହୋଇଥିଲା। ଆଶା ଅନୁଯାୟୀ ପିଚ୍ ଫାଷ୍ଟ ହୋଇଥିଲା ଓ ବୋଲରଙ୍କୁ ସୁହାଇଥିଲା। ପିଚ୍‌କୁ ନେଇ ଭାରତୀୟ ଅଧିନାୟକ ପ୍ରସ୍ତୁତ ଥିବାବେଳେ ଭାରତର ବିଜୟ ଅନ୍ୟ ସମସ୍ତ ଦୁର୍ବଳତା ଓ ଆଶଙ୍କାକୁ ଦୂର କରିବାରେ ସମର୍ଥ ହୋଇଛି। ୧୦ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଜି ସଂକଟ ମୋଚକ ସାବ୍ୟସ୍ତ ହୋଇଛନ୍ତି।

# ମନ୍ତ୍ରୀ, ବିଧାୟକଙ୍କ ଦରମା ବଢ଼ିଲା ୩ ଗୁଣ

## ୨୦୨୪ ଜୁନ୍‌ରୁ ପିଛିଲା ଲାଗୁ; ସଦସ୍ୟଙ୍କୁ ମିଳିବ ୧୮ ମାସର ବକେୟା

■ **ଭୁବନେଶ୍ୱର, ୯।୧୨ (ସମିସ):** ମଙ୍ଗଳବାର ବିଧାନସଭାର ଶେଷ ଦିନରେ ମନ୍ତ୍ରୀ, ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ମିଳିଛି ଅନୁମୋଦନ। ୮ ବର୍ଷ ପରେ ଏହି ଦରମା, ଭତ୍ତା ଓ ପେନସନ ବୃଦ୍ଧି ହୋଇଥିବା ବେଳେ ପିଛିଲା ଭାବରେ ଗତ ୨୦୨୪ ଜୁନ ୫ରୁ ଲାଗୁ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବର୍ଦ୍ଧିତ ଦରମା ଓ ଭତ୍ତାକୁ ହିସାବକୁ ନେଲେ ବିଧାୟକମାନେ ମାସିକ ପ୍ରାୟ ୩.୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ପାଇବେ। ସେହିପରି ମୁଖ୍ୟମନ୍ତ୍ରୀ ୩.୭୪ ଲକ୍ଷ ଟଙ୍କା, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି ୩.୬୮ ଲକ୍ଷ ଟଙ୍କା, କ୍ୟାବିନେଟ ମନ୍ତ୍ରୀ ଓ ବିରୋଧୀଦଳ ନେତା ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ୩.୬୨ ଲକ୍ଷ, ରାଷ୍ଟ୍ରମନ୍ତ୍ରୀ ଓ ଉପବାଚସ୍ପତି ୩.୫୬ ଲକ୍ଷ, ସରକାରୀ ଦଳ ଉପମୁଖ୍ୟ ସଚେତକୁ ୩.୫ ଲକ୍ଷ ଟଙ୍କା ଦରମା ପାଇବେ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ସରକାର ଏବେ ସ୍ୱୟଂଚାଳିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ୫ ବର୍ଷରେ ମହଙ୍ଗା ସୂଚକାଙ୍କ ▶ପୃଷ୍ଠା-୭



### ପେନସନ୍ ୩୫ ହଜାରରୁ ୮୦ ହଜାରକୁ ବୃଦ୍ଧି

■ **ଭୁବନେଶ୍ୱର, ୯।୧୨(ସମିସ):** କେବଳ ବିଧାୟକ, ମନ୍ତ୍ରୀ, ବାଚସ୍ପତି ନୁହେଁ, ପୂର୍ବ ବିଧାୟକଙ୍କ ପାଇଁ ହାତ ଖୋଲି ଦେଇଛନ୍ତି ରାଜ୍ୟ ସରକାର। ପୂର୍ବରୁ ପୂର୍ବତନ ବିଧାୟକଙ୍କୁ ପେନସନ ପାଇଁ ରହିଥିବା ଗୋଟିଏ ବର୍ଷର କାର୍ଯ୍ୟକାଳ ନିୟମକୁ ଉଠାଇ ଦିଆଯାଇଛି। ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖଠାରୁ ବିଧାୟକଙ୍କ କାର୍ଯ୍ୟକାଳକୁ

- ଦିନଟିଏ ବିଧାୟକ ହେଲେ ବି ମିଳିବ ପେନସନ
- ୫ବର୍ଷ ପରେ ବର୍ଷକୁ ବଢ଼ିବ ୩ ହଜାର ଅତିରିକ୍ତ ରାଶି
- ମୃତ ବିଧାୟକଙ୍କ ପରିବାର ପାଇବେ ୨୫ ଲକ୍ଷ
- ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ମାସିକ ସର୍ବନିମ୍ନ ୧.୧୭ ଲକ୍ଷ

୩୫ ହଜାର ଟଙ୍କା ପେନସନ ମିଳୁଥିବା ବେଳେ ଏବେ ଏହାକୁ ୮୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପେନସନ ଓ ଅନ୍ୟାନ୍ୟ ସହାୟତାକୁ ମିଶାଇଲେ ଜଣେ ପୂର୍ବତନ ବିଧାୟକ ସର୍ବନିମ୍ନ ୧ ଲକ୍ଷ ୧୭ ହଜାର ଟଙ୍କା ପେନସନ ପାଇବେ। ବିଲ ପାରିତ ହେବା ସହ ପେନସନ ପାଇଁ ହିସାବକୁ ନିଆଯିବ। ନୂଆ ନିୟମ ଅନୁଯାୟୀ ୫ ବର୍ଷ ବିଧାୟକ ହେବା ପରେ ପରବର୍ତ୍ତୀ ଯେତେ ଅଧିକ ବର୍ଷ ସେ ବିଧାୟକ ଭାବେ କାର୍ଯ୍ୟ କରିଥିବେ ତାଙ୍କୁ ପ୍ରତି ଅତିରିକ୍ତ ପୂର୍ଣ୍ଣ ବର୍ଷ ଲାଗି ମାସିକ ୩ ହଜାର ଟଙ୍କା ଲେଖାଏଁ ▶ପୃଷ୍ଠା-୭

### ୧୮ କାର୍ଯ୍ୟଦିବସ ପୂର୍ବରୁ ସରିଲା ବିଧାନସଭା

■ **ଭୁବନେଶ୍ୱର, ୯।୧୨ (ସମିସ):** ନିର୍ଦ୍ଧାରିତ ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ମଙ୍ଗଳବାର ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଶେଷ ହୋଇଛି। ମାତ୍ର ୧୧ ଦିନ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଗୃହରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ। କୌଣସି ସରକାରୀ କାର୍ଯ୍ୟ ନଥିବା ହେତୁ ଗୃହକୁ ମୁଲତବୀ କରିବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ବିଧାୟକ ସନାତନ ବିଜୁଳି, ଗୌରୀ ଶଙ୍କର ମାଝୀ ପ୍ରମୁଖ ସମର୍ଥନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ▶ପୃଷ୍ଠା-୭

## ଏସ୍‌ଆଇଆର୍ ମାମଲାରେ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ବିଏଲଓଙ୍କୁ ସୁରକ୍ଷା ଦିଅ

■ **ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି):** ପଶ୍ଚିମ ବଙ୍ଗ ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବେଳେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସେମାନଙ୍କ କାମରେ ବାଧା ଦିଆଯିବା ସହିତ ସେମାନଙ୍କୁ ଧମକ ମଧ୍ୟ ମିଳୁଛି। ଅଭିଯୋଗ କରିବା ସତ୍ତ୍ୱେ ସେମାନଙ୍କୁ ସୁରକ୍ଷା ଯୋଗାଉ ନାହାନ୍ତି ରାଜ୍ୟ ସରକାର। ଆଜି ନିର୍ବାଚନ କମିସନ ଏଭଳି ଅଭିଯୋଗ ଆଣିବା ପରେ ଉଦବେଗ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ବିଏଲ୍‌ଓଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇବା ସହିତ ଏସଆଇଆର କାର୍ଯ୍ୟରେ ସହଯୋଗ କରିବା ଲାଗି ସଂପୃକ୍ତ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏଥିରେ ବିଫଳ ହେବେ ସେମାନଙ୍କ ସଂପର୍କରେ ଜଣାଇବା ଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି। ଏହାପରେ କୋର୍ଟ ଆବଶ୍ୟକ ପଦକ୍ଷେପ ନେବେ।



### ନିର୍ବାଚନ କମିସନ ପଦକ୍ଷେପ ନ ନେଲେ ଅରାଜକତା ସୃଷ୍ଟିହେବ

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଆଜି ଏହି ମାମଲାର ଶୁଣାଣି କରୁଥିବା ବେଳେ ନିର୍ବାଚନ କମିସନଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ରାକେଶ ଦ୍ୱିବେଦୀ ଉପରୋକ୍ତ ଅଭିଯୋଗ ଆଣିଥିଲେ। ସେ କହିଲେ ଯେ ଅନେକ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ପରିସ୍ଥିତିର ମୁକାବିଲା ଲାଗି ସ୍ଥାନୀୟ ପୁଲିସକୁ ଆମେ ଡେପୁଟେସନରେ ନେବାକୁ ବାଧ୍ୟ ହେବୁ। ତଥାପି ପରିସ୍ଥିତିରେ ଉନ୍ନତି ନଘଟିଲେ କେନ୍ଦ୍ରୀୟ ନିରାପତ୍ତା ବାହିନୀ ମୁତୟନ କରିବା ଲାଗି ବାଧ୍ୟ ହେବୁ। ଏହି ସମୟରେ ଜଷ୍ଟିସ ବାଗଚି କହିଲେ ଯେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନହେବା ପର୍ଯ୍ୟନ୍ତ ପୁଲିସକୁ କମିସନ ନିଜ ଅକ୍ତିଆରକୁ ନେଇପାରିବ ନାହିଁ। କିନ୍ତୁ ଦ୍ୱିବେଦୀ କହିଲେ ଯେ ଏସଆଇଆର କାମରେ ନିୟୋଜିତ ବିଏଲଓ ଏବଂ ଅନ୍ୟ କର୍ମଚାରୀଙ୍କ ସୁରକ୍ଷା ଲାଗି ପଦ ।।କ୍ଷେପ ନେବାପାଇଁ କମିସନ ପାଖରେ ସବୁ ପ୍ରକାର ସାମ୍ବିଧାନିକ କ୍ଷମତା ରହିଛି। ପ୍ରଧାନ ବିଚାରପତି କହିଲେ ଯେ ଏହା ଏକ ଗୁରୁତର ପରିସ୍ଥିତି। ତେଣୁ ନିୟମ ଅନୁଯାୟୀ ପଦକ୍ଷେପ ନିଅ, ନହେଲେ ଅରାଜତକା ସୃଷ୍ଟି ହେବ। ବିନା ▶ପୃଷ୍ଠା-୭

## ଇଣ୍ଡିଗୋର ପକ୍ଷଚ୍ଛେଦନ କଲେ କେନ୍ଦ୍ର ସରକାର

# କାଟିଦେଲେ ୧୦% ବିମାନ ଉଡ଼ାଣ

■ **ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି):** ଭାରତର ସବୁଠାରୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋରେ ଚାଲିଥିବା ସଙ୍କଟ ଅଷ୍ଟମ ଦିନରେ ମଧ୍ୟ ଜାରି ରହିଛି। ସ୍ଥିତି ସଂପୂର୍ଣ୍ଣ ସ୍ୱାଭାବିକ ହୋଇ ନ ଥିବାବେଳେ ସରକାର ଏହି ଏୟାରଲାଇନ୍ସ ବିରୋଧରେ ମଙ୍ଗଳବାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ପକ୍ଷଚ୍ଛେଦନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏକ ଉଚ୍ଚସ୍ତରୀୟ ବୈଠକରେ ଇଣ୍ଡିଗୋର ୧୦ ପ୍ରତିଶତ ବିମାନ ଉଡ଼ାଣ ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଚାହିଦା ଏବଂ ହାଇ-ଫ୍ରିକ୍ୱେନ୍ସି ମାର୍ଗରେ ଏହି ହ୍ରାସ କରାଯାଇଛି। ୫ ପ୍ରତିଶତ ହ୍ରାସ କରିବା ଲାଗି ଦିନରେ ସରକାର ଘୋଷଣା କରିଥିବା ବେଳେ ସନ୍ଧ୍ୟାରେ ଏହାକୁ ୧୦ ପ୍ରତିଶତ କରିଛନ୍ତି। ଏହାଦ୍ୱାରା ଇଣ୍ଡିଗୋର ଦୈନିକ ଉଡ଼ାଣ ୨୩୦୦ରୁ ୨ ହଜାରକୁ ଖସି ଆସିବ। ଏବେ ଇଣ୍ଡିଗୋର ଦୈନିକ ୧୦ ପ୍ରତିଶତ ଉଡ଼ାଣ ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଆବଣ୍ଟନ କରାଯାଇପାରିବ। ଏହି ନିଷ୍ପତ୍ତି ଦ୍ୱାରା ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିପାରେ। ସୂଚନାଯୋଗ୍ୟ ଯେ ଇଣ୍ଡିଗୋ ଦିନକୁ ୨୩୦୦ ବିମାନ ପରିଚାଳନା କରିଥାଏ। ତେଣୁ ହ୍ରାସର ପ୍ରଭାବ ▶ପୃଷ୍ଠା-୭

## ପୋଟେରୁ ନଦୀରୁ ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାର ଘଟଣା

# ମାଟି ମୁଣ୍ଡ ଲଗାଇ ଅନ୍ତିମ ସଂସ୍କାର



■**ମାଲକାନଗିରି/କୋରୁକୋଣ୍ଡା, ୯ ।୧୨(ସମିସ):** ପୁଲିସ, ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ନୟାନ୍ତ ହୋଇଗଲେ; କିନ୍ତୁ ମୁଣ୍ଡ ମିଳିଲାନି। ତେଣୁ, ମାଟିମୁଣ୍ଡ ତିଆରି କରି ମହିଳାଙ୍କ ଅନ୍ତିମ ସତ୍କାର କଲେ ଗ୍ରାମବାସୀ। ମାଲକାନଗିରି ଜିଲ୍ଲା ପୋଟେରୁ ନଦୀରୁ ଉଦ୍ଧାର ହୋଇଥିବା ମୁଣ୍ଡବିହୀନ ମହିଳା ରାଖେଲଗୁଡ଼ାର ଲୋକେ ପଡ଼ିଆମି (୫୧)ଙ୍କ ଆଜି ଏପରି ଅନ୍ତିମ ସଂସ୍କାର ହୋଇଛି। ପୁଲିସ ପ୍ରଶାସନ, ସ୍ଥାନୀୟ ବିଧାୟକ ଏବଂ ଅଞ୍ଚଳର ଜନପ୍ରତିନିଧି ଉପସ୍ଥିତ ରହି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ଶବ ସଂସ୍କାର କରାଇଛନ୍ତି।

### ଦୁଇ ଗ୍ରାମର ଅଧିବାସୀଙ୍କ ଶାନ୍ତି କମିଟି ବୈଠକ

### ରାଖେଲଗୁଡ଼ା, ଏମ୍‌ଭି-୨୬ରେ ପୁଲିସ ଛାଉଣୀ

ଅପରପକ୍ଷେ, ଏହି ଘଟଣାକୁ ନେଇ ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ବାଟ ଫିଟିଛି। ସଂଧ୍ୟାରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପୁଲିସ ଓ ପ୍ରଶାସନ ଉପସ୍ଥିତିରେ ଦୁଇ ଗ୍ରାମର ଅଧିବାସୀଙ୍କୁ ନେଇ ବସିଥିବା ଶାନ୍ତି କମିଟି ବୈଠକ ସଫଳ ହୋଇଛି। ଉଭୟ ପକ୍ଷ ହିଂସାକାଣ୍ଡ ଛାଡ଼ି ଶାନ୍ତିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଲେଖାଏଁ ସଦସ୍ୟ ରହିବେ। ଉତ୍ତେଜନା ପ୍ରଶମିତ ନ ▶ପୃଷ୍ଠା-୭

# ବଦଳିଲା +୨ ପରୀକ୍ଷା ସୂଚୀ

■ **ଭୁବନେଶ୍ୱର, ୯ ।୧୨ (ସମିସ):** ଯୁକ୍ତ ଦୁଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ ହୋଇଛି। ମାର୍ଚ୍ଚ ୧୧ ଓ ୨୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପରିବର୍ତ୍ତନ କରାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରିବର୍ତ୍ତିତ ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧ ତାରିଖରେ ହେବାକୁ ଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବର୍ଗର ପରୀକ୍ଷା ୨୩ ତାରିଖରେ ଅନୁଷ୍ଠିତ ହେବ। ସେହିପରି, ମାର୍ଚ୍ଚ ୨୧ତାରିଖରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ୨୫ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ପ୍ରକାଶିତ ଅବଶିଷ୍ଟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି। ପରୀକ୍ଷା ସୂଚୀରେ ପରିବର୍ତ୍ତନ ହେବା ପରେ ସମସ୍ତ ପରୀକ୍ଷା ମାର୍ଚ୍ଚ ୨୫ତାରିଖରେ ସରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫେବ୍ରୁଆରୀ ୧୮ ତାରିଖରୁ ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ।

**ମାର୍ଚ୍ଚ ୧୧ ଓ ୨୧ର ପରୀକ୍ଷା ୨୩ ଓ ୨୫ରେ ହେବ**

# ୧୦ ଡିଗ୍ରୀ ତଳେ ୧୧ ସହର

■ **ଭୁବନେଶ୍ୱର, ୯ ।୧୨ (ସମିସ):** ରାଜ୍ୟରେ ଜାରି ରହିଛି ପ୍ରବଳ ଶୀତ । ପୂର୍ବରୁ-ପଶ୍ଚିମ, ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ଲହରୀ ଜାରି ରହିଥିବା ବେଳେ ସାରା ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ୧୧ ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ଥିବା ବେଳେ ଜି. ଉଦୟଗିରିରେ ୪.୮, ସେମିଳିଗୁଡାରେ ୬.୨, ଫୁଲବାଣୀରେ ୬.୮, ଚିପିଲିମାରେ ୭.୩, ରାଉରକେଲାରେ ୭.୬, ଦାରିଙ୍ଗବାଡିରେ ୮, ଅନୁଗୁଳ ୯, ଭବାନୀପାଟଣା ୯, କିରେଇ ୯.୩, କୋରାପୁଟ ୧୦ ଓ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଆସନ୍ତା ଦୁଇ ଦିନ ଶୀତର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୨ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ▶ପୃଷ୍ଠା-୭

### ଜି.ଉଦୟଗିରିରେ ୪.୮ ଡ଼ିଗ୍ରୀ


### ୭ ଜିଲ୍ଲା ପାଇଁ ଶୀତ ଲହରୀ ଆଲର୍ଟ

**ବଢ଼ିଲେ ଦାଦନ**

# ଭାଙ୍ଗିଲା ଦାଦନମୁକ୍ତ ଓଡ଼ିଶା ଗଠନ ସ୍ୱପ୍ନ

■ **ଭୁବନେଶ୍ୱର, ୯ ।୧୨ (ସମିସ):** ଗତ ବର୍ଷ ତୁଳନାରେ ଏ ବର୍ଷ ରାଜ୍ୟରୁ ଅଧିକ ସଂଖ୍ୟକ ଦାଦନ ଶ୍ରମ ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଇଛନ୍ତି। ୨୦୨୫ ନଭେମ୍ବର ସୁଦ୍ଧା ରାଜ୍ୟରୁ ୭୦ ହଜାର ୩୬୦ ଜଣ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଇଛନ୍ତି। ଗତ ବର୍ଷ ଅର୍ଥାତ ୨୦୨୪ରେ ଏହି ସମୟରେ ରାଜ୍ୟ ବାହାରକୁ ଯାଇଥିବା ଦାଦନଙ୍କ ସଂଖ୍ୟାଠାରୁ ଚଳିତ ବର୍ଷ ଅଧିକ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ସୂଚନା ମିଳିଛି। ବିଡ଼ମ୍ବନା ହେଉଛି ରାଜ୍ୟ ବାହାରକୁ କାମ ଖୋଜିବାକୁ ଯାଇଥିବା ଶ୍ରମିକଙ୍କ ମଧ୍ୟରେ ବଲାଙ୍ଗିର ଜିଲ୍ଲା ସବୁଠୁ ଆଗରେ ରହିଛି। ଦାଦନ ସମସ୍ୟାର ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଟାସ୍କ ଫୋର୍ସ ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିଜ ଜିଲ୍ଲାରୁ ସର୍ବାଧିକ ୫୧ ହଜାର ୫୮୧ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇଛନ୍ତି। ଏହାପରେ ରହିଛି ନୂଆପଡ଼ା ଜିଲ୍ଲା। ଏହି ଜିଲ୍ଲାରୁ ୮୬୫୫ ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇଛନ୍ତି। ରାଜ୍ୟ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଦାଦନ ଚାଲାଣ ପାଇଁ ଠିକାଦାରଙ୍କ ଲାଇସେନ୍ସ ମଧ୍ୟ ଗତବର୍ଷଠାରୁ ଚଳିତ ବର୍ଷ ବୃଦ୍ଧି ପାଇଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଗତବର୍ଷ ୧୦୩୭ ଦାଦନ ଠିକାଦାରଙ୍କୁ ଲାଇସେନ୍ସ ଦିଆଯାଇଥିବାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୧୦୭ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଅଧିକ ଅର୍ଥ ଉପାର୍ଜନ ପାଇଁ କର୍ମ ଅନ୍ୱେଷଣରେ ବାହାର ରାଜ୍ୟକୁ ଶ୍ରମିକମାନେ ଯିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଦୁରବସ୍ଥାରେ ଥିବା ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ନିମନ୍ତେ ଅକ୍ଟୋବର ୨୦୨୪ରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟ ବାହିନୀ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରବାସୀ ଶ୍ରମିକମାନଙ୍କୁ ବିଭିନ୍ନ କର୍ମ ଯୋଗାଣକ୍ଷମ ଯୋଜନା ଓ ସ୍ୱ-ରୋଜଗାର ଯୋଜନା ଗୁଡ଼ିକରେରେ ଅର୍ନ୍ତଭୁକ୍ତ କରାଉଛି। ଏଥିରେ ନିଆଯାଇଥିବା ପଦକ୍ଷେପ ମଧ୍ୟରେ 'ଏମ୍‌ଜିଏନ୍‌ଆରଇଜିଏସ୍'ରେ ୯ଟି ପ୍ରବାସୀ ପ୍ରବଣ ଜିଲ୍ଲାର ୩୦ଟି ବ୍ଲକର ୭୦୪ ଗ୍ରାମପଞ୍ଚାୟତରେ କାର୍ଯ୍ୟଦିବସକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି। ଏହାସହ ରାଜ୍ୟରେ ୧୪ ଟି ପ୍ରବାସୀ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଇତ୍ୟାଦି ଜିଲ୍ଲାଗୁଡ଼ିକରେ ପଞ୍ଚାୟତ ▶ପୃଷ୍ଠା-୭



### ରାଜ୍ୟକୁ କମୁଛି 'ଏମ୍‌ଜିଏନ୍‌ଆରଇଜିଏସ୍' ଅନୁଦାନ

### ଶ୍ରମିକଙ୍କୁ ୩୦୦ କାର୍ଯ୍ୟ ଦିବସ ପ୍ରତିଶ୍ରୁତି ଧୂଆଁବାଣ

# ଭଗବାନ କୃଷ୍ଣଙ୍କୁ ବିବାହ କଲେ ଯୁବତୀ



ଲକ୍ଷ୍ନୌ, ୯।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ବଦାୟୁଁର ଏକ ନିଆରା ପ୍ରେମ କାହାଣୀ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ପ୍ରେମିକା ନିଜ ପ୍ରେମିକର ହାତ ଧରିଛନ୍ତି। ହେଲେ ପ୍ରେମିକ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି। ସେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ। ଏହି ଯୁବତୀ ସମ୍ପୂର୍ଣ୍ଣ ରୀତିନୀତିରେ ଭଗବାନଙ୍କ ବିଗ୍ରହକୁ ବିବାହ କରିଛନ୍ତି। ସାଧାରଣ ବିବାହ ଭଳି ବରଯାତ୍ରୀ ଆସିଛନ୍ତି। ବାଣ ଫୁଟିଛି, ବାରଯାତ୍ରୀ ନାଚିଛନ୍ତି। ଭୋଜିଭାତ ହୋଇ ଗାଁ ଦୁଲୁକିଛି। ମାତାପିତା ସମ୍ପୂର୍ଣ୍ଣ ବିଧିରେ କନ୍ୟାଦାନ କରିଛନ୍ତି। ଇସଲାମନଗର ଥାନା ଅନ୍ତର୍ଗତ କାସିମାବାଦ ଗାଁରେ ଗତ ୬ ତାରିଖରେ ଏଭଳି ବିବାହ ହୋଇଥିଲା। ୨୮ ବର୍ଷୀୟ ପିଙ୍କି ଶର୍ମା ଶ୍ରୀକୃଷ୍ଣଙ୍କ ହାତ ଧରିଛନ୍ତି। ଏହି ବିବାହରେ ପିଙ୍କିଙ୍କ ଭିଣୋଇଙ୍କ ପରିବାର ବରଯାତ୍ରୀ ସାଜି ଆସିଥିଲେ। ସମଗ୍ର ଗ୍ରାମବାସୀ ଅତିଥି ସାଜିଥିଲେ। ପରିବାର ସଦସ୍ୟ ସବୁ ଧର୍ମ ପାଳନ କରିଥିଲେ। ବରଯାତ୍ରୀ ଘରେ ପହଞ୍ଚିବା ପରେ ଦ୍ୱାର ସଜା ଯାଇଥିଲା। କଳାକାରଣାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଭଗବାନ ପ୍ରତିମାକୁ କୋଳରେ ଧରି ପିଙ୍କି ସାତ ଭେରା ବୁଲିଥିଲେ।

ପିଙ୍କିଙ୍କ ବାପା ସୁରେଶ ଚନ୍ଦ୍ର ଶର୍ମା କହିଛନ୍ତି ଯେ ଝିଅ ପିଲାଦିନରୁ ଧାର୍ମିକ ଥିଲେ। ସେ ପ୍ରାୟତଃ ତାଙ୍କ ପରିବାର ସହିତ ବୃନ୍ଦାବନ ଯାଉଥିଲେ। ଧୀରେ ଧୀରେ ସେ କୃଷ୍ଣଙ୍କୁ ନିଜର ସବୁକିଛି ଭାବିବାକୁ ଲାଗିଲେ। ତେବେ ଗତ ଚାରି ମାସ ତଳେ ପିଙ୍କିଙ୍କ ସହ ଏକ ଅଲୌକିକ ଘଟଣା ଘଟିଥିଲା। ସେ ବାଙ୍କେ ବିହାରୀ ମନ୍ଦିରରେ ପ୍ରସାଦ ସେବନ କରୁଥିବା ବେଳେ କୋଳରେ ଏକ ସୁନା ମୁଦି ପଡିଥିବାର ଦେଖାଯାଇଥିଲା। ପିଙ୍କି ଏହାକୁ ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ଭାବି ନେଇଥିଲେ ଏବଂ କେବଳ କୃଷ୍ଣଙ୍କୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ପରିବାର ସଦସ୍ୟ ଏଥିପାଇଁ ରାଜି ନ ଥିଲେ। ଝିଅ ବୁଝାଇବାରୁ ସେ ଏହି ବିବାହ ପାଇଁ ମଙ୍ଗି ଥିଲେ।

# ଛାତ୍ରୀଙ୍କ ମୁଣ୍ଡରେ ସିଲିଣ୍ଡର, ପିଠିରେ ସ୍କୁଲ୍ ବ୍ୟାଗ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବିଚଳିତ କରିବା ଭଳି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ୨୮ ସେକେଣ୍ଡର ଭିଡିଓରେ ଜଣେ ଛାତ୍ରୀଙ୍କୁ ଦେଖାଯାଉଛି। ଜଣେ ସ୍କୁଲ ଛାତ୍ରୀ ତାଙ୍କ ମୁଣ୍ଡରେ ଏକ ଗ୍ୟାସ ସିଲିଣ୍ଡର ଏବଂ ପିଠିରେ ସ୍କୁଲ୍ ବ୍ୟାଗ ପକାଇ ଯାଉଥିବା ଦେଖାଯାଉଛି। ତେବେ ଏହି ଭିଡିଓ କେବେ ଏବଂ କେଉଁଠାର ତାହା ଜଣାପଡ଼ି ନାହିଁ। ଲୋକେ ଏହି ଭିଡିଓ ଦେଖି ଭାବପ୍ରବଣ ହୋଇଯାଇଛନ୍ତି। ଏହି ଛାତ୍ରୀ ସ୍କୁଲରୁ ଫେରୁଥିବା ପରି ଲାଗୁଛି। ଦାୟିତ୍ୱର ବୋଝ ତାଙ୍କୁ ଏପରି କରିବାକୁ ବାଧ କରୁଥିବା ଭଳି ମନେ ହେଉଛି। ଏକା ସଙ୍ଗେ ଦୁଇ ଦୁଇଟି କର୍ତ୍ତବ୍ୟ ନିର୍ବାହ କରୁଥିବା ଛାତ୍ରୀଙ୍କ ଏହି ଭିଡିଓ ତାଙ୍କ ସଂଘର୍ଷମୟ ଜୀବନର କରୁଣ କାହାଣୀକୁ ଦର୍ଶାଉଛି। ଛାତ୍ରୀ ବିନା ଦ୍ୱିଧାରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଉଥିବା ଦେଖାଯାଉଛି। ଏହି ଭିଡିଓକୁ ନେଇ ଲୋକେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଉଛନ୍ତି। ଜଣେ ଲେଖିଛନ୍ତି ଯେ ଦାରିଦ୍ର୍ୟ ପିଲାମାନଙ୍କ ଶୈଶବକୁ ଛଡ଼ାଇ ନେଉଛି ବୋଲି ଏହା ଦର୍ଶାଉଛି। ଅନ୍ୟ ଜଣେ ଲେଖିଛନ୍ତି, ଦାୟିତ୍ୱ ବୟସ ଦେଖି ନଥାଏ, କିନ୍ତୁ ସମାଜ ଏହା ନିଶ୍ଚିତ ଦେଖିବା ଉଚିତ୍। ସେହିପରି କୌଣସି ପିଲା ଏପରି ସ୍ଥିତିର ସମ୍ମୁଖୀନ ନ ହୁଅନ୍ତୁ ବୋଲି ଆଉ ଜଣେ ବ୍ୟକ୍ତି କହିଛନ୍ତି।



# ଜନ୍ମଦିନରେ ସୋନିଆ ଗାନ୍ଧୀଙ୍କୁ କୋର୍ଟ ନୋଟିସ୍



ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ ମଙ୍ଗଳବାର ୭୯ତମ ଜନ୍ମ ଦିବସ ପାଳନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପଟେ ଜନ୍ମଦିନରେ ସୋନିଆଙ୍କୁ ଅଜବ ଉପହାର ମିଳିଛି। ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସୋନିଆଙ୍କୁ ନୋଟିସ ଜାରି କରିଛନ୍ତି। ୧୯୮୦-୮୧ ଭୋଟର ତାଲିକାରେ ବେଆଇନ ଭାବେ ନାମ ସାମିଲ କରିବା ମାମଲାର ବିଚାର କରି କୋର୍ଟ ଏହି ପଦକ୍ଷେପ ନେଇଛନ୍ତି। ଜାନୁଆରୀ ୬ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। କୋର୍ଟ ଏହି ମାମଲାରେ ଦିଲ୍ଲୀ ପୁଲିସକୁ ମଧ୍ୟ ଜବାବ ମାଗିଛନ୍ତି। ସୋନିଆ ଗାନ୍ଧୀ ଭାରତୀୟ ନାଗରିକ ହେବା ପୂର୍ବରୁ ତାଙ୍କ ନାମକୁ ଭୋଟର ତାଲିକାରେ ସାମିଲ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ମାଜିଷ୍ଟ୍ରେଟଙ୍କ କୋର୍ଟ ଏହି ମାମଲାରେ ଦାଏର ଅଭିଯୋଗକୁ ଖାରଜ କରିଦେଇଥିଲେ। କୋର୍ଟ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ସମ୍ପୂର୍ଣ୍ଣ ମାମଲାର ରେକର୍ଡ (ଟିସିଆର) ଦେବାକୁ କହିଛନ୍ତି। ମା ଓକିଲ ବିକାଶ ତ୍ରିପାଠୀ ଏହି ଆବେଦନ ଦାଏର କରିଥିଲେ। ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗାନେ ଏହାର ଶୁଣାଣି କରିଥିଲେ। ଆବେଦନକାରୀ ଦାବି କରିଥିଲେ ଯେ, ୧୯୮୦ର ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରର ଭୋଟର ତାଲିକାରେ ସୋନିଆଙ୍କ ନାମ ଥିଲା। ସେତେବେଳେ ସେ ଭାରତୀୟ ନାଗରିକ ହୋଇ ନ ଥିଲେ। ୧୯୮୩ ଏପ୍ରିଲରେ ତାଙ୍କୁ ଭାରତୀୟ ନାଗରିକତା ମିଳିଥିଲା। ଏଭଳି କରିବା ଅପରାଧ ବୋଲି ଓକିଲ କହିଥିଲେ। କୋର୍ଟ ଏହାକୁ ନେଇ ସୋନିଆଙ୍କ ପକ୍ଷ ଶୁଣିବା ନିମନ୍ତେ ନୋଟିସ ଜାରି କରିଥିଲେ।

# ହୃଦ୍‌ଘାତରେ ମହିଳା ବିଏଲଓଙ୍କ ମୃତ୍ୟୁ

ଭୋପାଳ, ୯।୧୨ (ଏଜେନ୍ସି):ମଧ୍ୟପ୍ରଦେଶ ସାଗର ଜିଲ୍ଲା ନିୱାରୀର ବିଏଲଓ ଲକ୍ଷ୍ମୀ ଜୋରାଲିଆ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ଏକ ସରକାରୀ ପ୍ରାଥମିକ ଶିକ୍ଷକ ଥିଲେ। ମୃତକଙ୍କ ପୁଅ କହିଛନ୍ତି ଯେ, ଏସଆଇଆରକୁ ନେଇ ମାଆ ମାନସିକ ଚାପରେ ଥିଲେ। ଏଥିଯୋଗୁଁ ୧୦ ଦିନ ତଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ସେହି ଦିନଠାରୁ ସାଗର ଡାକ୍ତରଖାନାରେ ଏବଂ ଭୋପାଳର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ସେ ଚାରି ପାଞ୍ଚ ବର୍ଷ ହେଲା ବିଏଲଓ ଭାବେ କାମ କରୁଥିବା ପରିବାର ସଦସ୍ୟ କହିଛନ୍ତି। ସୂଚନାଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ରାଜ୍ୟର ୮ ବିଏଲଓ ପ୍ରାଣ ହରାଇଲେଣି।

# ଭାରତ ଆସିପାରନ୍ତି ଜେଲେଁସ୍କି

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ଆସନ୍ତା ମାସରେ ଭାରତ ଗସ୍ତରେ ଆସିପାରନ୍ତି। ତେବେ ଏ ପର୍ଯ୍ୟନ୍ତ ଏହାର ତାରିଖ ଧାର୍ଯ୍ୟ ହୋଇନାହିଁ। ଏହା ଜେଲେଁସ୍କିଙ୍କ ପ୍ରଥମ ଭାରତ ଗସ୍ତ ହେବ। ୟୁକ୍ରେନୀୟ ରାଷ୍ଟ୍ରପତିମାନେ କେବଳ ତିନିଥର ୧୯୯୨, ୨୦୦୨ ଏବଂ ୨୦୧୨ରେ ଭାରତ ଗସ୍ତରେ ଆସିଥିଲେ। ଶେଷ ଥର ପାଇଁ ରାଷ୍ଟ୍ରପତି ଭିକ୍ଟର ୟାନୁକୋଭିଚ୍ ୨୦୧୨ରେ ଭାରତ ଗସ୍ତରେ ଆସିଥିଲେ। ରିପୋର୍ଟ ଅନୁଯାୟୀ, ରୁଷ ଏବଂ ୟୁକ୍ରେନ ମଧ୍ୟରେ ଭାରତ ସନ୍ତୁଳନ ବଜାୟ ରଖିବାକୁ ଚାହୁଁଛି। ୨୦୨୪ରେ ମଧ୍ୟ ଭାରତ ଏପରି କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ମସ୍କୋ ଗସ୍ତ କରି ପୁଟିନଙ୍କ ସହ ସାକ୍ଷାତ କରିଥିଲେ। ଏହାର କିଛି ସପ୍ତାହ ପରେ ସେ ଜେଲେଁସ୍କିଙ୍କ ସହ ସାକ୍ଷାତ ପାଇଁ କିଭ ଗସ୍ତରେ ଯାଇଥିଲେ। ଗତ କିଛି ମାସ ହେଲା ଭାରତ ଏବଂ ୟୁକ୍ରେନୀୟ ଅଧିକାରୀଙ୍କ ମଧ୍ୟରେ ଆନୁଷ୍ଠାନିକ ଆଲୋଚନା ଜାରି ରହିଛି। ପୁଟିନଙ୍କ ଗସ୍ତ ପୂର୍ବରୁ ଏହା ଆରମ୍ଭ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଜେଲେଁସ୍କିଙ୍କ ଗସ୍ତ କେବେ ଏବଂ କିପରି ହେବ ତାହା ଅନେକ ପ୍ରସଙ୍ଗ ଉପରେ ନିର୍ଭର କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଶାନ୍ତି ଯୋଜନା, ଯୁଦ୍ଧର ସ୍ଥିତି, ୟୁକ୍ରେନ ରାଜନୀତିକୁ ଦେଖି ଏହା ସ୍ଥିର କରାଯିବ। କାରଣ ଏବେ ଜେଲେଁସ୍କି ସରକାର ଉପରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏଥିପାଇଁ ରାଷ୍ଟ୍ରପତି ଚାପରେ ଅଛନ୍ତି।



# ସାଂସ୍କୃତିକ ରାଷ୍ଟ୍ରବାଦକୁ ଜାଗ୍ରତ କରିଥିଲା 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଲୋକସଭା ପରେ ମଙ୍ଗଳବାର ରାଜ୍ୟସଭାରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ' ଉପରେ ଚର୍ଚ୍ଚା ହୋଇଛି। ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗାନ୍ଧୀ ପରିବାରକୁ ସମାଲୋଚନା କରିଛନ୍ତି। ଏହି ସଙ୍ଗୀତ ଭାଗ ଭାଗ ହେବାରୁ ଦେଶ ବିଭାଜନ ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଦାୟୀ କରିଛନ୍ତି। ତାଙ୍କ ଯୋଗୁଁ 'ବନ୍ଦେ ମାତରମ' ସଂପୂର୍ଣ୍ଣ ହୋଇପାରିନଥିଲା। ୧୯୩୭ରେ ନେହରୁ ବନ୍ଦେ ମାତରମର ୨ଟି ପାରାକୁ ମାନ୍ୟତା ଦେଇଥିଲେ। ଏହିଠାରୁ ଦେଶରେ ତୁଷ୍ଟୀକରଣ ରାଜନୀତି ଆରମ୍ଭ ହୋଇଥିଲା। ଏହି ନିଷ୍ପତ୍ତି ପାଇଁ ଦେଶ ବିଭାଜନର ରାସ୍ତା ପ୍ରସ୍ତୁତ କରାଯାଇଥିଲା। ଯଦି ସେ ସମୟରେ ସମ୍ପୂର୍ଣ୍ଣ ବନ୍ଦେ ମାତରମକୁ ସ୍ୱୀକାର କରାଯାଇଥାଆନ୍ତା ତେବେ ଭାରତ ବିଭାଜନ ହୋଇ ନ ଥାଆନ୍ତା। ବନ୍ଦେ ମାତରମକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶକୁ ବନ୍ଦୀ ବନାଇ ଦିଆଯାଇଥିଲା। ଶାହା କହିଥିଲେ ଯେ ବନ୍ଦେ ମାତରମ ଭାରତର ସାଂସ୍କୃତିକ ରାଷ୍ଟ୍ରବାଦକୁ ଜାଗ୍ରତ କରାଇଥିଲା। ଏହା ସ୍ୱାଧୀନତା ସଂଗ୍ରାମ ସମୟରେ ଯେତିକି ପ୍ରାସଙ୍ଗିକ ଥିଲା ଏବେ ମଧ୍ୟ ସେତିକି ରହିଛି। ଯେଉଁମାନେ ଏହାର ମହତ୍ତ୍ୱ ଜାଣିନାହାନ୍ତି, ସେମାନେ ତାହାକୁ ନିର୍ବାଚନ ସହ ଯୋଡୁଛନ୍ତି।



■ ଯେଉଁମାନେ ଏହାର ମହତ୍ତ୍ୱ ଜାଣିନାହାନ୍ତି, ସେମାନେ ନିର୍ବାଚନ ସହ ଯୋଡୁଛନ୍ତି: ଶାହା
■ ଅସଲ ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଉଦ୍ୟମ କରୁଛନ୍ତି ସରକାର: ଖଡ଼ଗେ

ଅନ୍ୟପକ୍ଷରେ ରାଜ୍ୟସାରେ ବିରୋଧୀ ଦଳର ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ ଯେ କୌଣସି କାର୍ଯ୍ୟକ୍ରମରେ ବନ୍ଦେ ମାତରମର ଆଗ ଦୁଇ ପାରା ବୋଲିବାକୁ ନେହେରୁ, ମହାତ୍ମା ଗାନ୍ଧୀ, ମୌଲାନା ଆଜାଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସର୍ଦ୍ଦାର ପଟେଲଙ୍କ ଭଳି କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ। ଏହି କମିଟିରେ କ'ଣ ନେହେରୁ ଏକାକୀ ଥିଲେ କି? ଏଭଳି ମନ୍ତବ୍ୟ ଦେଇ ସବୁ ବଡ଼ ନେତାଙ୍କୁ ଅପମାନିତ କରାଯାଉଛି। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ କାହିଁକି ନେହରୁଙ୍କୁ ନିଶାଣ କରୁଛନ୍ତି ବୋଲି ଖଡଗେ ପଚାରିଥିଲେ। ସେ କହିଥିଲେ ଯେ ଏହି ଜାତୀୟ ସଙ୍ଗୀତ ପ୍ରତ୍ୟେକ ଭାରତୀୟ ଆତ୍ମାରେ ରହିଛି। ତେବେ ଏହାକୁ ନେଇ ରାଜନୀତି କରାଯିବ ଉଚିତ ନୁହେଁ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ, ବେକାରୀ ସମସ୍ୟା ଓ ଦରଦାମ ପରିସ୍ଥିତି ଉପରେ ମଧ୍ୟ ଆଲୋଚନା ହେଉ। ଏଭଳି ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ଲାଗି ସରକାର ବନ୍ଦେ ମାତରମ ଉପରେ ଆଲୋଚନା କରୁଛନ୍ତି।

ସେହିପରି ଏହି ସଙ୍ଗୀତ ଦେଶକୁ ଏକାଠି କରି ରଖୁଛି ବୋଲି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ କହିଥିଲେ। ସମସ୍ତେ ଏକାଠି ହୋଇ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ।

# ଏସ୍‌ଆଇଆର ଆଲୋଚନା ବେଳେ ରାହୁଲଙ୍କ ପ୍ରଶ୍ନ

## ନିର୍ବାଚନ କମିସନ ମନୋନୟନ କମିଟିରୁ ସିଜେଆଇଙ୍କୁ ବାଦ୍ ଦିଆଗଲା କାହିଁକି?

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନର ମନୋନୟନ ଲାଗି ଉଦ୍ଦିଷ୍ଟ କମିଟିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ କାହିଁକି ହଟାଗଲା? ଏହା ପଛରେ ଉଦ୍ଦେଶ୍ୟ କଣ? ଲୋକସଭାରେ ଆଜି ଏସଆଇଆର ଉପରେ ସ୍ୱତନ୍ତ୍ର ଆଲୋଚନା ବେଳେ ଏଭଳି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ତିନି ଜଣିଆ ମନୋନୟନ କମିଟିରେ ବିରୋଧୀ ଦଳର ନେତା ହିସାବରେ ସେ ଜଣେ ସଭ୍ୟ ଥିଲେ ମଧ୍ୟ ତାଙ୍କର ମତାମତ କୌଣସି ଗୁରୁତ୍ୱ ରଖେନାହିଁ। କାରଣ ଅନ୍ୟ ଦୁଇ ଜଣ ସଭ୍ୟ ହେଉଛନ୍ତି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ। ସେ କହିଲେ ଯେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତିନି ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଏବଂ ବିରୋଧୀ ଦଳର ନେତା ସଭ୍ୟ ଥିଲେ। କିନ୍ତୁ ୨୦୨୩ରେ ସରକାର ନୂଆ ଆଇନ ପ୍ରଣୟନ କରି ମନୋନୟନ କମିଟିରୁ ପ୍ରଧାନ ବିଚାରପତିଙ୍କ ନାମ ହଟାଇଦେଇଥିଲେ। ତାଙ୍କ ସ୍ଥାନରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ରଖାଗଲା। ଏହା ପଛରେ କି ଉଦ୍ଦେଶ୍ୟ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ ନିର୍ବାଚନ କମିସନରଙ୍କୁ ସୁରକ୍ଷା ଦେବାକୁ ଯାଇ କେନ୍ଦ୍ର ସରକାର ଆଉ ଏକ ଆଇନ ଆଣିଥିଲେ। ଏହି ଆଇନ ଅନୁଯାୟୀ ଦାୟିତ୍ୱରେ ଥିବା ବେଳେ କୌଣସି ତ୍ରୁଟି ପାଇଁ ନିର୍ବାଚନ କମିସନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ। ତାଙ୍କ ଇଙ୍ଗିତରେ କାମ କରିବା ଲାଗି ନିର୍ବାଚନ କମିସନଙ୍କୁ ସରକାର ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି। ଏହାର ପରିଣାମ ସ୍ୱରୂପ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁହାଇଲା ଭଳି ନିର୍ବାଚନ ତାରିଖ ଘୋଷଣା କରାଯାଉଛି। ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ ନିର୍ବାଚନର ୪୫ ଦିନ ପରେ ଭୋଟଦାନ କେନ୍ଦ୍ରର ସିସିଟିଭି ଫୁଟେଜ୍ ନଷ୍ଟ କରିବା ଲାଗି କାହିଁକି ଆଉ ଏକ ଆଇନ ପ୍ରଣୟନ କରାଗଲା?



ନିର୍ବାଚନ କମିସନ ସରକାରଙ୍କ କଥାରେ ପରିଚାଳିତ ହେଉଛନ୍ତି ବୋଲି ଅଭିଯୋଗ କରି ରାହୁଲ କହିଲେ ଯେ ଭୋଟ ଜାଲିଆତିକୁ ନେଇ ସେ ଯେଉଁ ସବୁ ପ୍ରଶ୍ନ ଉଠାଇଛନ୍ତି, ତାହାର ଉତ୍ତର ଏପର୍ଯ୍ୟନ୍ତ ଦେଇ ନାହାନ୍ତି କମିସନ। ସେ କହିଲେ ଯେ କମିସନ ସହାୟତାରେ କ୍ଷମତାସୀନ ବିଜେପି ଗୋଟିଏ ପରେ ଗୋଟିଏ ନିର୍ବାଚନ ଜିତି ଚାଲିଛି। ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ବିହାର ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। କେବଳ ବିହାରରେ ଏସଆଇଆର ସତ୍ତ୍ୱେ ଏକ ଲକ୍ଷ ୨୦ ହଜାରରୁ ଅଧିକ ନକଲି ଫଟୋ ଦେଖିବାକୁ ମିଳିଛି। ନିର୍ବାଚନ କମିସନ ଓ ବିଜେପି ମିଳିମିଶି ଭୋଟ ଚୋରି କରୁଛନ୍ତି। ଏହାଠାରୁ ବଡ଼ ଦେଶବିରୋଧୀ କାର୍ଯ୍ୟକଳାପ ଆଉ କିଛି ନୁହେଁ ବୋଲି ସେ କହିଛନ୍ତି।

ଆଲୋଚନାରେ ଅଂଶ ଗ୍ରହଣ କରି ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଲେ ଯେ ରାହୁଲ ଗାନ୍ଧୀ ଯେଉଁ ଇଭିଏମ୍‌କୁ ଦୋଷ ଦେଉଛନ୍ତି, ସେହି ଇଭିଏମର ପ୍ରଚଳନ କରିଥିଲେ ତାଙ୍କର ପିତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ। ୧୯୮୭ରେ ସେ ଏହାର ପ୍ରୟୋଗ କରିବାକୁ ଆରମ୍ଭ କରିଥିଲେ। ନରସିଂହ ରାଓଙ୍କ ନେତୃତ୍ୱାଧୀ କଂଗ୍ରେସ ସରକାର ଏହାର ଆନୁଷ୍ଠାନିକ ପ୍ରଚଳନ କରିଥିଲା। ରାହୁଲଙ୍କ ଭୋଟ ଚୋରି ଅଭିଯୋଗର ଉତ୍ତର ଦେଇ ସେ କହିଲେ ଯେ କଂଗ୍ରେସ ସମୟରେ ହିଁ ଗଣତନ୍ତ୍ରକୁ ଦମନ କରାଯାଇଥିଲା।

# ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଦେଶ ଛାଡ଼ି ପଳାଇଲେ ମାଲିକ

ପାନାଜୀ, ୯।୧୨ (ଏଜେନ୍ସି):ଯାହା ଆଶା କରାଯାଉଥିଲା ତାହା ହିଁ ହୋଇଛି। ଗୋଆ କ୍ଲବ୍ 'ବର୍ଚ ବାଏ ରୋମିଓ ଲେନ'ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ଜୀବନ ଯିବାର ଦିନକ ପରେ ଏହାର ମାଲିକ ଗୌରବ ଲୁଥରା ଏବଂ ସୌରଭ ଲୁଥରା ଦେଶ ଛାଡ଼ି ଫେରାର ହୋଇଯାଇଛନ୍ତି। ଉଭୟେ ଥାଇଲାଣ୍ଡ ପଳାଇ ଥିବା ଗୋଆ ପୁଲିସ କହିଛି। ଉଭୟଙ୍କୁ ଆଣିବା ପାଇଁ ଇଣ୍ଟରପୋଲର ସହାୟତା ନିଆଯାଇ ଉଭୟଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି। ତେବେ ମଙ୍ଗଳବାର ଦୁଇ ଭାଇଙ୍କ ଥାଇଲାଣ୍ଡ ଫଟୋ ସାମ୍ନାକୁ ଆସିଛି। ଗୋଆ ସରକାର ଉଭୟଙ୍କୁ କେମିତି ଧରି ପାରିଲେନି ବୋଲି ଏବେ ପ୍ରଶ୍ନ ଉଠୁଛି। ଜାଣିଶୁଣି ଦୁଇ ଭାଇଙ୍କୁ ବିଦେଶ ଯିବାରେ ସହାୟତା କରାଗଲା ବୋଲି ଅଭିଯୋଗ ଲାଗୁଛି। ଏପରି ସମୟରେ ସରକାର ଦୁଇ ଭାଇଙ୍କ ଆଉ ଏକ କ୍ଲବ 'ରୋମିଓ ଲେନ'କୁ ଭାଙ୍ଗି ଦେଇଛନ୍ତି। କାରଣ ସରକାରୀ ଜମିରେ ଏହାର ନିର୍ମାଣ କରାଯାଇଥିଲା।



■ ଦୁଇ ଭାଇଙ୍କୁ 'ବ୍ଲୁ କର୍ଣ୍ଣର' ନୋଟିସ
■ ମାଟିରେ ମିଶିଲା ଲୁଥରା ଭାଇଙ୍କ ଆଉ ଏକ କ୍ଲବ୍

ସୂଚନା ଅନୁଯାୟୀ, ଉଭୟଙ୍କୁ ସନ୍ଧାନ କରି ପୁଲିସ ଘରେ ପହଞ୍ଚି ଥିଲା। କିନ୍ତୁ ନ ପାଇ ଦୁଇ ଭାଇଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରାଯାଇଥିଲା। ଇନଷ୍ଟାଗ୍ରାମରେ କ୍ଲବ ମାଲିକ ସୌରଭ ଲୁଥ୍ରା ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିଥିଲେ। ସେ ପୀଡ଼ିତମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରସ୍ତୁତ ଥିବା କହିଥିଲେ। ଅନ୍ୟପଟେ ତଦନ୍ତରୁ ଜଣାପଡିଛି ଯେ ଆବଶ୍ୟକୀୟ କାଗଜପତ୍ର ଏବଂ ଲାଇସେନ୍ସ ବିନା ନାଇଟ୍ କ୍ଲବ୍ ପରିଚାଳିତ ହେଉଥିଲା। ଏହି ଅଗ୍ନିକାଣ୍ଡ ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କଲାଣି। ତେବେ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ପରିବର୍ତ୍ତେ, ଉଦ୍ଦେଶ୍ୟ ନ ଥିବା ହତ୍ୟାକାଣ୍ଡ ମାମଲା ରୁଜୁ କରାଯାଇଥିବାରୁ ପୁଲିସ ଆଭିମୁଖ୍ୟ ପ୍ରତି ପ୍ରଶ୍ନ ଉଠୁଛି।

# ମାଆଙ୍କ ଆଧାରରେ ଝିଅକୁ ଜାତି ପ୍ରମାଣପତ୍ର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି। ଜଣେ ଝିଅକୁ ତାଙ୍କ ମା'ଙ୍କ ଜାତି ଆଧାରରେ ଅନୁସୂଚିତ ଜାତି(ଏସସି) ପ୍ରମାଣପତ୍ର ପ୍ରଦାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମତି ଦେଇଛନ୍ତି। ଏହି ରାୟ ଏକ ଉଦାହରଣ ସୃଷ୍ଟି କରିଛି। କାରଣ ପୂର୍ବରୁ ବାପାଙ୍କ ଆଧାରରେ ପିଲାଙ୍କୁ ଜାତି ପ୍ରମାଣପତ୍ର ମିଳୁଥିଲା। ପୁଡୁଚେରୀର ଜଣେ ଝିଅ ଏଥିପାଇଁ ଆବେଦନ କରିଥିଲେ। ତାଙ୍କ ମାଆ 'ଆଦି ଦ୍ରାବିଡ' (ଏସ୍‌ସି) ବର୍ଗର ଥିଲେ। କିନ୍ତୁ ସେ ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ବିବାହ କରିଥିଲେ। ମାତ୍ର ଶିକ୍ଷା କ୍ୟାରିୟରର ସୁରକ୍ଷା ପାଇଁ ମାଆଙ୍କ ଜାତିର ପ୍ରମାଣପତ୍ର ଆବଶ୍ୟକ ଥିଲା। କ୍ୟାରିୟର ବର୍ବାଦ ହେବାର ଆଶଙ୍କା କରି ସୁପ୍ରିମକୋର୍ଟ ଏହି ଅନୁମତି ଦେଇଛନ୍ତି। ପୂର୍ବରୁ ମଧ୍ୟ ବାପାଙ୍କ ଆଧାରରେ ଜାତି ପ୍ରମାଣପତ୍ର ଜାରିକୁ ବିରୋଧ କରି ଅନେକ ଆବେଦନ ଦାଏର କରାଯାଇଛି। ମାତ୍ର କୋର୍ଟରେ ଏହି ମାମଲା ଗୁଡ଼ିକ ପଡ଼ି ରହିଛି। ମାଡ୍ରାସ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ଏହି ଆବେଦନ ଉପରେ ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ସୋମବାର କହିଥିଲେ ଯେ ଅନୁସୂଚିତ ଜାତି ପ୍ରମାଣପତ୍ର ବିନା ଝିଅର ଶିକ୍ଷାଗତ କ୍ୟାରିୟର କ୍ଷତିଗ୍ରସ୍ତ ହେବ। ଆମେ ଏବେ ଆଇନର ପ୍ରଶ୍ନକୁ ମୁକ୍ତ ରଖୁଛୁ। ତେବେ ଏହା ଭବିଷ୍ୟତରେ ବଡ଼ ବିତର୍କ ସୃଷ୍ଟି କରିପାରେ। ପରିବର୍ତ୍ତିତ ସମୟ ସହିତ ମାଆଙ୍କ ଜାତି ଆଧାରରେ ସନ୍ତାନଙ୍କୁ କାହିଁକି ଜାତି ପ୍ରମାଣପତ୍ର ପ୍ରଦାନ କରାଯିବ ନାହିଁ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଉଚ୍ଚ ଜାତିର ପୁରୁଷଙ୍କୁ ବିବାହ କଲେ ଏସ୍‌ସି ମହିଳାଙ୍କଠୁ ଜନ୍ମିତ ଏବଂ ଉଚ୍ଚ ଜାତିର ପରିବାରରେ ପାଳିତ ସନ୍ତାନମାନେ ମଧ୍ୟ ଏସସି ପ୍ରମାଣପତ୍ର ପାଇବାର ହକଦାର ହେବେ ବୋଲି ଏହି ରାୟର ଅର୍ଥ ହେବ।

ରିପୋର୍ଟ ଅନୁଯାୟୀ, ଦୁଇ ଝିଅ ଏବଂ ପୁଅ ମାଆଙ୍କ ଆଧାରରେ ଏସ୍‌ସି ପ୍ରମାଣପତ୍ର ପ୍ରଦାନ ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। କାରଣ ତାଙ୍କ ସ୍ୱାମୀ ବିବାହ ପରଠାରୁ ତାଙ୍କ ନିଜ ଘରେ ବାପା ମା'ଙ୍କ ସହ ରହୁଥିଲେ। ଆବେଦନରେ ମହିଳା ଯୁକ୍ତି କରିଥିଲେ ଯେ, ତାଙ୍କ ପିତାମାତା ଏବଂ ଜେଜେମାଆ ହିନ୍ଦୁ ଦ୍ରାବିଡ଼ ସମ୍ପ୍ରଦାୟର ଥିଲେ।

# ଇଣ୍ଡିଗୋର ୪୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଇଣ୍ଡିଗୋ ଅଚଳାବସ୍ଥା ଆଜି ଅଷ୍ଟମ ଦିନରେ ପହଞ୍ଚିଛି। ମଙ୍ଗଳବାର ସକାଳ ୧୦ଟା୩୦ ସୁଦ୍ଧା ବେଙ୍ଗାଲୁରୁ, ହାଇଦରାବାଦ ଆଦି ବିମାନବନ୍ଦରରେ ୪୦୦ରୁ ଅଧିକ ଉଡ଼ାଣ ବାତିଲ କରିଦିଆଯାଇଛି। ଗତ ୭ ଦିନରେ ୪୫୦୦ରୁ ଅଧିକ ଉଡ଼ାଣ ବାତିଲ ହେଲାଣି। ମାତ୍ର ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଉଡ଼ାଣ ସ୍ୱାଭାବିକ ହେବାରେ ଲାଗିଛି। ଏବେ ପରିଚାଳନା ସ୍ଥିର ରହିଛି। ଲକ୍ଷାଧିକ ଯାତ୍ରୀଙ୍କୁ ଅର୍ଥ ଫେରସ୍ତ କରାଯାଉଛି। ସବୁ ୧୩୮ ମାର୍ଗରେ ଉଡ଼ାଣ ଆରମ୍ଭ ହୋଇଛି। ସରକାରଙ୍କ ସହ ମଧ୍ୟ ସହଯୋଗ କରୁଛୁ। ତେବେ ପରିଚାଳନା ବିଭ୍ରାଟକୁ ନେଇ ଡିଜିସିଏ ସାମ୍ନାରେ ଇଣ୍ଡିଗୋ ଯେଉଁ ଉତ୍ତର ରଖିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏ ପର୍ଯ୍ୟନ୍ତ ପରିଚାଳନା ସମସ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଡିଜିସିଏର ମାନୁଆଲରେ ଏସ୍‌ସିଏନ ଉପରେ ଜବାବ ଦେବା ପାଇଁ ୧୫ ଦିନ ମିଳିଥାଏ। ତେଣୁ ମୂଳ କାରଣର ବିଶ୍ଳେଷଣ (ଆରସିଏ) ପାଇଁ ଅଧିକ ସମୟ ଦରକାର। ଅନ୍ୟପଟେ ଇଣ୍ଡିଗୋର ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଲୋକସଭାରେ କହିଛନ୍ତି। ଯାତ୍ରୀଙ୍କ ସୁରକ୍ଷା ପାଇଁ ନିୟମ ଅଣାଯିବ। ଇଣ୍ଡିଗୋକୁ ତୁରନ୍ତ ଟିକଟ ଅର୍ଥ ଫେରସ୍ତ କରିବା ପାଇଁ କୁହାଯାଇଛି। ଏହି ଏୟାରଲାଇନର ବିମାନ ସଂଖ୍ୟା ହ୍ରାସ କରିଦିଆଯାଇଛି। ଏହି ସ୍ଲଟ ଅନ୍ୟ ଏୟାରଲାଇନଙ୍କୁ ପ୍ରଦାନ କରାଯିବ।

ଇଣ୍ଡୋନେସିଆରେ ଅଫିସ କୋଠାରେ ନିଆଁ

# ୧୫ ମହିଳାଙ୍କ ସମେତ ୨୨ ମୃତ

ଜାକାର୍ତ୍ତା, ୯।୧୨ (ଏଜେନ୍ସି):ଇଣ୍ଡୋନେସିଆ ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ୭ ମହଲା ବିଶିଷ୍ଟ ଅଫିସ କୋଠାରେ ମଙ୍ଗଳବାର ଦ୍ୱିପହରେ ନିଆଁ ଲାଗି ଯାଇଛି। ଏହି ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୫ ମହିଳା ଏବଂ ୭ ପୁରୁଷ ସାମିଲ ଅଛନ୍ତି। ଶ୍ୱାସରୁଦ୍ଧ ହୋଇ ଏମାନେ ପ୍ରାଣ ହରାଇ ଥିଲେ ବୋଲି କୁହାଯାଇଛି। ଆଉ କିଛି ଲୋକ ବି କୋଠା ଭିତରେ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି କୋଠାରେ 'ଟେରା ଡ୍ରୋନ ଇଣ୍ଡୋନେସିଆ'ର କାର୍ଯ୍ୟାଳୟ ଥିଲା। ଏହି କମ୍ପାନୀ ଖଣି ଏବଂ କୃଷି କ୍ଷେତ୍ର ସମ୍ବନ୍ଧିତ କାର୍ଯ୍ୟ ପାଇଁ ଡ୍ରୋନ ସର୍ଭେ କରୁଥିଲା। ରିପୋର୍ଟ ଅନୁଯାୟୀ, ପ୍ରଥମ ମହଲାରେ ଥିବା ଏକ ବ୍ୟାଟେରୀରେ ବିସ୍ଫୋରଣ ହୋଇ ନିଆଁ ଆରମ୍ଭ ହୋଇଥିଲା। ଏହା ଦେଖୁ ଦେଖୁ ଅନ୍ୟ ମହଲାକୁ ବ୍ୟାପି ଯାଇଥିଲା। ଏହି ସମୟରେ କର୍ମଚାରୀ ଖାଦ୍ୟ ଖାଉଥିବାରୁ କେହି ବାହାରକୁ ବାହାରି ପାରି ନ ଥିଲେ। ପ୍ରଥମେ କର୍ମଚାରୀ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ଏହାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ବ୍ୟାଟେରି ଯୋଗୁଁ ନିଆଁ କ୍ଷିପ୍ର ଗତିରେ ବ୍ୟାପି ଯାଇଥିଲା। ଏହା ଚାହୁଁ ଚାହୁଁ ସପ୍ତମ ମହଲା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ତଳେ ନିଆଁ ଲାଗିଥିବାରୁ ବାହାରକୁ ଯିବାର ରାସ୍ତା ବନ୍ଦ ହୋଇଯାଇଥିଲା। ଫଳରେ କର୍ମଚାରୀ ଭିତରେ ଫସି ରହିଥିଲେ। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଯାଇଥିଲେ। ଏବେ ସମ୍ପୂର୍ଣ୍ଣ କୋଠାର ଯାଞ୍ଚ କରାଯାଉଛି।

■ ଭୋଜନ କରୁଥିବାରୁ ବାହାରି ପାରିଲେନି କର୍ମଚାରୀ

## ଧାନର ଅଭାବୀ ବିକ୍ରି ପ୍ରତିବାଦ

# ରାଜପଥ ଅଚଳ କଲେ ଚାଷୀ

ଅତାବିରା, ୯।୧୨(ସମିସ): ବରଗଡ଼ ଜିଲ୍ଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ବିଭିନ୍ନ ମଣ୍ଡିରେ ଧାନର ଅଭାବୀ ବିକ୍ରି ଓ ଅଚଳାବସ୍ଥାର ଜୋର୍‌ଦାର୍ ପ୍ରତିବାଦ କରିଛନ୍ତି ଚାଷୀ। ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଆହ୍ୱାନରେ ଚାଷୀମାନେ ଗୋଡ଼ଭଗା ଦେଇ ଯାଇଥିବା ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ-୫୩କୁ ପାଖାପାଖି ୩ଘଣ୍ଟା ଧରି ଅବରୋଧ କରିଛନ୍ତି। ରାସ୍ତା ଉପରେ ଶହଶହ ସଂଖ୍ୟାରେ ଗାଡ଼ିମଟର ଅଟକି ରହିବାରୁ ଜନଜୀବନ ଭୀଷଣ ବାଧାପ୍ରାପ୍ତ ହୋଇଥିଲା।



ଗତ ମାସ ୨୮ ତାରିଖରୁ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଏଯାଏ ନାମକୁମାତ୍ର ଧାନ ସଂଗ୍ରହ କରାଯାଇଛି। କିଛି ମଣ୍ଡିରେ ଏଯାଏଁ ଅନୁକୂଳ ବି ହୋଇନାହିଁ। ତେଣୁ ଚାଷୀ ବାଧ ହୋଇ କମ୍ ଦରରେ ବାହାର ବେପାରୀଙ୍କୁ ଧାନ ବସ୍ତା ଟେକିଦେଉଛି। ଏହି ଅଭାବୀ ବିକ୍ରି ପ୍ରତିବାଦରେ ଗତକାଲି ଚାଷୀମାନେ ଗୋଡ଼ଭଗା ମଣ୍ଡି ସମ୍ମୁଖରେ ଧାରଣା ଦେଇ ଆଲୋଚନା ପାଇଁ ପ୍ରଶାସନକୁ ଡାକିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଆରଏମ୍‌ସି ସମ୍ପାଦକ ତଥା ସବ୍‌ରେଜିଷ୍ଟ୍ରାର ଅଙ୍କିତ ପଣ୍ଡା, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଟୋକନ୍ ବଣ୍ଟନରେ ଅନିୟମିତତା, ମିଲର୍‌ଙ୍କୁ ଟାର୍ଗେଟ୍ ଦିଆନଯିବା, କଟନୀ-ଛଟନୀ, ସାଟେଲାଇଟ୍ ସର୍ଭେରୁ ବାଦ୍ ପଡ଼ିଥିବା ଫସଲର ପୁନଃ ସର୍ଭେ କରି ଟୋକନ୍ ଦେବା ବ୍ୟବସ୍ଥା କରିବାକୁ କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର ଦାବି କରିଥିଲେ। ଦିନ ସାଢ଼େ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ତେଣୁ ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚାଷୀମାନେ ରାଜପଥକୁ ଓହ୍ଲାଇଥିଲେ। ରାସ୍ତା ଉପରେ ଧାନ ପକାଇ ସମ୍ବଲପୁର-ବରଗଡ଼ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଖବର ପାଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ସିଏସ୍‌ଓ, ଏସିଏସ୍‌ଓ ବ୍ୟୋମକେଶ ମାଝୀ, ଓଡ଼ିଶା ମିଲର୍ ସଂଘର ରାଜ୍ୟ ସମ୍ପାଦକ ନିତେଶ ବଂସଲ ଯୋଗ ଦେଇ ଆଲୋଚନା କରିଥିଲେ। ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ଉପସ୍ଥିତିରେ ୫ଟି ବିଷୟରେ ସହମତି ପ୍ରକାଶ ପାଇବା ପରେ ଅପରାହ୍ଣ ୩ଟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ଆଲୋଚନା ବେଳେ ସଂଗଠନ କାର୍ଯ୍ୟକାରୀ ସଭାପତି ଟିଖେଲାଲ ମିଶ୍ର, ସମ୍ପାଦକ ସୁରେଶ କର୍ଣ୍ଣ, ପାପାରାଓ, ଡିପି ଜୟ, ସତ ବାବୁ, କୃଷ୍ଣ ବାବୁ, ରାମ ବାବୁ, ବୁଦ୍ଧଦେବ ନନ୍ଦ, ସୁବାସ ବିଶ୍ୱାଳ, ସୁଜିତ ପ୍ରଧାନ, ଦୟାସାଗର ମେଣ୍ଡେଲୀ, ସଞ୍ଜୀବ ଶତପଥୀ, ଅମୀୟ ଦାଶ, ଭୁବନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ମିଲର୍‌ଙ୍କ ମନମାନି

## ଦ୍ୱିତୀୟ ଦିନରେ ବି ଅଚଳାବସ୍ଥା

ସମ୍ବଲପୁର, ୯।୧୨(ସମିସ): କଟ୍‌ନିଛଟ୍‌ନିକୁ ନେଇ ସମ୍ବଲପୁର ଜିଲ୍ଲାର ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ଅଚଳାବସ୍ଥା ଜାରି ରହିଛି। ଆଜି ଦ୍ୱିତୀୟ ଦିନରେ ବି ଚାଷୀଙ୍କ ଧାନ ଉଠିପାରିନି। ଆଜି ମିଲର୍‌ମାନେ ଚାଉଁରପୁର ମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କଟ୍‌ନି ଛଟ୍‌ନି ପାଇଁ ଚାଷୀ ରାଜି ନହେବାରୁ ଆଲୋଚନା ବିଫଳ ହୋଇଛି। ସେନ୍‌ହାପାଲିରେ ବି ସମବସ୍ଥା ଦେଖାଦେଇଥିଲା। ଫଳରେ ଦୁଇଟିଯାକ ମଣ୍ଡିରେ ୨୫ରୁ ଊର୍ଦ୍ଧ୍ୱ ଲେଖାଏଁ ଧାନବସ୍ତା ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ସମସ୍ୟାର ଶୀଘ୍ର ସମାଧାନ ନହେଲେ, ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲ୍ଲାରେ ଧାନକିଣା ଆରମ୍ଭରୁ ମିଲର୍‌ମାନେ ଧାନ ନ ଉଠାଇବାକୁ ଜିଦ୍ ଧରିଥିଲେ। ଚାଷୀଙ୍କ ଅର୍ଥନୈତିକ ଅବରୋଧ ପରେ ଏବେ ମିଲର୍ ଧାନ ନେଉଛି। କିନ୍ତୁ ଏହା ଭିତରେ ଅନେକ ସମସ୍ୟା ଏବେ ବି ରହିଛି। ଅମଳକୁ ମାସକରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏଯାବତ୍ ସମସ୍ତ ଚାଷୀଙ୍କୁ ଟୋକନ ମିଳିନାହିଁ। ସେହିପରି, ଟୋକନ୍ ପାଇଥିବା ଚାଷୀର ମିଲ୍‌କୁ ଧାନ ନେଇ ଗଲାବେଳକୁ ମିଲର୍ ୫ରୁ ୬ କେଜି କାଟି ଦେଉଛି। କେତେକ ସ୍ଥାନରେ ୧୭ ପଏଣ୍ଟରୁ ଅଧିକ ଆଦ୍ରତା ଦେଖାଇ ଧାନ ଗାଡ଼ି ଫେରାଇ ଦେଉଛି ମିଲର୍। ଚାଷୀ ପାଖରେ ଧାନ ଗଚ୍ଛିତ କରିବାକୁ ଜାଗା ନଥିବା ବେଳେ ଧାର ସୁଝିବାକୁ ମହାଜନ ଦାଉ ସାଧିଲାଣି। ଏପରି ସ୍ଥିତିର ଫାଇଦା ଉଠାଇ ମିଲର୍‌ମାନେ କ୍ୱିଣ୍ଟାଲ ପିଛା ୮ କିଲୋ ପର୍ଯ୍ୟନ୍ତ ମଧ୍ୟ କଟ୍‌ନି କରୁଛନ୍ତି। ଏଭଳି ଜୁଲମ୍ କରାଗଲେ, ଚାଷୀ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ମିଲର୍‌ମାନଙ୍କ ମନମାନି ବଢ଼ି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିରେ ଚାଷୀ ହନ୍ତସନ୍ତ ହେଉଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ମିଲର୍ ମାନଙ୍କ ମନମାନି ଚାଲିଛି। ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ, ଯେଉଁ ଚାଷୀମାନଙ୍କ ଟୋକନ୍ ଆସିଛି ସେମାନଙ୍କ ଧାନ ମିଲ୍‌କୁ ନେଲାବେଳେ ମିଲର୍ ୪ରୁ ୫ କିଲୋ କଟ୍‌ନି କରୁଛି। ପୁଣି ୧୭ରୁ ଅଧିକ ଆଦ୍ରତା ଥିଲେ ଗାଡ଼ି ଫେରାଇ ଦିଆଯାଉଛି। ଟୋକନ୍ ଓ କଟ୍‌ନିଛଟ୍‌ନି ସମସ୍ୟାର ଗୁରୁବାର ସୁଦ୍ଧା ସମାଧାନ ନହେଲେ ଆସନ୍ତା ଶୁକ୍ରବାର ବରେଇପାଲି, ଧମା ଓ ସେରସୁଆଁତଲଠାରେ ରାସ୍ତାରୋକ କରିବ ଚାଷୀ। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା କହଛନ୍ତି, ମିଲର୍‌ମାନେ ଆଜି ମଣ୍ଡିକୁ ଯାଇ ଆଲୋଚନା କରିଛନ୍ତି। ସମସ୍ୟାର ସମାଧାନ କରିବାକୁ ଏସିଏସ୍‌ଓଙ୍କୁ ଦାୟିତ୍ୱ ଦିଆଯାଇଛି।



■ କଟ୍‌ନିଛଟ୍‌ନିକୁ ବିରୋଧ କଲେ ଚାଷୀ
■ ମିଲର୍‌ଙ୍କ ସହ ଆଲୋଚନା ବିଫଳ
■ ଆନ୍ଦୋଳନମୁହାଁ ଚାଷୀ

## +୨ ନାମଲେଖା ପାଇଁ ପୁଣି ସୁଯୋଗ

## ଆଜିଠୁ ଆବେଦନ କରିପାରିବେ ଆଶାୟୀ

ଭୁବନେଶ୍ୱର, ୯।୧୨(ସମିସ): +୨ ନାମଲେଖା ପାଇଁ ଆଶାୟୀମାନଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ୧୦ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହାର ୩ ଦିନ ପରେ ଅର୍ଥାତ୍ ୧୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଏହାସହ ୱେଟିଂ ତାଲିକା ମଧ୍ୟ ପ୍ରକାଶ ପାଇବ। ମୋଟ୍ ସିଟ୍‌ର ପ୍ରାୟ ୧୦ ଗୁଣା ପ୍ରାର୍ଥୀଙ୍କୁ ୱେଟିଂ ତାଲିକାରେ ରଖାଯିବ। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ୧୮ ଓ ୧୯ ତାରିଖରେ ନାମ ଲେଖାଇବେ। ୱେଟିଂ ତାଲିକାରେ ଥିବା ଅବଶିଷ୍ଟ ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜୀକରଣ କରିବେ ଏବଂ ୨୨ତାରିଖରେ ସେମାନଙ୍କ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଆବେଦନ କରିଥିଲେ ମଧ୍ୟ ନାମ ଲେଖାଇନଥିବା ସମସ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ ବୋଲି କୁହାଯାଇଛି। ବିଦ୍ୟାଳୟରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନକୁ ଫେରାଇ ଆଣିବା ପାଇଁ ପୁଣିଥରେ ନାମଲେଖା ସୁଯୋଗ ଦିଆଯାଇଥିବା ନିର୍ଦ୍ଦେଶାଳୟ ଦର୍ଶାଇଛି। ହେଲେ, ଶିକ୍ଷାବର୍ଷକୁ ପ୍ରାୟ ୮ ମାସ ପୂରଣ ପରେ ମଧ୍ୟ ନାମଲେଖା ପ୍ରକ୍ରିୟା ସରୁନଥିବା ନେଇ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଆଉ ମାତ୍ର ଦୁଇ ମାସ ପରେ ପରୀକ୍ଷା ହେବାକୁ ଥିବା ବେଳେ ପିଲାମାନେ କ'ଣ ପଢ଼ିବେ ଓ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ସାମ୍‌ସ ମାଧ୍ୟମରେ ନାମଲେଖା ପ୍ରକ୍ରିୟା ପରେ ନାମଲେଖା ମାତ୍ରାଧିକ ବିଳମ୍ବ ହେଉଥିବା ଶିକ୍ଷାବିତ୍‌ମାନେ ଅଭିଯୋଗ କରିବା ସହ ନାମଲେଖା ପ୍ରକ୍ରିୟାର ସରଳୀକରଣ ବା ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ପାଚିକା ସଂଘର ଆନ୍ଦୋଳନ ପ୍ରତ୍ୟାହୃତ

### ପ୍ରାଥମିକ ଶିକ୍ଷକଙ୍କୁ ପ୍ରତିଶ୍ରୁତି ଦେଲେ ସରକାର

ଭୁବନେଶ୍ୱର, ୯।୧୨(ସମିସ): ଦୁଇଦିନର ଅହୋରାତ୍ର ଧାରଣା ପରେ ପାଚିକା ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଛି। ମଙ୍ଗଳବାର ବିଭାଗୀୟ ସଚିବଙ୍କ ସହ ଆଲୋଚନା ପରେ ସେମାନେ ଆନ୍ଦୋଳନରୁ ଓହରିଥିବା ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ଶ୍ରୀ ସ୍ୱାଇଁ କହିଛନ୍ତି ଯେ ସରକାର ସେମାନଙ୍କ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଦାବି ପୂରଣ ନ ହେଲେ, ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ଦୁଇ ଦଫା ଦାବି ପୂରଣ ପାଇଁ ପ୍ରାଥମିକ ଶିକ୍ଷକ ମହାସଂଘ ସରକାରଙ୍କ ସହ ଆଲୋଚନା ଜାରି ରଖିଛି। ଆଜି ରାତିରେ ବିଧାୟକ ବାବୁ ସିଂ ଓ ପୂର୍ବତନ ସାଂସଦ ବିଶ୍ୱେଶ୍ୱର ଟୁଡୁ ଧାରଣାସ୍ଥଳକୁ ଯାଇ ଆନ୍ଦୋଳନରତ ଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷକଙ୍କ ଦାବି ପ୍ରତି ସରକାର ସମ୍ବେଦନଶୀଳ ଅଛନ୍ତି ଏବଂ ସମସ୍ତଙ୍କ ହିତରେ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ସେମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରି ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଅନୁରୋଧ କରିଛନ୍ତି। ମହାସଂଘର କୋର୍ କମିଟି ଏହାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ମହାସଂଘର ଆବାହକ ରାମଲାଲ୍ ପଟେଲ୍ ସୂଚନା ଦେଇଛନ୍ତି।

## ବିଜେପି ସଂଗଠନରେ ନୂତନ ନିଯୁକ୍ତି

■ ଯୁବମୋର୍ଚ୍ଚା ସଭାପତି ପଦ ବଜାୟ ରଖିବେ ଅଭିଲାଷ
■ ଐଶ୍ୱର୍ଯ୍ୟା ସମ୍ଭାଳିବେ ମହିଳା ବିଗ୍ରେଡ୍

ଭୁବନେଶ୍ୱର, ୯।୧୨(ସମିସ): ରାଜ୍ୟ ବିଜେପି ପକ୍ଷରୁ ମଙ୍ଗଳବାର ବିଭିନ୍ନ ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ ଓ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଏହି ନୂଆ ନିଯୁକ୍ତି ପ୍ରଦାନ କରାଯାଇଥିବା ନେଇ ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁଯାୟୀ, ବିଜେପି ଯୁବମୋର୍ଚ୍ଚା ସଭାପତି ଭାବେ ପୂର୍ବବତ୍ ଅଭିଲାଷ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ମହିଳା ମୋର୍ଚ୍ଚା ସଭାପତି ଭାବେ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, କୃଷକ ମୋର୍ଚ୍ଚା ସଭାପତି ଭାବେ ଶୁଭ୍ରାଂଶୁ ମୋହନ ପାଢ଼ୀ, ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ କଣ୍ଡେରା ସୋରେନ, ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ବାଇଧର ମଲ୍ଲିକଙ୍କୁ ଦଳ ଦାୟିତ୍ୱ ଦେଇଛି। ଓବିସି ମୋର୍ଚ୍ଚା ସଭାପତି ଭାବେ ପ୍ରଦ୍ୟୁମ୍ନ ନାୟକ ଓ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ଗୁରିନ୍ଦର ସିଂ ନୂତନ ଦାୟିତ୍ୱ ପାଇଛନ୍ତି। ଏହାବ୍ୟତୀତ ସେଲ୍ ଇନ୍-ଚାର୍ଜ ଭାବେ ରଞ୍ଜନ କୁମାର ପଟେଲ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ସୁଦୀପ୍ତ କୁମାର ରାୟଙ୍କୁ ଦାୟିତ୍ୱ ମିଳିଛି। କାର୍ଯ୍ୟାଳୟ ସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଆଇଟି ସଂଯୋଜକ ଭାବେ ଜ୍ୟୋତିରଞ୍ଜନ ନାୟକ ନିଯୁକ୍ତି ପାଇଛନ୍ତି। ଏହାବ୍ୟତୀତ ସମସ୍ତ ୩୭ ସାଂଗଠନିକ ଜିଲ୍ଲାରେ ଜିଲ୍ଲା ପ୍ରଭାରୀ ନିଯୁକ୍ତି କରାଯାଇଛି।

## ୭୭ ପ୍ରତିଶତ ଘରେ ପହଞ୍ଚିଛି ପିଇବା ପାଣି

ଭୁବନେଶ୍ୱର, ୯।୧୨(ସମିସ): ରାଜ୍ୟରେ ମୋଟ ୮୮.୬୬ ଲକ୍ଷ ପରିବାରରୁ ଏଯାବତ୍ ୬୮.୩୬ ଲକ୍ଷ ପରିବାରକୁ ଟ୍ୟାପ ସଂଯୋଗ କରାଯାଇଛି। ମୋଟ ୭୭.୧୦ ପ୍ରତିଶତ ଘରେ ଏ ପର୍ଯ୍ୟନ୍ତ ପିଇବା ପାଣି ପହଞ୍ଚିଲାଣି ବୋଲି ଆଜି ଗୃହରେ ଉତ୍ତର ରଖିଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ଆଜି ପ୍ରଶ୍ନକାଳରେ ବିଧାୟକ ସାରଦା ଜେନା ଏବଂ ଅନ୍ୟ ପ୍ରଶ୍ନକର୍ତ୍ତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଏକ ଧାର୍ଯ୍ୟ ସମୟସୀମା ଅନୁଯାୟୀ ସବୁ ଘରକୁ ପାଣି ପହଞ୍ଚାଇବା ପାଇଁ କାମ କରୁଛନ୍ତି। ଆସନ୍ତା ୨୦୨୭ ଶେଷ ସୁଦ୍ଧା ଆମେ ରାଜ୍ୟର ପ୍ରତିଟି ଘରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବୁ। ଏହି ସମୟସୀମା ସୁଦ୍ଧା ଆମେ ସମସ୍ତ ୨୦୭ ପ୍ରକଳ୍ପ କାମ ଶେଷ କରିବୁ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଅତିରିକ୍ତ ପ୍ରଶ୍ନକର୍ତ୍ତା ଅଶୋକ ଦାସଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଥିଲେ ଯେ ପାନୀୟ ଜଳ ପ୍ରକଳ୍ପରେ ଖିଲାପି ପାଇଁ କେନ୍ଦ୍ର ସରକାର ୬୫୩ ସଂସ୍ଥା ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରାଜ୍ୟ ସରକାର ମଧ୍ୟ ମେଗା ପ୍ରକଳ୍ପକୁ ତ୍ୱରିତ କର୍ଯ୍ୟାନ୍ୱୟନ ପାଇଁ ମାସର ୩ ଦିନ ସମୀକ୍ଷା ବୈଠକ କରୁଛନ୍ତି। ଯେଉଁଠି ପ୍ରକଳ୍ପକୁ ନେଇ ଅସୁବିଧା ରହିଛି, ସେଠାକୁ ମୁଁ, ବିଭାଗୀୟ ନିର୍ଦ୍ଦେଶକ ଓ ସର୍ବୋଚ୍ଚ ଯନ୍ତ୍ରୀ ଗସ୍ତ କରିବୁ। ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିଲେ, ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ମନ୍ତ୍ରୀ କହିଛନ୍ତି।

# ସମଗ୍ର ମାନବତା ପାଇଁ ବନ୍ଦେ ମାତରମ୍ ଏକ ମନ୍ତ୍ର

ଭୁବନେଶ୍ୱର, ୯।୧୨(ସମିସ): ବନ୍ଦେ ମାତରମ୍-ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା। ସମସ୍ତ ମାନବତା ପାଇଁ ଏହା ଏକ ମନ୍ତ୍ର। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ଆସନ୍ତା ହଜାର ହଜାର ବର୍ଷ ଧରି ଏହା ଭାରତର ଆତ୍ମା, ସ୍ପନ୍ଦନକୁ ଜାଗ୍ରତ କରୁଥିବ। ବନ୍ଦେ ମାତରମ ବିଭାଜନର ଗୀତ ନୁହେଁ, ବନ୍ଦେ ମାତରମ୍ ଯୋଡ଼ିବାର ଗୀତ ବୋଲି ମଙ୍ଗଳବାର ବିଧାନସଭାରେ ଦଳମତ ନିର୍ବିଶେଷରେ ବିଧାୟକମାନେ ମତ ପ୍ରକାଶ କରିଛନ୍ତି।

ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଆଜି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ଆଗତ କରିଥିବା ସଂକଳ୍ପକୁ ଗୃହ ଅନୁମୋଦନ କରିଛି। ସଂକଳ୍ପ ଅନୁମୋଦନ ପାଇବା ପରେ ଗୃହରେ ବନ୍ଦେ ମାତରମ ଗୀତ ପରିବେଷଣ ହୋଇଥିଲା। ତେବେ ଭାରତର ସମ୍ବିଧାନ ସଭା ବନ୍ଦେ ମାତରମ ସମ୍ପୂର୍ଣ୍ଣ ଗୀତରୁ ମାତ୍ର ୨ଟି ପଦକୁ ଅନୁମୋଦନ ଦେଇଥିବାରୁ ଏହାର ପୂର୍ଣ୍ଣାଙ୍ଗ ବାଦନକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ନାପସନ୍ଦ କରିବା ସହ କକ୍ଷତ୍ୟାଗ କରିଥିଲେ। ଟଙ୍କାର ଅବମୂଲ୍ୟାୟନ, ଏସଆଇଆର ଏବଂ ଇଣ୍ଡିଗୋ ଅଚଳାବସ୍ଥାରୁ ଧ୍ୟାନ ହଟାଇବା ପାଇଁ ସ୍ୱାଧୀନତାର ୭୯ ବର୍ଷ ପରେ ସଂସଦରେ ବନ୍ଦେ ମାତରମ ବିତର୍କ କରାଯାଉଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

■ ବିଧାନସଭାରେ ସର୍ବସମ୍ମତି କ୍ରମେ ସଂକଳ୍ପ ପାରିତ
■ ପୂର୍ଣ୍ଣାଙ୍ଗ ଗୀତ ବାଦନକୁ ବିରୋଧୀଙ୍କ ବିରୋଧ
■ ଦୁଇ ପଦ ଗୀତ ବାଜିବା ପରେ କକ୍ଷତ୍ୟାଗ

ସଂକଳ୍ପକୁ ଆଗତ କରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ବନ୍ଦେ ମାତରମ କେବଳ ଏକ ଗୀତ ନୁହେଁ। ଏହା ଏକ ସାମୂହିକ ସ୍ମୃତି ଓ ସାଂସ୍କୃତିକ ଶକ୍ତି। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବିରଚିତ ଏହି ଗୀତ ଥିଲା ରାଷ୍ଟ୍ରୀୟତାର ଅଭିବ୍ୟକ୍ତି। ଏହାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତେ ମନପ୍ରାଣ ଦେଇ ସେହି ଅମର, ଅଜର ଓ ଅମ୍ଳାନ ଗୀତକୁ ବାରମ୍ବାର ସ୍ମରଣ କରିବା ପୂର୍ବକ ଭାରତୀୟତାର ଜୟଗାନ କରିବା ବୋଲି ସେ କହିଥିଲେ। ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ମନ୍ତ୍ରୀ ଯେଉଁ ଐତିହାସିକ ପ୍ରସ୍ତାବ ଆଗତ କଲେ, ମୁଁ ତାକୁ ସମର୍ଥନ କରୁଛି। ୧୫୦ ବର୍ଷ ତଳେ ଏହି ଗୀତ ସମସ୍ତ ଦେଶକୁ ସ୍ୱାଧୀନତାର ମନ୍ତ୍ରରେ ଉଦବୁଦ୍ଧ କରିଥିଲା। ଆଗାମୀ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଏହା ଦେଶକୁ ଉଦ୍‌ବୁଦ୍ଧ କରୁଥିବ। ସେ କହିଥିଲେ ଯେ ବନ୍ଦେ ମାତରମ ଭାରତର ଆତ୍ମା, ଭାରତର ପ୍ରାଣ। ତେଣୁ ବନ୍ଦେ ମାତରମକୁ ନେଇ କୌଣସି ବିଭେଦ ସୃଷ୍ଟି କରାନଯାଉ। ସମ୍ବିଧାନ ଯାହା ନିର୍ଦ୍ଦେଶ ଦେଇଛି, ତାହାକୁ ଆମକୁ ମାନିବାକୁ ପଡ଼ିବ ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ଏହି ଗୀତ ଭାରତବର୍ଷର ଆତ୍ମା। ତେବେ ଦେଶ ଆଗରେ ଯେତେବେଳେ ବି କୌଣସି ଗମ୍ଭୀର ପରିସ୍ଥିତି ଦେଇ ଗତି କରେ, ସେତେବେଳେ ଧ୍ୟାନ ହଟାଇବାକୁ ବିଜେପି ଉଗ୍ର ଜାତୀୟତାବାଦର ଖେଳ ଆରମ୍ଭ କରିଥାଏ। ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବା ବେଳେ ବିଜେପି ଏଥିରୁ ଫାଇଦା ନେବାକୁ ଉଦ୍ୟମ କରୁଛି। ୧୫୦ ତମ ବର୍ଷ ପାଳନ କରିବା ସ୍ୱାଗତ ଯୋଗ୍ୟ। ବିଜେପି କାହିଁକି ଏନେଇ ବିତର୍କ ସୃଷ୍ଟି କରୁଛି ବୋଲି ସେ ପ୍ରଶ୍ନ କରିଥିଲେ। ଗୃହରେ ବନ୍ଦେ ମାତରମର ପୂର୍ଣ୍ଣାଙ୍ଗ ଗୀତ ଅର୍ଥାତ୍ ସମସ୍ତ ପଦ ବାଜିବାକୁ ନେଇ ବିବାଦ ଦେଖା ଯାଇଥିଲା। ଗୀତର ୨ଟି ପଦ ବାଜିବା ପରେ ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ବନ୍ଦେ ମାତରମ ଆମ ହୃଦୟ ଓ ପ୍ରାଣର ଗୀତ। ସମ୍ବିଧାନ ଯାହା ସ୍ୱୀକୃତି ଦେଇଛି, ତାହାକୁ ଆମେ ଗ୍ରହଣ କରିବୁ। ସେତିକି ଆମେ ଗାନ କରିବୁ। ସେଥିପାଇଁ ଆମେ ୨ଟି ପଙ୍କ୍ତି ପରେ କକ୍ଷତ୍ୟାଗ କରିଛୁ ବୋଲି ସେ କହିଛନ୍ତି।

## ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧୨(ସମିସ): 'ବନ୍ଦେ ମାତରମ୍' କେବଳ ଏକ ସାଧାରଣ ଗୀତ ନୁହେଁ। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ଏହି ଗୃହରେ ଆମ ସମସ୍ତଙ୍କ ପାଇଁ ବନ୍ଦେ ମାତରମ୍‌ର ଗାଥାକୁ ସ୍ମରଣ କରିବା ଏକ ସୌଭାଗ୍ୟର ବିଷୟ ବୋଲି ମନ୍ତବ୍ୟ ରଖିଛନ୍ତି ମୁଖମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି ଯେ ଏହା ଆମ ପାଇଁ ଗର୍ବର ବିଷୟ ଯେ, ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ଅବସରରେ, ଆମେ ଏହି ଐତିହାସିକ ଅବସରର ସାକ୍ଷୀ ହେଉଛୁ। ସ୍ୱାଧୀନତା ପରଠାରୁ ଯଦିଓ ରାଷ୍ଟ୍ରଗୀତ ଭାବେ ଏହାକୁ ମର୍ଯ୍ୟାଦା ଦିଆଯାଇଛି; କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ଭରତରେ ଏହାର ଗୁରୁତ୍ୱକୁ ଅବକ୍ଷୟ କରିବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚେଷ୍ଟା ଚାଲିଛି। ବନ୍ଦେ ମାତରମ୍ ପରି କାଳଜୟୀ ଗୀତ ଆମ ହୃଦୟରେ ଦେଶ ପ୍ରେମର ଗଭୀର ଅନୁଭବ ସୃଷ୍ଟି କରେ। 'ବନ୍ଦେ ମାତରମ୍' କେବଳ ଏକ ଜାତୀୟତାବାଦ ସଙ୍ଗୀତ ନୁହେଁ, ଏହା ଦେଶ ମାତୃକାର ବନ୍ଦନା। ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଆମର ପ୍ରେରଣା, ଆମର ଶକ୍ତି। ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି। ଏହା ଏକ ଚେତନା ଏବଂ ଆମ ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିଧାନସଭା ମୁଲତବୀ କଲେ ସରକାର

# ଆନ୍ଦୋଳନକାରୀଙ୍କ କଥା ଶୁଣିଲେନି



ଭୁବନେଶ୍ୱର, ୯।୧୨(ସମିସ): ଶିକ୍ଷକ ଓ ପାଚିକାଙ୍କ ସମେତ ବିଭିନ୍ନ ସଂଗଠନ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦେଲେ। ଶୀତ କାକରରେ ରାସ୍ତାରେ ଶୋଇ ନିଜର ହକ୍ ମାଗିଲେ। ସେମାନଙ୍କ ବିଭିନ୍ନ ଦାବି ମଧ୍ୟରେ ପାରିଶ୍ରମିକ ବୃଦ୍ଧି କରିବା ସମସ୍ତଙ୍କ ସାଧାରଣ ଦାବି ଥିଲା। ମାତ୍ର ସରକାର କୌଣସି ସଂଗଠନର ପାରିଶ୍ରମିକ ବୃଦ୍ଧି ସଂପର୍କରେ ଘୋଷଣା କଲେ ନାହିଁ। ବିଧାୟକମାନଙ୍କର ଦରମା ବୃଦ୍ଧି କରିବା ପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଦେଲେ। ଏହାକୁ ନେଇ ବିଭିନ୍ନ ସଂଗଠନ ସରକାରଙ୍କୁ କଟାକ୍ଷ କରିଛନ୍ତି।

ଏକାଧିକ ସଂଗଠନ ରାସ୍ତାରେ ଧାରଣା ଦେଉଥିବା ବେଳେ ଆଗକୁ ଅଧିକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଘୋଷଣା କରିଛନ୍ତି। ମୁଖ୍ୟତଃ ଶିକ୍ଷକ ସଂଗଠନଗୁଡ଼ିକର ଧାରଣା ସରକାରଙ୍କ ଶିରପୀଡ଼ା ବଢ଼ାଇଥିଲା। ସମସ୍ତେ ସେମାନଙ୍କ ପାରିଶ୍ରମିକ ବଢ଼ାଇବାକୁ ଦାବି କରୁଛନ୍ତି। ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଅହୋରାତ୍ର ଧାରଣା ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ଆଗକୁ ଓଡ଼ିଶା କନିଷ୍ଠ ଶିକ୍ଷକ ମହାସଂଘ ଏବଂ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆସନ୍ତାକାଲି ଅର୍ଥାତ୍ ବୁଧବାର ଆନ୍ଦୋଳନ କରିବେ। ସେହିପରି ୧୧ ତାରିଖରେ ୬୬୨ବର୍ଗ କଲେଜରେ କାର୍ଯ୍ୟରତ ଅଧ୍ୟାପକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଥିବା ବେଳେ ୧୨ ତାରିଖରେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଧାରଣା ଦେବାକୁ ଘୋଷଣା କରିଛନ୍ତି। ଏପରି ସ୍ଥିତିରେ ସରକାର ସେମାନଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ବିଧାନସଭାକୁ ମୁଲତବୀ କରି ନିଜ ଦାୟିତ୍ୱରୁ ଦୂରେଇ ଯାଉଥିବା ବିଭିନ୍ନ ସଂଗଠନ ଅଭିଯୋଗ କରିଛନ୍ତି। ମୁଖ୍ୟତଃ ପ୍ରାୟ ସମସ୍ତ ଦରମା ବୃଦ୍ଧି ଦାବି କରୁଥିବା ବେଳେ ସରକାର ବିଧାୟକଙ୍କ ଦରମା ବୃଦ୍ଧି କରି ବିଧାନସଭାକୁ ମୁଲତବୀ କରିବା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

## ଅତ୍ୟଧିକ ନିଶ୍ଚେତକ ଦେଇ ବାଘକୁ ମାରିଦେଲେ !



ଅନୁଗୋଳ, ୯।୧୨(ସମିସ): ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ ଡିମିରିପାଳ ନିକଟ ଜଙ୍ଗଲରେ ଶିକାରୀ ଫାଶରେ ପଡ଼ିଥିବା କଲରାପତରିଆକୁ ଉଦ୍ଧାର ବେଳେ ତା'ର ମୃତ୍ୟୁ ହୋଇଛି। ଉଦ୍ଧାର କରାଯିବାର ମାତ୍ର କିଛି ସମୟ ପରେ ବାଘର ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଉଦ୍ଧାର ବେଳେ ବାଘକୁ ନିଶ୍ଚେତକ ଦିଆଯାଇଥିଲା। ନିଶ୍ଚେତକର ମାତ୍ରା ଅଧିକ ହୋଇ ଯାଇଥିବାରୁ ବାଘର ମୃତ୍ୟୁ ହୋଇଥିବା ଜଣେ ଜଙ୍ଗଲ ବିଭାଗ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ବାଘ ମୃତ୍ୟୁ ସମ୍ପର୍କରେ ଅନୁଗୋଳ ଡିଏଫଓଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

ସୋମବାର ରାତିରେ କୌଣସି ଶିକାରୀ ଜନ୍ତୁ ଶିକାର ପାଇଁ ଜାଲ ପକାଇଥିଲେ। ସୋମବାର ରାତିରେ ପାଣି ଅବା ଖାଦ୍ୟ ଅନ୍ୱେଷଣରେ ଆସି ବାଘଟି ଫାଶରେ ପଡ଼ିଯାଇଥିଲା। ସକାଳେ ବାଘ ରଡ଼ି ଶୁଣି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଡ୍ରୋନ୍ କ୍ୟାମେରାରେ ବାଘକୁ ଠାବ କରିବା ପରେ ନିଶ୍ଚେତକ ବିଶେଷଜ୍ଞ ସମେତ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୪/୫ ଘଣ୍ଟା ପରିଶ୍ରମ ପରେ ବାଘକୁ ସୁସ୍ଥ ଅବସ୍ଥାରେ ଉଦ୍ଧାର କରିଥିଲେ। ବାଘ ଶରୀରର କୌଣସି ସ୍ଥାନରେ ସେଭଳି କୌଣସି ବଡ଼ କ୍ଷତ ନଥିଲା। ଫାଶରେ ପଡ଼ି ମଧ୍ୟ ବାଘଟି ବହୁତ ଫୁର୍ତ୍ତି ଥିଲା। ଯାହାକୁ ଦେଖିଲେ ଗର୍ଜନ କରୁଥିଲା। ହେଲେ ଅତ୍ୟଧିକ ନିଶ୍ଚେତକ ଦେବା ପରେ ତା'ର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ସରକାରୀ କର୍ମଚାରୀଙ୍କ ବେଆଇନ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସଂଗ

# ସରକାର ଓ କର୍ମଚାରୀ ସଂଘକୁ ହାଇକୋର୍ଟଙ୍କ ନୋଟିସ୍

କଟକ, ୯।୧୨(ସମିସ): ସରକାରୀ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ସମୟରେ ଲଗାତାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ତଥା ସରକାରୀ କାମ ପ୍ରଭାବିତ ହେଉଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାର ଓ କର୍ମଚାରୀ ସଂଘଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ପ୍ରତାପ ଚନ୍ଦ୍ର ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଅଭିଯୋଗ କରିଥିଲେ ଯେ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ ୧୯୫୯କୁ ଉଲ୍ଲଂଘନ କରାଯାଇ ଏଭଳି ଆନ୍ଦୋଳନ କରାଯାଉଛି। ନିକଟରେ ଓଏଏସ୍ ଅଧିକାରୀ ଓ ରାଜସ୍ୱ ଅମଲାମାନେ ଆନ୍ଦୋଳନ କରିବା ସହ ସମୂହ ଛୁଟିରେ ଯାଇଥିଲେ। ଏହାଦ୍ୱାରା ସରକାରୀ କାମ ଗଭୀର ଭାବେ ପ୍ରଭାବିତ ହୋଇଥିଲା। ସେହିଭଳି ଶିକ୍ଷକମାନଙ୍କ ଆନ୍ଦୋଳନ ପାଇଁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଆନ୍ଦୋଳନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏପରି ଆନ୍ଦୋଳନ ବଢ଼ିବାରେ ଲାଗିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏଣୁ ରାଜ୍ୟରେ "ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ, ୧୯୫୯"ର ବ୍ୟବସ୍ଥାକୁ କଡ଼ାକଡ଼ି କାର୍ଯ୍ୟକାରୀ ଏବଂ ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରିବା, ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଉଲ୍ଲଂଘନ କରି ଧର୍ମଘଟ କରିଥିବା ଓଏଏସ୍ ଏବଂ ରାଜସ୍ୱ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଏବଂ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ରାଜ୍ୟ ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ, ଓଏଏସ୍ ସଂଘ ଓ ଓଡ଼ିଶା ରାଜସ୍ୱ ଅମଲା ସଂଘକୁ ପକ୍ଷଭୁକ୍ତ କରିଛନ୍ତି ଆବେଦନକାରୀ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର୨୩କୁ ଧାର୍ଯ୍ୟ କରାଯାଇଛି।

ସକାଳ THE SAKALA



## ସାନହୁଲା ସେବା ସମବାୟ ସମିତିରେ ମହାଦୁର୍ନୀତି

# ଚାଷୀଙ୍କ ବୀମା ଟଙ୍କା ହଡ଼ପ ଅଭିଯୋଗ

ଅନୁଗୋଳ, ୯ ।୧୨(ସମିସ)




ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ସାନହୁଲା ସେବା ସମବାୟ ସମିତିରେ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି । ଚାଷୀଙ୍କ ବୀମା ବାବଦ ପ୍ରାୟ ୧୫ରୁ ୧୭ ଲକ୍ଷ ଟଙ୍କାର ହିସାବ ନାହିଁ । ଚାଷୀମାନେ ବାରମ୍ବାର ସମିତିରେ ଅଭିଯୋଗ କଲେ ମଧ୍ୟ ସେମାନଙ୍କ ଟଙ୍କା ଫେରସ୍ତ ହେଉ ନାହିଁ । ଏ ନେଇ ସମିତିର ନିର୍ବାଚିତ ନିର୍ଦ୍ଦେଶକମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

ଗାଁ ଗାଁରେ ଚାଷୀ ଓ ମହିଳାମାନଙ୍କ ସୁବିଧା ପାଇଁ ସେବା ସମବାୟ ସମିତି ଗଠନ କରାଯାଇଛି । ସମିତିରୁ ଚାଷୀମାନେ ସୁବିଧା ଓ ସହଜରେ ଋଣ ସମେତ ବିହନ, ସାର ପାଇପାରୁଛନ୍ତି । ତେଣୁ ସେବା ସମବାୟ ସମିତି ଜରିଆରେ ଚାଷୀ ଓ ମହିଳାଙ୍କ ଆର୍ଥିକ ବିକାଶ ହେଉଛି । ହେଲେ ଆଠମଲ୍ଲିକ ଉପଖଣ୍ଡ ସାନହୁଲା ସେବା ସମବାୟ ସମିତିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଶହ ଶହ ଚାଷୀଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଇଛି । ଦୀର୍ଘ ୩ ବର୍ଷ ହେଲା ଚାଷୀମାନେ କାହିଁକି ଏବଂ କେଉଁ ଆଧାରରେ ସେମାନଙ୍କ ଖାତାରୁ ଟଙ୍କା କଟାଯାଇଛି ତାହା ଜାଣିବାକୁ ଚାହୁଁଥିଲେ ମଧ୍ୟ କର୍ତ୍ତୃପକ୍ଷ ନିରବ ରହୁଛନ୍ତି । ଏହି ସମିତିରେ ୯ ଶହରୁ ଅଧିକ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଚାଷୀମାନେ ସମିତିରୁ ଋଣ ନେଇଛନ୍ତି । ପୂର୍ବରୁ ଚାଷୀଙ୍କ ବୀମା ବାବଦରେ ସେମାନଙ୍କ ଋଣର ୨ ପ୍ରତିଶତ ଅର୍ଥ ସମିତି କାଟି ରଖୁଥିଲା । ହେଲେ ୨୦୨୧-୨୨ ଆର୍ଥିକ ବର୍ଷରେ ସରକାର ଚାଷୀଙ୍କଠାରୁ ବୀମାରାଶି ସଂଗ୍ରହ ନ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ । କିନ୍ତୁ ସମିତି ତରଫରୁ ସରକାରଙ୍କ ନିର୍ଦ୍ଦେଶନାମାକୁ ଅଣଦେଖା କରି ପୂର୍ବ ଭଳି ସେମାନଙ୍କ ଖାତାରୁ ବୀମା ବାବଦ ଅର୍ଥ କାଟି ରଖାଗଲା । ଯାହାର ପରିମାଣ ୧୫ରୁ ୧୭ ଲକ୍ଷ ଟଙ୍କା ହେବ । ଇତିମଧ୍ୟରେ ୩ଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ଚାଷୀଙ୍କ ଟଙ୍କା ଫେରସ୍ତ କରୁନି ସମିତି । ତେଣୁ ଗତ ସପ୍ତାହରେ ସମିତିର ନିର୍ଦ୍ଦେଶକମାନେ ଏହାର ତଦନ୍ତ କରି ଚାଷୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବାକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଗତ ୩ ବର୍ଷ ମଧ୍ୟରେ ସମିତିର ୩ଥର ବୋର୍ଡ ମିଟିଂ ହୋଇଛି । ମିଟିଙ୍ଗରେ ମଧ୍ୟ ଚାଷୀଙ୍କୁ ଟଙ୍କା ଫେରସ୍ତ କରିବା ସହ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଏହାଛଡ଼ା ସମବାୟ ବିଭାଗ ତରଫରୁ ୨/୩ ଥର ଅଡିଟ କରାଯାଇଛି । ଅଡିଟ କରିଥିବା ଅଧିକାରୀମାନେ କେମିତି ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିର୍ବାଚିତ ନିର୍ଦ୍ଦେଶକମାନେ ଅଭିଯୋଗ କରିଛନ୍ତି ଯେ ଏସବୁ ସମିତି କର୍ମଚାରୀ ଏବଂ ସମବାୟ ଅଧିକାରୀଙ୍କ ମିଳିଭଗତରେ ଚାଲିଛି । ଏକଥା ଲୋକଲୋଚନକୁ ଆସିବା ପରେ ଏବେ କୁଆଡ଼େ ସମିତିର କର୍ମଚାରୀମାନେ ଚାଷୀଙ୍କ ଖାତାକୁ ଟଙ୍କା ଫେରାଇ ଦେବାକୁ ଯୋଜନା କରୁଛନ୍ତି । ଏକଥା ଖୋଦ ସମିତିର ସମ୍ପାଦକ ସୂଚନା ଦେଇଛନ୍ତି । ଟଙ୍କା ଫେରାଇବା ବଡ଼ କଥା ନୁହେଁ । କାହିଁକି ଚାଷୀଙ୍କ ଖାତାରୁ ଟଙ୍କା କଟାଗଲା, କିଏ ଏବଂ କେଉଁଠି ସେ ଟଙ୍କା ରଖିଥିଲା ତାହା ସବୁଠାରୁ ବଡ଼ ପ୍ରଶ୍ନ । ଏ ନେଇ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ କହିଛନ୍ତି, ଘଟଣାର ତଦନ୍ତ କରାଯିବ । ନିଶ୍ଚିତ ଭାବେ ଚାଷୀ ସେମାନଙ୍କ ଟଙ୍କା ଫେରି ପାଇବେ । ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ କେବଳ ସାନହୁଲା ସେବା ସମବାୟ ସମିତି କାହିଁକି ଏଭଳି ଅନେକ ସମିତିରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଏ ସବୁର ତଦନ୍ତ କରି ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।




## ମହାବିଦ୍ୟାଳୟରେ ପିଏମ ଉଷା କାର୍ଯ୍ୟକ୍ରମ




ଅନୁଗୋଳ, ୯ ।୧୨(ସମିସ): ଅନୁଗୋଳ ମହିଳା ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ ସାମ୍ପ୍ରତିକ ସମୟରେ ଆତ୍ମହତ୍ୟା ପ୍ରବଣତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଅଞ୍ଜଳି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତାର ବିଭିନ୍ନ କାରଣ ଓ ଏହାର ନିରାକରଣ ସମ୍ପର୍କରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ପିଏମ ଉଷା କାର୍ଯ୍ୟକ୍ରମର ନୋଡାଲ ଅଫିସର ଅମୂଲ୍ୟନିଧି ସାହୁ ଓ ବରିଷ୍ଠ ପ୍ରାଧ୍ୟାପିକା ଡ. ପ୍ରମୋଦା କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସାପ୍ତାହିକ ହାଟରେ ମୋବାଇଲ ଫୋନ ଚୋରି

ବଅଁରପାଳ, ୯ ।୧୨(ସମିସ): ବଅଁରପାଳ ମଙ୍ଗଳବାର ସାପ୍ତାହିକ ହାଟରେ ମୋବାଇଲ ଫୋନ ଚୋରି ହେଉଥିବା ଅଭିଯୋଗ ହେଉଛି । ଗହଳିର ଓ ଗ୍ରାହକଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚତୁରତାର ସହ ମୋବାଇଲ ନେଇଯାଉଛନ୍ତି । ଗତ ମଙ୍ଗଳବାର ୩ଟି ମୋବାଇଲ ଚୋରି ହେଇଥିବା ବେଳେ ଆଜି ୪ଟି ଚୋରି ହୋଇଥିବା ଜଣାପଡ଼ିଛି । ଏ ସମସ୍ତ ଚୋରି ଘଟଣା ଗହଳିପୂର୍ଣ୍ଣ ଦୋକାନରେ ଘଟିଥିବା କୁହାଯାଉଛି । ଆଜି ଚୋରି ହେଇଥିବା ୩ ବ୍ୟକ୍ତିଙ୍କ ଘର ବାହାର ଅଞ୍ଚଳର ହୋଇଥିବା ବେଳେ ଜଣେ ବଅଁରପାଳର ସାମ୍ବାଦିକ ଅଖିଳ କୁମାର ମହାପାତ୍ର ବୋଲି ଜଣାପଡ଼ିଛି । ଏ ବିଷୟରେ ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଅନ୍ୟ କେହି ଅଭିଯୋଗ କରିନାହାନ୍ତି । ଚୋରି ପାଇଁ ଏକ ରାକେଟ ସକ୍ରିୟ ଥିବା ଅନୁମାନ କରାଯାଉଛି ।

# ସମସ୍ୟା ସମାଧାନ ଦାବିରେ ଉପଜିଲ୍ଲାପାଳ ଅଫିସ ଘେରଉ

କିଶୋରନଗର, ୯ ।୧୨(ସମିସ): ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ପାଇଁ ଟାଟା ପାୱାର ପକ୍ଷରୁ ବସାଯାଉଥିବା ସ୍ମାର୍ଟ ମିଟର ବନ୍ଦ କରିବା, ସମସ୍ତ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଇଦେବା, ବାରମ୍ବାର ବିଦ୍ୟୁତ କାଟ ବନ୍ଦ, ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନା ସମେତ କିଶୋରନଗର, ମଧାପୁର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଅଲଟ୍ରାସାଉଣ୍ଡ, ଏକ୍ସ-ରେ ମେସିନ ସ୍ଥାପନ, ପ୍ରତି ପଞ୍ଚାୟତରେ ମଣ୍ଡି ସ୍ଥାପନ କରି ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ, ହାତୀ, ବରହା, ମାଙ୍କଡ଼ ଉପଦ୍ରବ ରୋକି କ୍ଷତିଗ୍ରସ୍ତ ଚାଷୀଙ୍କୁ ୭ ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ, ଗାଁ ଗାଁରେ ମଦ, ମାଦକଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ, ସୁରେଶ୍ୱରୀ, ଧଉରାଗୋଠ, ରଜାମୁଣ୍ଡା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଆଠମଲ୍ଲିକ, ମାଧପୁର, କିଶୋରନଗର, ବଇଣ୍ଡାରେ ଶୀତଳଭଣ୍ଡାର ନିର୍ମାଣ, ସମସ୍ତ ସ୍କୁଲ କଲେଜରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ବାମୁର ଷ୍ଟେସନରେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି, ବଇଣ୍ଡା ଷ୍ଟେସନ ଦେଇ ଯାଉଥିବା ସମସ୍ତ ଏକ୍ସପ୍ରେସ ଟ୍ରେନ ରହଣି ଆଦି ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମଙ୍ଗଳବାର ଆଠମଲ୍ଲିକ ଉପଜିଲ୍ଲାପାଳଙ୍କ ଅଫିସ ଘେରଉ କରି ଆନ୍ଦୋଳନ କରାଯାଇଛି । ଶତାଧିକ ପୁରୁଷ, ମହିଳା, ସ୍ଥାନୀୟ ଖେଳପଡ଼ିଆରୁ ଶୋଭାଯାତ୍ରାରେ ବାହାରି ବଜାର ଗାନ୍ଧୀ ଛକ ଦେଇ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା । ଏଥିରେ ରମଣୀ ରଞ୍ଜନ ପ୍ରଧାନ, ଲକ୍ଷ୍ମଣ ବେହେରା, ଚିତ୍ତରଞ୍ଜନ ମେଣ୍ଡୁଳି, ସରୋଜିନୀ ବେହେରା, ବିନତି ସାହୁ, ରବିନାରାୟଣ ବାରିକ, ସୁରୁଚି ପ୍ରଧାନ, ପୀତାମ୍ବର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ ସ୍ମାର୍ଟ ମିଟର ଜରିଆରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ କରାଯାଉଥିବା ଶୋଷଣକୁ ତୀବ୍ର ନିନ୍ଦା କରିଥଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳଙ୍କୁ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଲୁହା, ସୁଶାନ୍ତ ପାତ୍ର, ଉମେଶ ମୁଣ୍ଡା, କିଶୋରୀ ପ୍ରଧାନ, ବସୁମତୀ ସାହୁ, ଜୟବେହେରା, ଦୀପକ ପ୍ରଧାନ, ଲକ୍ଷ୍ମୀ ପ୍ରଧାନଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ ।




## ତାଳଚେରରେ ବେସାମରିକ ପ୍ରତିରକ୍ଷା ଦିବସ ପାଳିତ



ତାଳଚେର, ୯ ।୧୨(ସମିସ): ତାଳଚେରରେ ବେସାମରିକ ପ୍ରତିରକ୍ଷା ଦିବସ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଡେପୁଟି କଲେକ୍ଟର ମାନସ ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଜରୁରୀ ସେବା ଯୋଗାଇବାରେ ବେସାମରିକ ପ୍ରତିରକ୍ଷା ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ବେସାମରିକ ପ୍ରତିରକ୍ଷା ବାହିନୀ ସ୍ୱେଚ୍ଛାସେବୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ, ସେ ସମ୍ପର୍କରେ କୌଶଳ ପ୍ରଦର୍ଶନ କରିଥିଲେ । ଅଗ୍ନିଶମ ବିଭାଗ ପକ୍ଷରୁ ରୋବଟ ସାହାଯ୍ୟରେ ନିଆଁ ଆୟତ୍ତ କୌଶଳ ପ୍ରଦର୍ଶିତ ହୋଇଥିଲା । ଜ୍ଞାନେନ୍ଦ୍ର ଦାସ, ସଞ୍ଜୀବ ନାଏକ, ନିର୍ମଳ ରାଉତ, ଆଇନଜୀବୀ ବାଉରୀବନ୍ଧୁ ବେଜ, ଅଭିରାମ ଖୁଣ୍ଟିଆ ଓ ପ୍ରଶିକ୍ଷକ କାଳନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା, ୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ନୂଆ ସୁସବ ଗ୍ରାମର ଜାହ୍ନବୀ ମୁଣ୍ଡାଙ୍କୁ ସେହି ଅଞ୍ଚଳର ବିକାଶ ମୁଣ୍ଡା ହତ୍ୟା ଧମକ ଦେଇଥିବା ସୋମବାର ଜାହ୍ନବୀ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି । ଜାହ୍ନବୀ ଘରେ ଥିବାବେଳେ ବିଳମ୍ବିତ ରାତିରେ ବିକାଶ ଆସି ତାଙ୍କ କବାଟ ଭାଙ୍ଗିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ।

## ଲଟାବୁଦା ସଫା ହେଉନି, ବଢୁଛି ଦୁର୍ଘଟଣା

**ଜିଲ୍ଲାପାଳଙ୍କୁ ଅଭିଯୋଗ**

ବଇଣ୍ଡା, ୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆଠମଲ୍ଲିକଠାରୁ କିଆକଟା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଦୁଇ ପାଶ୍ୱର୍ ଏବେ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି । ଏଗୁଡ଼ିକ ସଫା କରାଯାଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏ ନେଇ ବାରମ୍ବାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସୋମବାର କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ ଆଠମଲ୍ଲିକ-କିଆକଟା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ କରାଯାଉ ନାହିଁ । ରାସ୍ତାର ଦୁଇ ପାର୍ଶ୍ୱ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ରହିଥିବା ବେଳେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ୬ ତାରିଖ ଏହି ରାସ୍ତାରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଥିଲେ । ଲଟାବୁଦା ସଫା ହେଉ ନ ଥିବାରୁ ପୂର୍ବରୁ ମଧ୍ୟ ଅନେକ ଦୁର୍ଘଟଣା ଘଟିଛି । ତୁରନ୍ତ ରାସ୍ତାର ଲଟାବୁଦା ସଫା କରିବା ପାଇଁ ସରପଞ୍ଚ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ ଘଟଣା

# ମହିଳା ସମେତ ୩ ଗିରଫ

ଛେଣ୍ଡିପଦା, ୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ ଘଟଣାରେ ଜଣେ ମହିଳା ସମେତ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କମ୍ପସଲା ପଞ୍ଚାୟତ ପୁରୁଣାସାହିର ମାନଗୋବିନ୍ଦ ସାହୁ, ଅଜୁ ସାହୁ ଓ ପୁଷ୍ପା ପ୍ରଧାନ । ଛେଣ୍ଡିପଦା ଥାନା ଅଞ୍ଚଳରେ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ତାଳଚେର ଖଣି ବିଭାଗ ଓ ଛେଣ୍ଡିପଦା ପୁଲିସ ପକ୍ଷରୁ ମଙ୍ଗଳବାର ରାତି ୪ଟାରେ ଚଢ଼ଉ କରାଯାଇଥିଲା । ଛେଣ୍ଡିପଦାରୁ କୁକୁରପେଟା ପ୍ରୋଜେକ୍ଟ ଆଡ଼କୁ ଯାଉଥିବା ଗୋଟିଏ ବେଆଇନ ବାଲି ଟ୍ରାକ୍ଟରକୁ ଅଧିକାରୀମାନେ ରାସ୍ତାରେ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବା ପରେ ସେଠାରୁ ଛେଣ୍ଡିପଦା ଥାନା ସୀମାନ୍ତ ଟିକିରା ନଦୀରୁ ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରିଥିଲେ । ଏହି ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଆସୁଥିବା ଦେଖି ଅନ୍ଧାରିକଟା ନିକଟରେ ଅଟକାଇ ଯାଞ୍ଚ କରିଥିଲେ । କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରାକ୍ଟରକୁ ଥାନାକୁ ଆଣୁଥିବା ବେଳେ ପୁରୁଣାପାଣି ନିକଟରେ ବାଲି ମାଫିଆମାନେ ଖଣି ବିଭାଗ କର୍ମଚାରୀ ଓ ପୁଲିସକୁ ଅଟକାଇଥିଲେ । ପୁଲିସକୁ ମାଡ଼ ମାରି ଜବତ ଟ୍ରାକ୍ଟର ନେଇ ଫେରାର ହୋଇଯାଇଥିଲେ । ଏନେଇ ଖଣି ବିଭାଗ ପକ୍ଷରୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାଲି ମାଫିଆମାନେ ଛଡ଼ାଇ ନେଇଥିବା ଟ୍ରାକ୍ଟର ଜବତ କରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି ।



# ଏସ୍‌ୟୁସିଆଇ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

କଣିହାଁ, ୯ ।୧୨(ସମିସ)



ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ କଣିହାଁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଶତାଧିକ ବିକ୍ଷୋଭକାରୀ କଣିହାଁ ଗାନ୍ଧୀ ମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି କଣିହାଁ ବଜାର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏନଟିପିସି, ଏମସିଏଲ, ଜେଆଇପିଏଲ, ପିଜିସିଆଇଏଲ ଆଦି କଳକାରଖାନା ଓ ଖଣି ଦ୍ୱାରା କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ବେକାର ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା, କଣିହାଁରୁ ଟାଙ୍କୁଆ, ଝରାବେରେଣୀ, ଖଜୁରିଆ, ସାପକଟା, ନିଆଲୁ, ଲୋଧାଝରୀ ଦେଇ ବାଲିପଶି ପଞ୍ଚାୟତ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇଦେବା, ଧୂଳି, ଧୂଆଁ, ପାଉଁଶ, କୋଇଲା ଗୁଣ୍ଡ, ବିଷାକ୍ତ ଆବର୍ଜନା ଦ୍ୱାରା ହେଉଥିବା ପ୍ରଦୂଷଣ ବନ୍ଦ କରି କଣିହାଁ ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା, ସର୍ବସାଧାରଣ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ, କଣିହାଁ ସିଏଚସିରେ ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେସିନ ସ୍ଥାପନ କରି ଆସିୟୁ ବ୍ୟବସ୍ଥା କରିବା ସହିତ ସମସ୍ତ ପିଏଚସିଗୁଡ଼ିକରେ ଆବଶ୍ୟକ ମୁତାବକ ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ, ହାତୀ, ବାରହା, ମାଙ୍କଡ଼ ଉପଦ୍ରବ ବନ୍ଦ ପାଇଁ ପଦକ୍ଷେପ ଗ୍ରହଣ କରି କ୍ଷତିଗ୍ରସ୍ତଙ୍କୁ ୭ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବାତିଲ କରିବା ସହ ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ବନ୍ଦ, ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ, ଚାଷୀଙ୍କଠାରୁ ସମସ୍ତ ଉତ୍ପାଦିତ ଧାନ କଟଣି ଛଟଣି ନ କରି ମଣ୍ଡିରେ ଯଥା ସମୟରେ କ୍ରୟ କରିବା, ତାଳଚେରଠାରୁ କଣିହାଁ ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରାଇବା, ସମସ୍ତ ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପକ୍କା ଘର ଯୋଗାଇବା, ଭୂମିହୀନ, ଆଦିବାସୀ ଓ ଜଙ୍ଗଲ ଅଧିବାସୀମାନଙ୍କୁ ଦଖଲିକୃତ ଜମିର ସ୍ଥାୟୀ ପଟ୍ଟା ଯୋଗାଇ ଦେବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅକାଶଛୁଆଁ ଦରବୃଦ୍ଧି ବନ୍ଦ କରିବା, ନାରୀ ନିର୍ଯାତନା ବନ୍ଦ କରିବା ସହିତ ଦୁଷ୍କର୍ମକାରୀଙ୍କୁ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡ ଦେବା, ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା, ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରି ବିଭିନ୍ନ ସ୍କିମରେ ନିଯୁକ୍ତ ଶିକ୍ଷକ, ପାଚିକା, ସହାୟିକା, ଆଶା, ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ମଦ, ଡ୍ରଗ୍ସ ଆଦି ମାଦକ ଦ୍ରବ୍ୟ କାରବାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସହିତ ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ଯୌନ ବ୍ୟଭିଚାରିତା ଓ ଅପରାଧ ପ୍ରବଣତାର ପ୍ରଚାର ପ୍ରସାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ଦାବି କରାଯାଇଛି । ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ଅନୁଗୋଳ ଜିଲ୍ଲା କମିଟି ସଭ୍ୟ ଟୁନା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଦଳର ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ରେଙ୍ଗାଲି ଜୋନ୍ ସମ୍ପାଦିକା ମାନସୀ ସ୍ୱାଇଁ, ସଭ୍ୟ ପରମାନନ୍ଦ ସାହୁ, ପ୍ରତାପ ପ୍ରଧାନ, ମିନତୀ ସାମଲ, ତୁଳସୀ ନାଏକ, ସୁମିତ୍ରା ନାଏକ ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ଘଟଣା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମିଲି ସାହୁ, ବୈଦେହୀ ପ୍ରଧାନ, ରୁଦ୍ରମଣି ନାଥକ, ବିଜୟ କୁମାର ସାହୁ, ପ୍ରଗତି ନାୟକ, କାବେରୀ ଜେନା, ଗୀତାଞ୍ଜଳି ସାହୁ, ବୀରେନ୍ଦ୍ର ନାଏକ, ଗନ୍ଧର୍ବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ତ୍ରିବିକ୍ରମ କୁମୁରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।


ଜନ୍ମଦିନର ଅଭିନନ୍ଦନ



ମନୋଜ କୁମାର ପ୍ରଧାନ
ଚେୟାରମ୍ୟାନ୍ କଳିଙ୍ଗ ଆବାସିକ ବିଦ୍ୟାଳୟ
ପ୍ରଭୁ ଶ୍ରୀ ଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ ।
ଶୁଭେଚ୍ଛା ସହ:
ପ୍ରମୋଦ ଭାଇ ଓ
ଦୁର୍ଗାପ୍ରସାଦ ପଣ୍ଡା, ଶିକ୍ଷକ
କଳିଙ୍ଗ ଆବାସିକ ବିଦ୍ୟାଳୟ

'ସକାଳ'ର ୫ମ ସ୍ୱନକ୍ଷତ୍ର ଉପଲକ୍ଷେ ଏହାର ପାଠକପାଠିକାଙ୍କ ସମେତ ଓଡ଼ିଶାର ସମସ୍ତ ନିର୍ମାଣ ଶ୍ରମିକ ଭାଇ ଭଉଣୀ ଓ ସେମାନଙ୍କ ପରିବାରଜନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ଅଶୋକ କୁମାର ତ୍ରିପାଠୀ
ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ
ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ
ଓଡ଼ିଶା

'ସକାଳ'ର ୫ମ ସ୍ୱନକ୍ଷତ୍ର ଉପଲକ୍ଷେ ଏହାର ପାଠକ ପାଠିକା ଓ ନରସିଂହପୁର ପଂଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ସୁଧୀର କୁମାର ଖଟୁଆ
ସରପଂଚ
ନରସିଂହପୁର ଗ୍ରାମ ପଂଚାୟତ
ଡେରାବିଶ ବ୍ଲକ

'ସକାଳ'ର ୫ମ ସ୍ୱନକ୍ଷତ୍ର ଉପଲକ୍ଷେ ଏହାର ପାଠକପାଠିକାଙ୍କ ସମେତ ଚାଟରାଚକଡ଼ା ପଂଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ନିରଞ୍ଜନ କର
ସମିତିସଭ୍ୟ
ଚାଟରାଚକଡ଼ା ଗ୍ରାମ ପଂଚାୟତ
ଡେରାବିଶ ବ୍ଲକ

'ସକାଳ'ର ୫ମ ସ୍ୱନକ୍ଷତ୍ର ଉପଲକ୍ଷେ ଏହାର ପାଠକ ପାଠିକାମାନଙ୍କ ସମେତ ମୁକୁନ୍ଦପୁର ସାଧନ କେନ୍ଦ୍ର ତଥା ଡେରାବିଶ ଶିକ୍ଷା ମଣ୍ଡଳର ସମସ୍ତ ଶିକ୍ଷକ ବନ୍ଧୁ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ବିଶ୍ୱଜିତ ମୁହୁଲି
ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ
ମୁକୁନ୍ଦପୁର ସାଧନକେନ୍ଦ୍ର
ଡେରାବିଶ ଶିକ୍ଷା ମଣ୍ଡଳ

'ସକାଳ'ର ୫ମ ସ୍ୱନକ୍ଷେତ୍ର ଉପଲକ୍ଷେ ଏହାର ପାଠକ ପାଠିକାମାନଙ୍କୁ ଓ ହରିଅଙ୍କ ପଂଚାୟତ ସମେତ ଡେରାବିଶ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ସୁଖଦାନନ୍ଦ ପ୍ରଧାନ
ସମାଜସେବୀ
ଡେରାବିଶ ବ୍ଲକ

# ରଘୁଦେଇପୁର-ଛୋଟି ରାସ୍ତା କାମ ନିମ୍ନମାନର



ପଞ୍ଚୁପାଣ୍ଡବ, ୯ ।୧୨(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ରଘୁଦେଇପୁରରୁ ଛୋଟି ରାସ୍ତାରେ ହେଉଥିବା ପିଚୁ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ସପ୍ତାହ ହେଲା ଠିକାଦାର କାମ କରିଥିବାବେଳେ ଏହା ଅତି ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାର ରଘୁଦେଇପୁରରୁ ରାଇସ ମିଲ୍ କେନାଲ ବନ୍ଧ ପର୍ଯ୍ୟନ୍ତ ମରାମତି ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଠିକାଦାର ନିମ୍ନମାନର କାମ କରିବା ସହ ର' ଠ' କାମ କରି ସାରିଦେଇଥିବା ଅଭିଯୋଗ ହୋଇଛି। କେତେକ ଜାଗାରେ ଖଣ୍ଡିଆ ଖାବରା ରହିଥିବାବେଳେ ଭଲ ରାସ୍ତାକୁ ମରାମତି କରିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରେ ପ୍ରତିଦିନ ସରକାରୀ ବସ୍ ଓ ଶହ ଶହ ଗାଡ଼ି ଯାତାୟାତ କରୁଥିବାବେଳେ ରାଇସ ମିଲ୍‌କୁ ୧୬, ୧୮ ଚକିଆ ଗାଡ଼ି ଚଳାଚଳ କରୁଛି। ଠିକାଦାର ଜଣକ ମନମୁଖି କାର୍ଯ୍ୟ କରି ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବିଲ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନିର୍ମାଣାଧୀନ ରାସ୍ତାରେ ଗଡୁଛି ମେଣ୍ଟାଲ

ଡେରାବିଶ, ୯ ।୧୨(ସମିସ)



ଡେରାବିଶ ବ୍ଲକ ଅଞ୍ଚଳର ଅନ୍ୟତମ ମୁଖ୍ୟ ରାସ୍ତା ଭାବେ ପରିଚିତ କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ ଜାରି ରହିଛି। ଠିକାଦାର ଏହି ରାସ୍ତାର ଗୁଆଳସିଂ ପଞ୍ଚାୟତ ବ୍ଲକ କାର୍ଯ୍ୟାଳୟଠାରୁ ଠାକୁରହାଟ ପର୍ଯ୍ୟନ୍ତ ରାସ୍ତାର ପିଚୁକୁ ତାଡ଼ି ଦେଇଛନ୍ତି। ଫଳରେ ରାସ୍ତାରେ ବଡ଼ ବଡ଼ ମେଣ୍ଟାଲ ଗଡ଼ି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହି ରାସ୍ତା ଗୁଆଳସିଂ, କୁଶିଆପାଳ, ରଘୁଦେଇପୁର, ଚାଟରାଚକଡ଼ା କୁରୁଜଙ୍ଗା, ଗୋଲରହାଟ, କାଉପଡ଼ା, ଲକ୍ଷ୍ମୀନାରାୟଣପୁର ଆଦି ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲା ସଦରମହକୁମାକୁ ଯିବା ପାଇଁ ମୁଖ୍ୟ ରାସ୍ତା ଅଟେ। ଏଥିସହ ଏହି ପଞ୍ଚାୟତଗୁଡ଼ିକରୁ ଦୈନିକ ହଜାର ହଜାର ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଓ କଲେଜ ଯାଇଥାନ୍ତି। ଠିକାଦାର ରାସ୍ତାରେ ରୋଲର ଚଳାଉ ନ ଥିବାରୁ ବଡ଼ ମେଣ୍ଟାଲଗୁଡ଼ିକ ଗଡ଼ି ପଥଚାରୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏପରିକି ମେଟାଲରେ ଚକ ଖସିବା ଫଳରେ ଛାତ୍ରଛାତ୍ରୀ ରାସ୍ତାରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବା ପ୍ରକାଶ କରିଛନ୍ତି। ସେହିପରି ଠିକାଦାର କିଛି ସ୍ଥାନରେ ରାସ୍ତା ଚଉଡ଼ା କରିବା ପାଇଁ ଗଦା କରିଥିବା ଡଷ୍ଟ ପବନରେ ଉଡ଼ି ସ୍ଥାନୀୟ କେଲୋନୀ ଓ ପଥଚାରୀଙ୍କୁ ଅସୁବିଧାରେ ପକାଉଛି। ତୁରନ୍ତ ଏହି ରାସ୍ତାରେ ରୋଲର ଚଳାଇ ମେଟାଲଗୁଡ଼ିକୁ ଚପାଇବା ସହ ରାସ୍ତାରେ ପାଣି ପକାଇ ଧୂଳି ଉଡ଼ିବା ବନ୍ଦ କରିବାକୁ ଛାତ୍ରଛାତ୍ରୀ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଧର୍ମପରାୟଣା ମହିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୯ ।୧୨(ସମିସ): ଅଣ୍ଡରା ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁଙ୍କ ଧର୍ମପତ୍ନୀ ତଥା ଧର୍ମପରାୟଣା ବନ୍ଦନା ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଶିଳ୍ପଦ୍ୟୋଗୀ ସରୋଜ କୁମାର ବିଶ୍ୱାଳ, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, କେନ୍ଦ୍ରାପଡ଼ା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ପୂର୍ବତନ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ସରପଞ୍ଚ ଅଶ୍ୱିନୀ ପାତ୍ର, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ମଳୟ ଦାସ, ପୂର୍ବତନ ସରପଞ୍ଚ କ୍ଷମାନିଧି ସାମଲ, କୁଳମଣି ମଲିକ, ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳ, ପାର୍ଥସାରଥି ଦାଶ, ସୁରେଶ ଚନ୍ଦ୍ର ଜେନା, ସଚ୍ଚିତ୍ର କୁମାର ବେହୁରା, ପ୍ରଦୀପ ନାୟକ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରେମାନନ୍ଦ ସୁତାର, ନାରାୟଣ ବିଶ୍ୱାଳ, ସାମ୍ବାଦିକ ନରେନ୍ଦ୍ର ଧଳ, ଅକ୍ଷୟ ମହାନ୍ତି, ନିରଞ୍ଜନ ସୁନ୍ଦରାୟ, ବିଶ୍ୱଜିତ ମହାନ୍ତି, ପ୍ରଭାତ ମଲ୍ଲିକ, ଅମୀୟ ବେହୁରା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ପଣ୍ଡିତ ପ୍ରସନ୍ନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଗୀତଜ୍ଞାନ ଯଜ୍ଞ ସମ୍ପନ୍ନ ହୋଇଥିଲା। ରଶ୍ମିରଞ୍ଜନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରେମାନନ୍ଦ ସ୍ୱାଇଁ, ଅଭୟ ସ୍ୱାଇଁ, ରଞ୍ଜିତ ସ୍ୱାଇଁ, ରାକେଶ ସ୍ୱାଇଁ, ବିଶ୍ୱରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଶିକ୍ଷୟିତ୍ରୀଙ୍କ ବଦଳି, ନୂଆ ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା



ପଟ୍ଟାମୁଣ୍ଡାଇ, ୯ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ସରକାରୀ ହାଇସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ସମାଧାନ ହୋଇପାରୁ ନ ଥିବା ବେଳେ ଜଣେ ଶିକ୍ଷୟିତ୍ରୀ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ତାଙ୍କ ବଦଳି ଓ ନୂଆ ଶିକ୍ଷକ ନିଯୁକ୍ତି ଦାବିରେ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ, ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଆଗରେ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ ୨୦୨୩ରେ ବାଲିପାଟଣା ନୋଡାଲ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ଗ୍ରହଣରେ ଅନ୍ତରାୟ ସୃଷ୍ଟି କରୁଥିବା ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଥିବା ବିଜ୍ଞାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଶୁଭଦର୍ଶିନୀ ସାହୁଙ୍କ ଅନ୍ୟତ୍ର ବଦଳି ପାଇଁ ପରିଚାଳନା କମିଟି ଓ ଅଭିଭାବକମାନେ ବହୁବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଆବେଦନ କରିଥିଲେ। ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ଶାଶ୍ୱତୀଙ୍କୁ ଡେପୁଟେସନରେ ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲକୁ ପଠାଇଥିଲେ। ମାତ୍ର ଡେପୁଟେସନ ଅବଧି ସରିବା ପରେ ଶାଶ୍ୱତୀ ଗତମାସ ୨୮ରେ ପୁନର୍ବାର ବାଲିପାଟଣା ହାଇସ୍କୁଲରେ ଯୋଗଦେଇଛନ୍ତି। ଯାହାକୁ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଗ୍ରହଣ କରିପାରୁନାହାନ୍ତି। ଏ ନେଇ କମିଟି ପକ୍ଷରୁ ଗତ ୩ ତାରିଖ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଭେଟି ଶାଶ୍ୱତୀଙ୍କୁ ଅନ୍ୟତ୍ର ବଦଳି କରିବା ସହ ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ପରିଚାଳନା କମିଟି ଓ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଇଓ ଅଜିତ ବାରିକଙ୍କୁ ପଚାରିବାରୁ ଏକ ସରକାରୀ କାର୍ଯ୍ୟରେ ବାହାରେ ଥିବାବେଳେ ବୁଧବାର ପହଞ୍ଚି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ଡେରାବିଶ, ୯ ।୧୨(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ନରୋତ୍ତମ ପ୍ରସାଦ ପରିଡ଼ା (୭୩)ଙ୍କର ମଙ୍ଗଳବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଛି। ସ୍ୱର୍ଗତ ପରିଡ଼ା ଏହି ପଞ୍ଚାୟତରେ ଦୁଇଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ଲୋକପ୍ରିୟ, ସ୍ପଷ୍ଟବାଦୀ ସମାଜସେବୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଏହାସହ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଂଗଠନର ପୃଷ୍ଠପୋଷକ ଭାବେ କାର୍ଯ୍ୟ କରୁଥିଲେ। ପଲେଇ ନାଗରିକ ମଞ୍ଚ ସଭାପତି ଭାବେ ସେ କାର୍ଯ୍ୟନିର୍ବାହ କରୁଥିଲେ।



ଆଜି ଅପରାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କଟକ ନିଆଯାଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମରଶରୀରକୁ ପଲେଇସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସାଥୀ ସମାଜର ସମ୍ପାଦକ ସମାଜସେବୀ ନିରଞ୍ଜନ ସାହୁ, ମନୋରମା ରାଉତ, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା, ଅଶ୍ୱିନୀ ପରିଡ଼ା, ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ପ୍ରସନ୍ନ କୁମାର ସାମଲ, ଲୋକନାଥ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ବେଙ୍ଗାଲୁରୁରେ ରହୁଥିବା ତାଙ୍କ ସାନପୁଅ ପହଞ୍ଚିବା ପରେ ବିଳମ୍ବିତ ରାତିରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ଇଂ ଶୁଭେନ୍ଦୁ କୁମାର ପରିଡ଼ା ମୁଖାଗ୍ନି ଦେଇଥିଲେ। ନରୋତ୍ତମଙ୍କ ବିୟୋଗରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଆଳିରେ ବେଧଡ଼କ ଚାଲିଛି ଗଛକଟା

ଆଳି, ୯ ।୧୨(ସମିସ): ଆଳି ବ୍ଲକର ବିଭିନ୍ନ ସ୍ଥାନରୁ ବେଧଡ଼କ ଗଛକଟା ଚାଲିଛି। ହେଲେ ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛିଦିନ ହେବ ଅଟାଳ-କୋଚିଳା ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା କଡ଼ରୁ ଆକାସି ଗଛ କଟାଯାଇ ଚାଲାଣ କରାଯାଇଛି। ଏ ନେଇ ସ୍ଥାନୀୟ ଲୋକେ ଆଳି ବନ ବିଭାଗ ଅଧିକାରୀ ଲକ୍ଷ୍ମୀପ୍ରିୟା ଖଟୁଆଙ୍କୁ ଜଣାଇଥିଲେ। ସେ ଘଟଣାସ୍ଥଳରେ ପହଞ୍ଚି ଗଛ କଟା ହୋଇଥିବା ଦେଖିଥିଲେ। ଉଭୟ ଗଛ କଟାଳି ଓ ଗଛକୁ ନ ପାଇ ଖାଲିହାତ ଫେରିଥିଲେ। ବିଗତ ଦିନରେ ଅଟାଳ-କୋଚିଳା ରାସ୍ତା କଡ଼ରୁ ବେଆଇନ ଗଛ କଟାଯିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏ ପର୍ଯ୍ୟନ୍ତ ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଲକ୍ଷାଧିକ ଟଙ୍କାର ଅକାସି ଗଛକୁ କିଛି ଲୋକ ବେଇଆଇନ ଭାବେ କାଟି ଏବେ ବି ରାସ୍ତାରେ ପକାଇଥିବା ଅଭିଯୋଗ ହୋଇଛି। ସେହିପରି କଳସପୁର ପଞ୍ଚାୟତ ନଦୀ ପାଖ ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ବାଗଲା ଗଛ କଟାଯାଇଥିବା ଦେଖିବାକୁ ମିଳିଛି। ଏଥିସହ ଦିନ ଦ୍ୱିପ୍ରହରରେ କଟକ-ଚାନ୍ଦବାଲି ରାସ୍ତା ଦେଇ କଟା ହୋଇଥିବା ଗଛ ବେଧଡ଼କ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହେଉଛି। ଏ ନେଇ ଆଳି ବନ ବିଭାଗ ଅଧିକାରୀ ଲକ୍ଷ୍ମୀପ୍ରିୟା ଖଟୁଆଙ୍କୁ ପଚାରିବାରୁ ଅଚାନକ ଚଢ଼ଉ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପୂର୍ବତନ ୱାର୍ଡ ସଭ୍ୟଙ୍କୁ ଅପହରଣ ପରେ ହତ୍ୟା ଘଟଣା

## ଆଉ ଜଣଙ୍କୁ ଉଠାଇ ଆଣିଲା ପୁଲିସ

ରାଜନଗର, ୯ ।୧୨(ସମିସ): ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀଙ୍କୁ ଅପହରଣ ପରେ ହତ୍ୟା ଘଟଣାରେ ମଙ୍ଗଳବାର ସକାଳେ ପୁଲିସ କାଙ୍କଦିଆ ଗାଁର ବିଘ୍ନେଶ୍ୱର ମଲ୍ଲିକଙ୍କୁ ଉଠାଇ ଆଣିଛି। କାଙ୍କଦିଆ ଜଙ୍ଗଲ ପାଖ ବରଗଛ ନିକଟରେ ସଂଘଟିତ ହତ୍ୟାକାଣ୍ଡରେ ବିଘ୍ନେଶ୍ୱର ସାମିଲ ଥିଲେ ବୋଲି ସୂଚନା ରହିଛି। ସେହିପରି ଅନ୍ୟତମ ଅଭିଯୁକ୍ତ ମହିଳା ଜାମିନୀ ସ୍ୱାଇଁଙ୍କୁ ମଙ୍ଗଳବାର ପୁଲିସ କୋର୍ଟ ଚାଲାଣ କରିଛି। ଫଳରେ ଏହି ହତ୍ୟାକାଣ୍ଡ ଘଟଣାରେ ସସପେନ୍ସ ବଢ଼ିବାରେ ଲାଗିଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କିଏ? ଜାମିନୀ ନା ବିଘ୍ନେଶ୍ୱର ନା ଆଉ କିଏ ତାହାକୁ ନେଇ ଚର୍ଚ୍ଚା ଆଲୋଚନା ବଢ଼ିବାରେ ଲାଗିଛି। ଅନ୍ୟପଟେ ରଙ୍ଗମିସ୍ତ୍ରି ଭାଗ୍ୟଧର ଜେନାଙ୍କୁ ମଧ୍ୟ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଡିଆପାରି ଗାଁର ବଳରାମ ସେଠୀ ଗତମାସ ୩୦ ତାରିଖ ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ପକ୍ଷରୁ ପ୍ରଥମେ ନିଖୋଜ ନେଇ ଏତଲା ଦିଆଯାଇଥିଲା। ପରେ ତାଙ୍କୁ ଅପହରଣ କରାଯାଇଥିବା ଓ କାହା ସହ ଶତ୍ରୁତା ଥିବା ନେଇ ସୂଚନା ଦିଆଯାଇଥିଲା। ପୁଲିସ ଏହି ଘଟଣାରେ ୪ ତାରିଖ କୋଇଲିପୁର ପଞ୍ଚାୟତର ୫ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରି ପୁଣି ଛାଡ଼ି ଦେଇଥିଲା। ୭ ତାରିଖ ଅପରାହ୍ନରେ ପୁଲିସ ଭାଗ୍ୟଧର ଓ ତାଙ୍କ ବିବାହିତା ଝିଅଙ୍କୁ ତାଙ୍କ ଘରୁ ନ ପାଇ ବନ୍ଧୁ ଘରୁ ଉଠାଇ ଆଣିଥିଲା। ୮ ତାରିଖ କାଙ୍କଦିଆ ଗାଁ ପଛ ଜଙ୍ଗଲ ନିକଟରେ ପୁଲିସ ଅଗ୍ନିଶମ ବାହିନୀ ପହଞ୍ଚି କେନାଲରୁ ବଳରାମଙ୍କ ଜ୍ୟାକେଟ, ଚପଲ ଓ ବାଇକ୍ ଉଦ୍ଧାର କରିଥିଲେ। କେନାଲ ନିକଟ ହଂସୁଆ ନଦୀ ପଠାରେ ଥିବା ଜଙ୍ଗଲରୁ ବଳରାମଙ୍କ କଙ୍କାଳ ଉଦ୍ଧାର କରାଯାଇଥିଲା। ଆଜି କଟକ ବଡ଼ ମେଡିକାଲରେ ଏଫଏମଟି କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଛି।

# ବାୟାବାବାଙ୍କ ଜନ୍ମୋତ୍ସବ ପାଇଁ ଶୋଭାଯାତ୍ରା





ରାଜନଗର, ୯ ।୧୨(ସମିସ): ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ରାଜନଗର ମାଟିର ଦେବପ୍ରତିମ ସୁଯୋଗ୍ୟ ସନ୍ତାନ ଆଧ୍ୟାତ୍ମିକ ଜଗତର ଅନନ୍ୟ ସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟିରେ ୧୨୮ ତମ ଜୟନ୍ତୀ ପାଳନ ପାଇଁ ଶୋଭାଯାତ୍ରା କରାଯାଇଛି। ଶ୍ରୀମଦ୍ ବାୟାବାବାଙ୍କ ଶ୍ରୀବିଗ୍ରହକୁ ସୁସଜ୍ଜିତ ରଥରେ କଳ୍ପତରୁ ସେବାସଂଘ ଗୁଲୁଦିଆ ଶାଖାରୁ ବାହାର କରାଯାଇ ତରପଦା, ଧନେଶ୍ୱରପୁର, ସାନ ବଡ଼ ଗୋପାଳପୁର, ରାଜନଗର ଗାଁ, ବଜାର, ତନ୍ତିପୋଖରୀ, ମହିଁଷାସୁର, ଚଣ୍ଡିଆପଲ୍ଲୀ ପ୍ରଭୃତି ଗାଁ ନାମ ସଂକୀର୍ତ୍ତନ ମାଧ୍ୟମରେ ପରିକ୍ରମା କରାଯାଇଥିଲା।

ବାବାଙ୍କ ଜନ୍ମୋତ୍ସବ ଉପଲକ୍ଷେ ୪ର୍ଥ ପ୍ରହର ନାମଯଜ୍ଞ ପାଇଁ ସନ୍ଧ୍ୟାରେ ଶୁଭାଧିବାସ ହୋଇଛି। କାର୍ଯ୍ୟକ୍ରମରେ ଗୁଲୁଦିଆ ଚଣ୍ଡିଆପଲ୍ଲୀ କଳ୍ପତରୁ ସେବା ସଂଘ ସମ୍ପାଦକ ସନାତନ ନାୟକ, ସର୍ବେଶ୍ୱର ବିଶ୍ୱାଳ, ବ୍ରହ୍ମାନନ୍ଦ ବିଶ୍ୱାଳ, ଗଣେଶ୍ୱର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଚିତ୍ତରଞ୍ଜନ ସାହୁ, ମହେଶ୍ୱର ବାରିକ, ଜ୍ୟୋତିବ୍ରତ ନାୟକ, ସତ୍ୟରଞ୍ଜନ ସାହୁ, ଅକ୍ଷୟ କୁମାର ନାୟକ, ଅମର କୁମାର ଜେନା, ମହେନ୍ଦ୍ର କୁମାର ନାୟକ, ଦିବ୍ୟରଞ୍ଜନ ସାହୁ, ରଞ୍ଜନ କୁମାର ପ୍ରଧାନ, ସରୋଜ କୁମାର ବିଶ୍ୱାଳ, ଅଲେଖ କୁମାର ପରିଡ଼ାଙ୍କ ସମେତ ଶହ ଶହ ବାୟାପ୍ରେମୀ ସାମିଲ ହୋଇଥିଲେ।

# ପଟ୍ଟାମୁଣ୍ଡାଇରେ ବ୍ୟାପକ ସରକାରୀ ଜାଗା ସ୍ଥିତିବାନରେ ପରିଣତ

ପଟ୍ଟାମୁଣ୍ଡାଇ, ୯ ।୧୨(ସମିସ)

- ବାଦ୍ ପଡ଼ିନି ସରକାରୀ ଅଫିସ
- କାର୍ଯ୍ୟାନୁଷ୍ଠାନ ବଦଳରେ ଚୁପ୍ ବସିଛି ପ୍ରଶାସନ

ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ କୋଟି କୋଟି ଟଙ୍କାର ସରକାରୀ ଜାଗା ଏବେ ବ୍ୟକ୍ତିଗତ ମାଲିକାନାରେ ପରିଣତ ହୋଇଛି। ଶହ ଶହ ଏକର ସରକାରୀ ଜାଗାକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ନିଜ ନାମରେ ସ୍ଥାୟୀ ପଟ୍ଟା କରାଇ ନେଲେଣି। କେତେକ ସ୍ଥାନରେ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜାଗା ଜବରଦଖଲ କରି ନିଜ କବଜାରେ ରଖିଛନ୍ତି। କୋଟି କୋଟି ଟଙ୍କାର ମୂଲ୍ୟବାନ ଜାଗାକୁ ପ୍ରଭାବଶାଳୀ ବ୍ୟକ୍ତି କେବଳ ମାଡ଼ି ବସିନାହାନ୍ତି; ସ୍ଥାୟୀ ବାସଗୃହ, ଦୋକାନ ଗୃହ ନିର୍ମାଣ କରିଛନ୍ତି ଓ ଭଡ଼ାରେ ଲଗାଇଛନ୍ତି। ଖୋଦ ରାଜସ୍ୱ ବିଭାଗ ଜବରଦଖଲକାରୀଙ୍କୁ ସାମ୍ନା କରିବାରେ ବିଫଳ ହୋଇଛି। ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ପରିସର ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମାଲିକାନାରେ ଥିବାବେଳେ ସଦର ଆର୍‌ଆଇ ଅଫିସ କାର୍ଯ୍ୟାଳୟ ପରିସର ମଧ୍ୟ ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଇଛି। ପ୍ରଶାସନ ଏହି ମୂଲ୍ୟବାନ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ସକ୍ଷମ ହୋଇପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇରେ ସରକାରୀ ଜମିକୁ ଜବରଦଖଲ କରି ମାଲିକାନା ଜାହିର କରୁଥିବା ବ୍ୟକ୍ତି ବେପରୁଆ ଓ ବେଫିକର ଥିବା ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇ ବଜାର ରାସ୍ତା ପାର୍ଶ୍ୱରେ ଦୋକାନ ଖୋଲି ପରିବାର ପ୍ରତିପୋଷଣ କରୁଥିବା ଉଠାଦୋକାନୀଙ୍କ ଦୋକାନ ଘରକୁ ଭାଙ୍ଗିଦେଇ ପ୍ରଶାସନ ଜବରଦଖଲ ଉଚ୍ଛେଦ ଦାୟିତ୍ୱ ସମ୍ପନ୍ନ କରୁଥିବା ଭଳି ଘଟଣା ହାସ୍ୟାସ୍ପଦ ହୋଇଛି। କେତେକ ସରକାରୀ ଜାଗାକୁ ଅସାମାଜିକ ବ୍ୟକ୍ତି ଅକ୍ତିଆର କରି ପ୍ଲଟିଂ କରି ବିକ୍ରି କରୁଛନ୍ତି। ଅନେକ ସମୟରେ ଏଥିପାଇଁ ଗଣ୍ଡଗୋଳ ଘଟି ମାମଲା ଥାନାକୁ ଯାଇଥିବା ବହୁ ନଜିର ରହିଛି। ଏହି ଜବରଦଖଲ ଘଟଣା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସହରରେ ଜବରଦଖଲକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ କରୁନାହିଁ। ନୋଟିସ କରାଯାଇଥିଲେ ମଧ୍ୟ ଉଚ୍ଛେଦ ନ କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ଲୋକେ ଚାହିଁ ବସିଛନ୍ତି।

ପଟ୍ଟାମୁଣ୍ଡାଇ ସହରରେ ଜମି ଦର ଆକାଶଛୁଆଁ ହୋଇଥିବାବେଳେ ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେଇ ଜମି ମାଫିଆ ଅନ୍ୟକୁ ବିକ୍ରି କରି ମାଲାମାଲ୍ ହେଉଛନ୍ତି। ବହୁ ସରକାରୀ ଜାଗା ୧୯୩୫ ଓ ୧୯୮୦ ବନ୍ଦୋବସ୍ତରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ନିଜ ନାମକୁ କରିନେଇଥିବା ଜଣାପଡ଼ିଛି। ପରେ ତହସିଲଦାରଙ୍କୁ ହାତକରି ନଦୀପଠା, ଅନାବାଦୀ, ଗୋଚର ଜମିକୁ ନିଜ ନାମକୁ କରିନେଇଛନ୍ତି। ଯଦ୍ୱାରା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ପରିବହନ ବିଭାଗ, ଗୃହରାସ୍ତା ବିଭାଗ, ବିଦ୍ୟୁତ ବିଭାଗ, ଜଳାଶୟ, ନୟନଜୋରୀ, କେନାଲ ଓ ରାଜସ୍ୱ ବିଭାଗର ମୂଲ୍ୟବାନ ଜାଗା ନିଜ ନାମକୁ କରିନେବାରେ ସକ୍ଷମ ହୋଇଛନ୍ତି। ତହସିଲ ନିକଟରେ ପ୍ରମାଣ ଅଭାବରୁ ସେମାନଙ୍କୁ ଉଚ୍ଛେଦ କରାଯାଇପାରୁନାହିଁ। ତହସିଲ ପକ୍ଷରୁ ଯଦିବା ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଉଛି, ଜବରଦଖଲକାରୀ ଉଚ୍ଚନ୍ୟାୟାଳରୁ ସ୍ଥଗିତାଦେଶ ଆଣି ପ୍ରକ୍ରିୟାକୁ ବାଟବଣା କରୁଛନ୍ତି। ଅନ୍ୟପକ୍ଷରେ ଜବରଦଖଲ ଜମି ୩ ମାସ ମଧ୍ୟରେ ସରକାରୀ ଖାତାକୁ ଆଣିବାକୁ ସମସ୍ତ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଗତ ଅଗଷ୍ଟରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟ ବେଞ୍ଚରେ ମଧ୍ୟ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦର୍ଶାଇଛନ୍ତି। ସ୍ଥାନୀୟ ପ୍ରଶାସନ ସବୁଜାଣି ଚୁପ ବସିଥିବା ପରିସ୍ଥିତିକୁ ସଙ୍ଗୀନ କରିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜବରଦଖଲ ହୋଇଥିବା ନଦୀ, ନାଳ, ଅନାବାଦୀ, ଗୋଚର, ରକ୍ଷିତ ଓ ପୋତା ଗୋବରୀ ନଦୀ କେବେ ଉଚ୍ଛେଦ ହେବ, ପଟ୍ଟାମୁଣ୍ଡାଇବାସୀ ଅପେକ୍ଷା କରିଛନ୍ତି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ର ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

**ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।**

**୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।**

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ
THE SAKALA

## ଅସୁସ୍ଥ ସ୍ୱାସ୍ଥ୍ୟାବସ୍ଥା

ରାଜ୍ୟରେ ସରକାରୀ ଓ ଘରୋଇ ମେଡିକାଲ୍ ସଂଖ୍ୟା ଇତିମଧ୍ୟରେ ୧୯ ରେ ପହଞ୍ଚିଛି। ସେଥିରୁ ବର୍ଷକୁ ପାଖାପାଖି ୨୨୦୦ ଡାକ୍ତର ଓ ୯୦୦ ବିଶେଷଜ୍ଞ ଉତ୍ତୀର୍ଣ୍ଣ ହେଉଛନ୍ତି। ଅଥଚ ଆମ ରାଜ୍ୟରେ ଡାକ୍ତର-ରୋଗୀ ଅନୁପାତର ବୈଷମ୍ୟ ବାରି ହୋଇପଡୁଛି। ସହରାଞ୍ଚଳ ଡାକ୍ତରଖାନାମାନଙ୍କରେ ରୋଗୀମାନଙ୍କର ରାତି ଅଧରୁ ଲମ୍ବା ଧାଡ଼ି ଏବଂ ଗ୍ରାମାଞ୍ଚଳରେ ରୋଗୀମାନଙ୍କୁ ଖଟିଆରେ ବୋହି ଜିଲ୍ଲା ଡାକ୍ତରଖାନାକୁ ଆଣିବାର କ୍ରମବର୍ଦ୍ଧିଷ୍ଣୁ ଦୃଶ୍ୟରୁ ଆମ ଚିକିତ୍ସା ବ୍ୟବସ୍ଥାର ବିକଳ ଅବସ୍ଥା ପ୍ରମାଣିତ ହେଉଛି। ବିଧାନସଭାର ଚଳିତ ଅଧିବେଶନରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀରୁ ୯୫୦୩ ବା ୬୦% ଡାକ୍ତର ପଦବୀ ଖାଲି ପଡ଼ିଛି। ୬୨୭୧ ଡାକ୍ତରଙ୍କୁ ସରକାର ନିୟମିତ ନିଯୁକ୍ତ କରିଥିବା ବେଳେ ୧୧୩୫ ଡାକ୍ତର ଠିକାରେ ନିଯୁକ୍ତ ହୋଇଛନ୍ତି। ଅଧିକ ଡାକ୍ତର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)କୁ ଅନୁରୋଧ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। କିନ୍ତୁ ଓପିଏସ୍‌ସି ଦ୍ୱାରା ସଦ୍ୟତମ ଚୟନ କରାଯାଇଥିବା ତାଲିକା ପ୍ରକାଶନର ତିନି ମାସ ବିତିସାରିଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏଥିରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରଙ୍କ ଆନ୍ତରିକତା କେତେ ତାହା ଆଉ ବୁଝାଇ କହିବା ଆବଶ୍ୟକ ନୁହେଁ।

ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରତିବର୍ଷ ସରକାରୀ ଓ ଘରୋଇ ମେଡିକାଲ୍ କଲେଜ୍‌ରୁ ଯେଉଁ ଡାକ୍ତରୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନେ ଯାଉଛନ୍ତି କୁଆଡ଼େ? ଚାରିବର୍ଷିଆ ଡାକ୍ତରୀ ପାଠ୍ୟକ୍ରମ ସହିତ ଏକବର୍ଷର ବାଧ୍ୟତାମୂଳକ ତାଲିମ୍ ସରିବା ପରେ ସେମାନେ ଡାକ୍ତରୀ ଚିକିତ୍ସା ପାଇଁ ଯୋଗ୍ୟ ବୋଲି ଡାକ୍ତରୀ ପାଠ୍ୟକ୍ରମ ଓ ତାଲିମ୍ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ଓ ଅନୁମତିପତ୍ର ଦିଆଯାଉଛି। ତେବେ ସରକାର ପୁଣି ଓପିଏସ୍‌ସି ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି କେଉଁ ଉଦ୍ଦେଶ୍ୟରେ ଏବଂ ତାହା ନିୟମିତ ସମ୍ପନ୍ନ ହେଉନାହିଁ କାହିଁକି? ଜଣେ ସଚେତନ ନାଗରିକଙ୍କୁ ଏହିସବୁ ପ୍ରଶ୍ନ ଆନ୍ଦୋଳିତ କଲା ବେଳେ ସମାଧାନର ସୂତ୍ରଟିଏ ମଧ୍ୟ ସ୍ୱତଃ ଜନ୍ମ ନିଏ। ଯଦି ସରକାର ଓପିଏସ୍‌ସି ଚୟନ ପ୍ରକ୍ରିୟାକୁ ସର୍ବାଦୌ ଗୁରୁତ୍ୱ ଦେଉଛନ୍ତି ତେବେ ଭଲ କଥା; କିନ୍ତୁ ଏହି ଅବଧି ମଧ୍ୟରେ ଠିକା ନିଯୁକ୍ତିରେ ଅସୁବିଧା କେଉଁଠି ରହିଛି? ପୂର୍ବ ସରକାର ଅମଳରେ ଏହିଭଳି ଠିକା ନିଯୁକ୍ତି ଯୋଗୁଁ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାରେ ଅନେକାଂଶ ସୁଧାର ଆସିପାରିଥିଲା। କିନ୍ତୁ କେଉଁ ଉଦ୍ଦେଶ୍ୟ ନେଇ ଏବେକାର ସରକାର ଏହାକୁ ଉଠାଇ ନେଲେ ତାହା ବୁଝାପଡୁନାହିଁ। ପୁଣି ଯଦି ଘରୋଇ କ୍ଲିନିକ୍, ଡାକ୍ତରଖାନା ଓ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ୍‌ମାନେ ସଦ୍ୟତମ ଉତ୍ତୀର୍ଣ୍ଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଭରସା କରିପାରୁଛନ୍ତି, ସେମାନଙ୍କୁ ଅଧିକ ଦରମାରେ ନିଯୁକ୍ତି ଦେଇପାରୁଛନ୍ତି ସରକାରୀ ନୀତିରେ ସେମାନେ ଅଛୁଆଁ କାହିଁକି ଓ କିପରି ହେଉଛନ୍ତି?

ଏ ପ୍ରଶ୍ନ କେବଳ ଆମର ନୁହେଁ; ଏଥିରେ ନିହିତ ରହିଛି ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକ ଓ ମ୍ୟାଲେରିଆପ୍ରବଣ ଏକ ରାଜ୍ୟର ଜନସ୍ୱାସ୍ଥ୍ୟର ସମସ୍ୟା ଓ ସମାଧାନର ସୂତ୍ର। ଜନସ୍ୱାର୍ଥ ଓ ସାମୂହିକ କଲ୍ୟାଣ ଦୃଷ୍ଟିରୁ ସରକାର ଜନସ୍ୱାସ୍ଥ୍ୟର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦିଅନ୍ତୁ। ●

## ରଙ୍ଗର ମୋହ

ଜୀବନଦର୍ଶନରେ ରଙ୍ଗର ଆଳଙ୍କାରିକ ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଯେତେବେଳେ ତାହା(ରଙ୍ଗ) ଜୀବନଚର୍ଯ୍ୟାର ଅଙ୍ଗ ହୋଇପଡ଼େ ତାହା ଆନନ୍ଦ ବଦଳରେ ସମସ୍ୟା ସୃଷ୍ଟି କରେ। ଯାହା ଆଖିକୁ ଭଲ ଦେଖାଯାଏ ତାହା ଶରୀର ପାଇଁ ମଧ୍ୟ ଅନୁକୂଳ ହେବ, ଏହା ଅବଧାର୍ଯ୍ୟ ନୁହେଁ। କିନ୍ତୁ ରଙ୍ଗର ଏହି ମୋହକୁ ଆମେ ପରିହାର କରିପାରୁ ନ ଥିବାରୁ ଆମ ଲକ୍ଷ୍ୟଅଲକ୍ଷ୍ୟରେ ରୋଗପସରାକୁ କିଣି ଆଣୁଛୁ। ଏବେ ବଜାରରେ ଭଳିକି ଭଳି ଖାଦ୍ୟ ମିଳୁଥିବା ବେଳେ ଏଭଳି କୌଣସି ଖାଦ୍ୟ ସାମଗ୍ରୀ ନାହିଁ, ଯାହା କୃତ୍ରିମ ରଙ୍ଗରେ ରଙ୍ଗାୟିତ ନୁହେଁ। ଏହାକୁ ଚାହିଁ ଦୋକାନବଜାରରେ ରଙ୍ଗର ପସରା ମେଲିଛି ଏବଂ ଶିଳ୍ପ ସାମ୍ରାଜ୍ୟ ଗଢ଼ି ଉଠିଛି। ଭାରତରେ ଖାଦ୍ୟ-ରଙ୍ଗ ଶିଳ୍ପର ଆକାର ୨୦୨୩ ସୁଦ୍ଧା ୧୦ କୋଟି ଡଲାର ଥିବା ବେଳେ ୨୦୩୦ ସୁଦ୍ଧା ୧୭ କୋଟି ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ଆମ ଖାଦ୍ୟରେ ମିଶୁଥିବା ରଙ୍ଗକୁ ମୁଖ୍ୟତଃ ପ୍ରାକୃତ୍ରିକ ଓ କୃତ୍ରିମ ବା ଜୈବିକ ଓ ରାସାୟନିକ ଭାବେ ବିଭକ୍ତ କରାଯାଏ। ଖାଉଟି ସମାଜର ଏକ ଧାରଣା ରହି ଆସିଛି ଯେ ଖାଦ୍ୟରେ ମିଶୁଥିବା ରଙ୍ଗ ଜୈବିକ, ଯାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ନୁହେଁ। ଶାସନ ଓ ପ୍ରଶାସନିକ ସ୍ତରରେ ମଧ୍ୟ ଏହି ଧାରଣାକୁ ସ୍ୱୀକୃତି ମିଳିସାରିଛି। କିନ୍ତୁ ଆମେ ଥରେ ଚିନ୍ତା କରିବା ଆବଶ୍ୟକ ଯେ ଯେଉଁସମୟରେ ଜୀବନରକ୍ଷାକାରୀ ଔଷଧ ଭେଜାଲ୍‌ମୁକ୍ତ ନୁହେଁ ଖାଦ୍ୟ-ରଙ୍ଗ ନିର୍ମାତାମାନଙ୍କର ସାଧୁତା ଉପରେ ବିଶ୍ୱାସ କରାଯାଇପାରିବ କିଭଳି? ଶସ୍ତା ରାସାୟନିକ ରଙ୍ଗ ବଦଳରେ ନିର୍ମାତା ଅଧିକ ମୂଲ୍ୟଯୁକ୍ତ ଜୈବିକ ରଙ୍ଗ ବିକ୍ରି କରି ଲାଭ ପ୍ରତିଶତକୁ ଯେ କମ୍ କରିବ, ଆପାତତଃ ଏହି ବିଶ୍ୱାସ ଆଜିର ଦିନରେ ଜନ୍ମିବା କଷ୍ଟକର। କିନ୍ତୁ ବିଡ଼ମ୍ବନା ହେଉଛି ଶରୀର ପ୍ରତି କ୍ଷତିକାରକ ଜାଣି ମଧ୍ୟ ଖାଦ୍ୟ-ରଙ୍ଗକୁ ଉତ୍ପାଦନଠାରୁ ବିକ୍ରି ଓ ବ୍ୟବହାର ପର୍ଯ୍ୟନ୍ତ ସବୁସ୍ତରରେ ସରକାରୀ ସ୍ୱୀକୃତି ମିଳିଯାଉଛି। ଏହାର ଯାଞ୍ଚ ମଧ୍ୟ ହେଉନାହିଁ।

ସମସ୍ୟାଟି ଏତେ ଗଭୀରକୁ ଚାଲିଗଲାଣି ଯେ ଏହାର ସମ୍ପୂର୍ଣ୍ଣ ସମାଧାନ ସୂତ୍ର ପ୍ରଥମେ ଅଣ୍ଡା ନା ପ୍ରଥମେ ପକ୍ଷୀ ପ୍ରଶ୍ନର ଉତ୍ତର ଖୋଜିବା ଭଳି ହୋଇଛି। ବିକ୍ରେତାମାନଙ୍କ ଦାବି ଯେ ଖାଦ୍ୟ ରଙ୍ଗୀନ ନ ହେଲେ ଗ୍ରାହକ ମୁହଁ ଫେରାଇ ନେଉଛନ୍ତି। ସଚେତନ ଖାଉଟିଙ୍କ କହିବା କଥା, ଯଦି କୌଣସି ଏକ ଅଞ୍ଚଳରେ କୌଣସି ବିକ୍ରେତା ରଙ୍ଗ ବ୍ୟବହାର କରିବେ ନାହିଁ ତେବେ ଖାଉଟିଙ୍କ ପାଖରେ ରଙ୍ଗହୀନ କି ରଙ୍ଗଯୁକ୍ତ ତୁଳନା କରିବାର ଅବକାଶ ରହନ୍ତା ନାହିଁ ଏବଂ ସାମଗ୍ରିକ ଭାବେ ସମାଜର ମଙ୍ଗଳସାଧନ ହୁଅନ୍ତା। ଯଦି ବଜାରରେ ରଙ୍ଗ କିଣିବାକୁ ମିଳନ୍ତା ନାହିଁ ତେବେ ଯାଇ ଏହି ଦ୍ୱିତୀୟ ସୂତ୍ରଟି କାମ କରନ୍ତା। କିନ୍ତୁ ଉଭୟ ଶାସନ/ପ୍ରଶାସନର ସମ୍ବେଦନହୀନତା ଓ ଉଦାସୀନତା ସମାଧାନର ସୂତ୍ର ନିର୍ଣ୍ଣୟରେ ବାଧକ ସାଜିଛି।

ରଙ୍ଗହୀନ ଜୀବନର ଅର୍ଥ ନ ଥାଇ ପାରେ, କିନ୍ତୁ ରଙ୍ଗହୀନ ଖାଦ୍ୟରସ୍ୱାଦ ଅଛି। ବିଶେଷକରି କୃତ୍ରିମ ରଙ୍ଗ ବିହୀନ ଖାଦ୍ୟ ହିଁ ଅଧିକ ପୁଷ୍ଟିକର। ଖାଦ୍ୟ ପୁଷ୍ଟିକର ଓ ଟଟକା ହେବା ଉଚିତ, ରଙ୍ଗୀନ ନୁହେଁ। ରଙ୍ଗୀନ ଖାଦ୍ୟକୁ ଅଭ୍ୟାସରୁ ଦୂରେଇ ନ ପାରିଲେ ଶରୀର ରୋଗାକ୍ରାନ୍ତ ଏବଂ ଜୀବନ ରଙ୍ଗହୀନ ହୋଇଯିବ। ତେଣୁ ରଙ୍ଗୀନ ଜୀବନ ପାଇଁ ଖାଦ୍ୟ-ରଙ୍ଗର ମୋହକୁ ପରିହାର କରିବା ବାଞ୍ଛନୀୟ। ●

# ଭିନ୍ନକ୍ଷମର ଭାବନା ଓ ଆମ କର୍ତ୍ତବ୍ୟ

ଅମାତ୍ୟ କୁମାର ପ୍ରଧାନ



ଏ ଧରାପୃଷ୍ଠରେ ସବୁବର୍ଗର ଲୋକଙ୍କ ପାଇଁ ସମାନତା ତଥା ସମ୍ମାନ ସହ ବଞ୍ଚିବାର ଏବଂ ପ୍ରତ୍ୟେକ କ୍ଷେତ୍ରରେ ପୂର୍ଣ୍ଣ ଅଂଶଗ୍ରହଣ କରିବା ଅଧିକାର ରହିଛି। ଏହାକୁ ସାକାର କରିବାକୁ ହେଲେ ସକ୍ଷମ ବର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଏହାର ଘୋର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏଥିସହିତ ସବୁଠାରୁ ବଡ଼ ପ୍ରଶ୍ନ ଯୋଡ଼ି ହୋଇଯାଇଛି। ତାହା ହେଉଛି ଅକ୍ଷମ କିଏ - ବ୍ୟକ୍ତି ନା ବ୍ୟବସ୍ଥା? ଅସଲ ବାଧା ରହିଥାଏ ଆମ ମାନସିକତାରେ। ଆମେ ଜଣେ ଭିନ୍ନକ୍ଷମ ବ୍ୟକ୍ତିକୁ ଦେଖିଲେ ଅପାରଗ ବୋଲି ଧରିନେଉ। କୌଣସି ଗୋଟିଏ ଆଙ୍ଗିକ ତ୍ରୁଟି ଯୋଗୁଁ ବ୍ୟକ୍ତିଟି ସାମଗ୍ରିକ ଭାବେ ଅସମର୍ଥ ହୋଇ ନ ଥାଏ। ତା'ର ଅନ୍ୟ ଅଙ୍ଗଗୁଡ଼ିକ ତୁଳନାତ୍ମକ ଭାବେ ସକ୍ରିୟ ହୁଏ। ଆମ ସମୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭାବ ନାହିଁ, ଯେଉଁମାନେ ସକ୍ଷମମାନଙ୍କଠାରୁ ବହୁତ ଆଗରେ। ହେଲେନ କେଲେର, ଭୀମ ଭୋଇ, ସୁଧା ଚନ୍ଦ୍ରନ, ଷ୍ଟିଫେନ ହକିନ୍ସ, ଗାୟକ ରବୀନ୍ଦ୍ର ଜୈନ ଓ ଆମ ଓଡ଼ିଶାର ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା, ଚେସ କ୍ରୀଡ଼ାବିତ୍ ସୌନ୍ଦର୍ଯ୍ୟ ପ୍ରଧାନ ପ୍ରମୁଖ।

ସମାଜ ଯେଉଁମାତ୍ରାରେ ସଭ୍ୟ ହୋଇଚାଲିଛି ଶାରୀରିକ ଗଠନ, ଆର୍ଥିକ ତାରତମ୍ୟ, ସାମାଜିକ ବିଷମତା, ରଙ୍ଗଭେଦ, ଜାତିଭେଦ, ଭୌଗୋଳିକ ତାରତମ୍ୟ, ଲିଙ୍ଗଭେଦକୁ ମୂଳୋତ୍ପାଟନ ପାଇଁ ଜାତୀୟ, ଅନ୍ତର୍ଜାତୀୟସ୍ତରରେ ପ୍ରଚେଷ୍ଟା ସେହିମାତ୍ରାରେ ବଢ଼ିଛି। ବିଭିନ୍ନ ଦେଶର ଶାସକ, ବୁଦ୍ଧିଜୀବୀ, ବିଶେଷଜ୍ଞଗଣ ଅନେକ ସମୟରେ ସମ୍ମିଳନୀ ମାଧ୍ୟମରେ ଭେଦଭାବକୁ ଏକ କଳଙ୍କ ବୋଲି ଚିନ୍ତା ପ୍ରକଟ କରିବା ପୂର୍ବକ ନିରାକରଣ ପାଇଁ ଅନେକ ନିୟମ ଓ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ଭିତରେ ଏହାର ନିରାକରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। କେତେକ ପ୍ରଭାବଶାଳୀ ପଦକ୍ଷେପ ମଧ୍ୟ ନେଇଛନ୍ତି।

ଭେଦ ବା ବୈଷମ୍ୟତା ପ୍ରାକୃତିକ ନୁହେଁ। ଏହା ସମାଜ ନିଜେ ତିଆରି କରିଥିବା ଏକ ଅବଧାରଣା। ଅଙ୍ଗ ଗଠନ ଜନିତ ତ୍ରୁଟି କାରଣରୁ ଯଦି ଜଣେ ବ୍ୟକ୍ତି ସାମାନ୍ୟ ବିବେଚନା କରୁଥିବା କୌଣସି କାର୍ଯ୍ୟକୁ ସମ୍ପନ୍ନ କରିବାରେ ପଛରେ ରହିଲା, ତା'କୁ ଆମେ ଅସମର୍ଥ ଅଥବା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଅଭିହିତ କରିଥାଉ। ସମାଜ ଦ୍ୱାରା ନିର୍ମିତ ଏହି ଅବଧାରଣା ସମୟକ୍ରମେ ଏତେମାତ୍ରାରେ ସଘନ ହୋଇଯାଏ ଯେ ସମ୍ପୃକ୍ତ ବ୍ୟକ୍ତିକୁ ଅକ୍ଷମତା ଅନୁଯାୟୀ ଅନ୍ଧ, ମୂକ, ବଧିର ଆଦି ଚିହ୍ନ ଲଗେଇ ଦିଆଯାଏ। ଜଣେ ଯଦି ଆମେ ଶୁଣୁଥିବା ମାତ୍ରାରେ ଶୁଣି ନ ପାରେ, ଆମେ ଦେଖୁଥିବା ଅନୁପାତରେ ଦେଖି ନ ପାରେ, ଆମ ବୁଦ୍ଧି ସହ ସମକକ୍ଷ ହୋଇ ନ ପାରେ ତାକୁ ଯଥାକ୍ରମେ କାଲା(ଶ୍ରବଣ ବାଧିତ) ଅନ୍ଧ (ଦୃଷ୍ଟି ବାଧିତ), ବେଡା(ମାନସିକ ଅନଗ୍ରସର) ଆଖ୍ୟା ଦେଇ ଏକ 'ନାମପଟି'(ମାର୍କା) ଦେଇଥାଉ। ସକ୍ଷମ କ୍ଷେତ୍ରରେ ଆମେ ଯଦି ବ୍ୟକ୍ତିକୁ ରଙ୍ଗଭେଦ ଅନୁଯାୟୀ 'କଳା' ଉଚ୍ଚତା ଅନୁଯାୟୀ 'ଗେଡ୍ଡା' ଅପେକ୍ଷାକୃତ ବଡ଼ ଦାନ୍ତ ଥିବା ବ୍ୟକ୍ତିକୁ 'ଦନ୍ତୁରା' ଡାକିବା ତା'ର ଯନ୍ତ୍ରଣା ସହଜରେ ଅନୁମେୟ। ସେହିପରି ବଡ଼ ଉଦର ଥିବା ବ୍ୟକ୍ତିକୁ 'ପେଟୁ' ଚୁଟି ଝଡ଼ି ଯାଇଥିବା ବ୍ୟକ୍ତିକୁ 'ଚନ୍ଦା' ଡାକିଲେ କ'ଣ ହୁଏ ତାହା ସମସ୍ତଙ୍କ ଅନୁଭୂତିର କଥା। ତେବେ ଗୋଟିଏ ଅଙ୍ଗର ସାମର୍ଥ୍ୟକୁ ନେଇ ଏହିଭଳି ଲେବୁଲ ଲଗେଇବା କେତେଦୂର ଯଥାର୍ଥ?

ଧ୍ରୁବସତ୍ୟ ହେଲା 'ସାମର୍ଥ୍ୟରେ ଅସମାନତା'। ଭଗବାନଙ୍କ ସୃଷ୍ଟିରେ ବୈଶିଷ୍ଟ୍ୟ ହେଉଛି ପ୍ରତି ମଣିଷକୁ ଅନନ୍ୟ ଭାବେ ସୃଷ୍ଟି କରିବା। ବୋଧହୁଏ ଏହା ହିଁ ଆମ ଜୀବଜଗତର ସୌନ୍ଦର୍ଯ୍ୟ। ଯଦି ସମସ୍ତେ ସମାନ ଉଚ୍ଚତା ବିଶିଷ୍ଟ ଥା'ନ୍ତେ ତେବେ ଡେଙ୍ଗା ବ୍ୟକ୍ତିର ମହିମା କିଛି ରୁହନ୍ତା ନାହିଁ କିମ୍ବା ଗେଡ୍ଡା ବ୍ୟକ୍ତିର କିଛି ହୀନମନ୍ୟତା ମଧ୍ୟ ଆସନ୍ତା ନାହିଁ। ଗୋରା ଚମଡ଼ାର ମହିମା କଳା ଚମଡ଼ାର ଉପସ୍ଥିତି ଯୋଗୁଁ। ପଶୁ, ପକ୍ଷୀ, ଉଦ୍ଭିଦ, କୀଟ, ପତଙ୍ଗ ସମସ୍ତ କ୍ଷେତ୍ରରେ ବିବିଧତା ରହିଛି। କୌଣସି ଜେବ୍ରାର ଶରୀରର ଚିହ୍ନଗୁଡ଼ିକ ସମାନ ନ ଥାଏ। ତେବେ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଭିନ୍ନତାକୁ ସମାଜ ଏକ ସହଜତା ସହକାରେ ଆପଣେଇ ପାରେନି, ବରଂ ନିଜେ ନିଜେ ବାଛବିଚାର କରେ। ଏହିଠାରୁ ହିଁ ଲୋକଙ୍କ ପାଇଁ ମୁଖ୍ୟସ୍ରୋତ ଅପହଞ୍ଚ ହୋଇପଡ଼େ। ଏପ୍ରକାର ବାଧା ଏକ ଉତ୍କଟ ରୂପ ଧାରଣ କରେ ଯେ କିଛିଲୋକ ସବୁକ୍ଷେତ୍ରରୁ ବଞ୍ଚିତ, ଲାଂଛିତ, ଶୋଷିତ, ଅପମାନିତ ବୋଧ କରିଥା'ନ୍ତି। ଏ କ୍ଷେତ୍ରରେ ଭିନ୍ନକ୍ଷମମାନଙ୍କ ସମସ୍ୟା ଅତି ଚରମ।

ଆମେ ଯେତେବେଳେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ ନକାରାତ୍ମକ ଲେବୁଲ ଲଗେଇଦେଉ ତାହା ଏକ ବିରାଟ ସାମାଜିକ ବାଧକ ହୋଇ ଉଠେ। ସାଧାରଣ ସଭାମାନଙ୍କରେ ଆମେ କହୁ 'ଅନ୍ଧ' ହୋଇ ମଧ୍ୟ ଭଲ ଗୀତ ଗାଆନ୍ତି, ଛୋଟା ହୋଇ ମଧ୍ୟ ଦୌଡ଼ି ପାରନ୍ତି, ଜନଜାତି ହୋଇ ମଧ୍ୟ ନିଟ(ଡାକ୍ତରୀ ପରୀକ୍ଷା) ଯୋଗ୍ୟତା ହାସଲ କଲେ ଇତ୍ୟାଦି। ଆମେ ତାଙ୍କ ସୁନ୍ଦର କଣ୍ଠକୁ ସ୍ୱୀକାର ନକରି 'ଅନ୍ଧତ୍ୱ'କୁ ଇଙ୍ଗିତ କରିବାରେ ପଛଘୁଞ୍ଚା ଦେଉନୁ। ଆମେ ଜଣେ ସାଧାରଣ ବ୍ୟକ୍ତିଠାରୁ ଅଧିକ ଦୌଡୁଥିବା ସାମର୍ଥ୍ୟକୁ ଅଣଦେଖା କରି 'ଛୋଟା'କୁ ଗୁରୁତ୍ୱ ଦେଉ। ସେମିତି ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ଜନିତ ସାମର୍ଥ୍ୟକୁ ଆଗ ନକରି 'ଜନଜାତି'କୁ ଆଗରେ ପ୍ରଦର୍ଶନ କରୁ। ଏହା ହିଁ ବାଧକ।

ସଭ୍ୟ ଭାଷା ବୋଲି 'ବିକଳାଙ୍ଗ' ବଦଳରେ 'ଦିବ୍ୟାଙ୍ଗ', 'ଅକ୍ଷମ' ବଦଳରେ 'ଭିନ୍ନକ୍ଷମ' ବଦଳ ଶବ୍ଦ ବ୍ୟବହାର କଲେ ମଧ୍ୟ 'ଲେବୁଲ' ହିଁ ଲଗାଉଛୁ। ଆମେ ସହଜ ହୋଇ ପାରୁନା। ଶବ୍ଦର ଚରମତାରେ ଆମେ ଏକୂଳରୁ ସେକୂଳ ଦୋଳାୟମାନ ହେଉଚୁ। ଅକ୍ଷମତା ପ୍ରତିଭାର ସୀମିତତା ନୁହେଁ। ଏହା ସମାଜର ଦାୟିତ୍ୱ ଯେ ପରିବେଶକୁ ସୁଗମ୍ୟ କରିବା, ଯେଉଁଥିରେ ଅନ୍ୟମାନେ ଖାପ ଖୁଆଇପାରିବେ। ବିଶେଷ ଆବଶ୍ୟକତାର ମାନେ କେବଳ ସହାୟକ ଉପକରଣ ପ୍ରଦାନରେ ସୀମିତ ନୁହେଁ। ସାଧାରଣ ଶିଶୁ ଯେମିତି ପ୍ରାକ କିଶୋର, କିଶୋରାବସ୍ଥା ଓ ଯୁବକାବସ୍ଥାରେ ଅନେକ ଜୈବିକ ପରିବର୍ତ୍ତନକୁ ସମାନ କରେ ଏବଂ ତଦନୁଯାୟୀ ସ୍ୱତନ୍ତ୍ର ଆବଶ୍ୟକତା ଲୋଡ଼େ, ଠିକ ସେହିପରି ବୟସ ଅନୁପାତରେ ଜଣେ ଭିନ୍ନକ୍ଷମ ଶିଶୁର ଜୈବିକ ଆବଶ୍ୟକତାକୁ ଦୃଷ୍ଟି ଦେବାକୁ ପଡ଼ିବ। ତାକୁ ଅଣଦେଖା କଲେ ବିକୃତି ଆହୁରି ବଢ଼ିବ।

ଅକ୍ଷମତା ଦୃଶ୍ୟ ହୋଇପାରେ ଅବା ଅଦୃଶ୍ୟ। ଶାରୀରିକ ଅଥବା ମାନସିକ। ସାମୟିକ କିମ୍ବା ସ୍ଥାୟୀ ହୋଇପାରେ। ଆସନ୍ତୁ ମିଳିମିଶି ଏହି ସମାଜ ନିର୍ମିତ ଧାରଣା ଜନିତ ବାଧାକୁ ଭାଙ୍ଗିବା। କାରଣ ଏହା ହିଁ ସାମୂହିକ ସମାଜ ପାଇଁ ମଙ୍ଗଳକର। କୌଣସି ଜିନିଷ ନିର୍ମାଣ କରିବା କଷ୍ଟ, ଭାଙ୍ଗିବା ତ ଅତି ସହଜ। କିଛି ଲୋକଙ୍କ ପାଇଁ ବ୍ୟବସ୍ଥା ଅନୁକୂଳ ନୁହେଁ, ବାଧା ରହିଛି। ତେଣୁ ବ୍ୟବସ୍ଥାର ଅକ୍ଷମତାକୁ ଦୂର କଲେ ସବୁକିଛି ଠିକ ହୋଇଯିବ। ଆବଶ୍ୟକତା ଅନୁଯାୟୀ କିଛି ଲୋକଙ୍କୁ ଆସନ୍ତୁ ଉନ୍ନୀତ କରିବା। ●

(ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ)
ସୁନ୍ଦରଗଡ଼, ମୋ: ୯୪୩୭୨୧୯୬୧୩

# ଆମ ହସ୍ତଶିଳ୍ପର ସୁଯୋଗ ଓ ସମ୍ଭାବନା

ପ୍ରିୟଦର୍ଶିନୀ ଦାସ

ହସ୍ତଶିଳ୍ପ ଓ ସ୍ଥାୟୀ ହସ୍ତଶିଳ୍ପର ଚାହିଦା ବିଶ୍ୱସ୍ତରରେ ଦ୍ରୁତଗତିରେ ବୃଦ୍ଧି ପାଉଛି, ଯାହା ଅନନ୍ୟ, ପରିବେଶ ଅନୁକୂଳ ଉତ୍ପାଦ, ନୈତିକ ଉତ୍ପାଦନ ଓ ସାଂସ୍କୃତିକ ପ୍ରାମାଣିକତା ପ୍ରତି ଗ୍ରାହକଙ୍କ ଆକାଂକ୍ଷା ଦ୍ୱାରା ପରିଚାଳିତ। ଏହା ଭାରତରେ ଲକ୍ଷ ଲକ୍ଷ କାରିଗରଙ୍କ ପାଇଁ ଏକ ଅତ୍ୟନ୍ତ ଉତ୍ସାହଜନକ ଏବଂ ସକାରାତ୍ମକ ସଙ୍କେତ, ଯେଉଁମାନେ ଅନେକ ହସ୍ତଶିଳ୍ପ ଉତ୍ପାଦନ କରନ୍ତି। ମୁଖ୍ୟତଃ ପରିବେଶଅନୁକୂଳ ସାମଗ୍ରୀରୁ, ଯାହା ଗ୍ରାହକଙ୍କ ପସନ୍ଦ ଓ ପସନ୍ଦ ବହୁଳ ଉତ୍ପାଦିତ ସାମଗ୍ରୀରୁ ଜନସାଧାରଣଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଆଡ଼କୁ ସ୍ଥାନାନ୍ତରିତ ହେଉଛି। ଅନନ୍ୟତା ଓ ପ୍ରାମାଣିକ ଉତ୍ପାଦ ପାଇଁ ଇଚ୍ଛା, ସାଂସ୍କୃତିକ ସଂଯୋଗ ଓ କାରିଗରଙ୍କୁ ସମର୍ଥନ କରିବା ଇତ୍ୟାଦି ଭଳି ଅନେକ ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ପରିବେଶଗତ ଚେତନା ବୃଦ୍ଧି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ହସ୍ତଶିଳ୍ପ ଓ ହସ୍ତଶିଳ୍ପ ଉତ୍ପାଦ ପ୍ରତି ପରିବେଶଗତ ସଚେତନତା ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇଥିଲେ ମଧ୍ୟ ଏହା ନିଶ୍ଚିତ ଭାବରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ନୁହେଁ। କାରଣ ଗ୍ରାହକମାନେ ବିଭିନ୍ନ ପ୍ରକାରର ଆନ୍ତରିକ ପ୍ରେରଣା ଦ୍ୱାରା ପରିଚାଳିତ ହୁଅନ୍ତି। ଅନ୍ୟାନ୍ୟ ପ୍ରମୁଖ ବାହକମାନଙ୍କ ମଧ୍ୟରେ ଅନନ୍ୟତା, ସାଂସ୍କୃତିକ ସଂଯୋଗ ଓ ନୈତିକ ଉତ୍ପାଦନ ପାଇଁ ଇଚ୍ଛା ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ, ବିଶ୍ୱ ହସ୍ତଶିଳ୍ପ ବଜାର ଆକାର ୨୦୨୪ ରେ ୯୦୬.୮ ବିଲିୟନ ଡଲାର ଥିଲା ଏବଂ ୨୦୩୩ ସୁଦ୍ଧା ଏହା ୧.୯୪ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ପ୍ରାୟ ୮.୮୩%ର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାରରେ ବୃଦ୍ଧି ପାଇବ। ଏହି ଅଭିବୃଦ୍ଧି ମୁଖ୍ୟତଃ ବିଶ୍ୱବ୍ୟାପୀ ଗ୍ରାହକମାନଙ୍କ ଦ୍ୱାରା ଅନନ୍ୟ ଏବଂ ସ୍ଥାୟୀ ଉତ୍ପାଦ ପାଇଁ ବଢୁଥିବା ଚାହିଦାକୁ ଦାୟୀ କରାଯାଇଛି, ଯାହାଦ୍ୱାରା ଗ୍ରାହକ ଆଚରଣରେ ଅଧିକ ସଚେତନ ବ୍ୟବହାର ପ୍ରତି ଏକ ପ୍ରମୁଖ ପରିବର୍ତ୍ତନ ଆସିଛି।

ହସ୍ତଶିଳ୍ପଗୁଡ଼ିକୁ ସାଧାରଣତଃ କପଡ଼ା ଆଧାରିତ ହସ୍ତଶିଳ୍ପ, ଧାତୁ ହସ୍ତଶିଳ୍ପ, ପଥର ହସ୍ତଶିଳ୍ପ, କାଠ ହସ୍ତଶିଳ୍ପ, ଚମଡ଼ା ହସ୍ତଶିଳ୍ପ, ପ୍ରାକୃତିକ ତନ୍ତୁ ଓ ଘାସ ଆଧାରିତ ହସ୍ତଶିଳ୍ପ, କାଦ ଆଧାରିତ ହସ୍ତଶିଳ୍ପ, କାଗଜ ହସ୍ତଶିଳ୍ପ, ହାଡ଼-ଶୃଙ୍ଗ-ଖୋଳ ଆଧାରିତ ହସ୍ତଶିଳ୍ପ, ଲାଖ ଓ ମହମ ଆଧାରିତ ହସ୍ତଶିଳ୍ପ ଇତ୍ୟାଦି ତିଆରିରେ ବ୍ୟବହୃତ ମୌଳିକ କଞ୍ଚାମାଲ ଆଧାରରେ ବର୍ଗୀକୃତ କରାଯାଏ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଅଧୀନରେ ଥିବା ହସ୍ତଶିଳ୍ପ ବିକାଶ କମିଶନର (ଡିସି) ହସ୍ତଶିଳ୍ପକୁ ୯ଟି ପ୍ରମୁଖ ବର୍ଗ ଓ ୩୬ଟି ଉପ-ବର୍ଗରେ ବିଭକ୍ତ କରିଛନ୍ତି, ଯେଉଁଥିରେ ୪୫୪ଟି ବିଭିନ୍ନ ହସ୍ତଶିଳ୍ପର ତାଲିକା ଅନ୍ତର୍ଭୁକ୍ତ। ତଥାପି ପରିବେଶ-ଅନୁକୂଳ ହସ୍ତଶିଳ୍ପ ଉତ୍ପାଦର ଚାହିଦା ବୃଦ୍ଧି ପାଇବା ସହିତ ଗତ କିଛିବର୍ଷ ମଧ୍ୟରେ ଅନେକ ଉତ୍ପାଦ ବର୍ଗ ଉଭା ହୋଇଛି।

ଏହି ପରିବର୍ତ୍ତନ ମୁଖ୍ୟତଃ ନୂତନ ପିଢ଼ିର ଆଗ୍ରହ-ଚାଳିତ କାରିଗର, ଡିଜାଇନର ଓ ଉଦ୍ୟୋଗୀମାନଙ୍କ ଦ୍ୱାରା ଅଭିନବ ସାମଗ୍ରୀ ଏବଂ ମିଶ୍ରିତ ଗଣମାଧ୍ୟମ ବ୍ୟବହାର କରିବା ଯୋଗୁଁ ଆସୁଛି, ଯାହା ମଧ୍ୟରୁ ଅନେକ ସରକାରଙ୍କ ଦ୍ୱାରା ହସ୍ତଶିଳ୍ପ ବର୍ଗ ଅଧୀନରେ ତାଲିକାଭୁକ୍ତ ହୋଇନାହାନ୍ତି। ଡିସି ହସ୍ତଶିଳ୍ପ ପୋର୍ଟାଲରେ ୩୨ଟି ବିଭିନ୍ନ ବର୍ଗରୁ ୩୫, ୩୧୨ଟି ଉତ୍ପାଦ ତାଲିକାଭୁକ୍ତ ହୋଇଥିବା ସତ୍ତ୍ୱେ ପ୍ରତିବର୍ଷ ନୂତନ ଯୁଗର ଗ୍ରାହକ-କୈନ୍ଦ୍ରିକ ଏବଂ ପରିବେଶ ସଚେତନ କାରିଗର ଓ ଡିଜାଇନରମାନଙ୍କ ଦ୍ୱାରା ଆଗତ ନବସୃଜନ ସହିତ ହସ୍ତଶିଳ୍ପର ନୂତନ ରୂପ ନିରନ୍ତର ବିକଶିତ ହେଉଛି। ସରକାର ଏହି ନୂତନ ହସ୍ତଶିଳ୍ପର ସମ୍ଭାବନାକୁ ମୂଲ୍ୟାଙ୍କନ କରିବା ଉଚିତ ଏବଂ ଉପଯୁକ୍ତ ହସ୍ତଶିଳ୍ପ ବର୍ଗ ଅଧୀନରେ ସେଗୁଡ଼ିକୁ ଚିହ୍ନଟ କରିବା ଉଚିତ, ଯାହାଦ୍ୱାରା ସେମାନେ ମଧ୍ୟ ସରକାରୀ ଯୋଜନା ଏବଂ ଲାଭ ପାଇପାରିବେ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ୫୫ଟି ହସ୍ତଶିଳ୍ପକୁ ସ୍ୱୀକୃତି ଦେଇଛି, ଯେଉଁଥିରେ ପଟ୍ଟଚିତ୍ର ଚିତ୍ରକଳା, ପଥର ଓ କାଠ ଖୋଦନ, ରୁପା ଫିଲିଗ୍ରୀ, ଆପ୍ଲିକ୍ କାମ, ଟେରାକୋଟା, ପିତ୍ତଳ ଓ ଘଣ୍ଟି ଧାତୁ ଶିଳ୍ପ, ବେତ ଓ ବାଉଁଶ ଶିଳ୍ପ ଇତ୍ୟାଦି ଅନ୍ତର୍ଭୁକ୍ତ। ରାଜ୍ୟ ସାରା ବିସ୍ତାରିତ ୧.୩ ଲକ୍ଷରୁ ଅଧିକ କାରିଗରଙ୍କ ଦ୍ୱାରା ଅଭ୍ୟାସ କରାଯାଏ। ଜାତୀୟ ଧାରା ସହିତ ତାଳ ଦେଇ ଓଡ଼ିଶା ଅନେକ ଯୁବପ୍ରତିଭାଙ୍କୁ ମଧ୍ୟ ଆକର୍ଷିତ କରିଛି। ବିଶେଷକରି କାରିଗର-ଆଧାରିତ ଷ୍ଟାର୍ଟଅପ୍ ଓ କ୍ଷୁଦ୍ର-ଉଦ୍ୟୋଗରେ ମହିଳା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ତଥାକଥିତ କାରିଗର ପାରମ୍ପରିକ ସମ୍ପ୍ରଦାୟର ନୁହନ୍ତି। ଅନ୍ତର୍ଜାତୀୟ ବଜାରରେ ହସ୍ତଶିଳ୍ପର ବର୍ଦ୍ଧିତ ଚାହିଦା, ବିଶେଷକରି ୟୁରୋପୀୟ ସଂଘ ଦେଶ, ଆମେରିକା, କାନାଡ଼ା, ଜାପାନ ଓ ଦକ୍ଷିଣ କୋରିଆରେ ଭାରତୀୟ ହସ୍ତଶିଳ୍ପ ପାଇଁ ପ୍ରଚୁର ସୁଯୋଗ ପ୍ରଦାନ କରେ। କାରଣ ଏହାର ଅନନ୍ୟ ବୈଶିଷ୍ଟ୍ୟ ଓ ସ୍ଥାୟୀ ଉତ୍ପାଦନ ପଦ୍ଧତି। ଏହି ବର୍ଦ୍ଧିତ ସୁଯୋଗ ସତ୍ତ୍ୱେ ଭାରତୀୟ ହସ୍ତଶିଳ୍ପ ଅନ୍ତର୍ଜାତୀୟ ବଜାରରେ ଏହାର ବଜାର ଅଂଶ ବୃଦ୍ଧି କରିବାକୁ ସଂଘର୍ଷ କରୁଛି। ସ୍ଥାୟୀ-ପ୍ରାମାଣିକ ହସ୍ତଶିଳ୍ପ ଉତ୍ପାଦ ପ୍ରତି ସେମାନଙ୍କର ପରିବର୍ତ୍ତିତ ପସନ୍ଦ ଉପରେ ଆଧାରିତ ଅନ୍ତର୍ଜାତୀୟ ବଜାରରେ ଗ୍ରାହକଙ୍କ ସ୍ୱାଦ ବୁଝିବାର ଅଭାବ ଯୋଗୁଁ ଏହି ପାର୍ଥକ୍ୟ ଦେଖାଯାଉଛି। ପ୍ରାୟ ଏକ ଟ୍ରିଲିୟନ ଡଲାର ବିଶ୍ୱ ବଜାର ମଧ୍ୟରୁ ଭାରତ ଭଳି ଏକ ଦେଶ, ଯାହା ହସ୍ତଶିଳ୍ପ ଐତିହ୍ୟ ପାଇଁ ଜଣାଶୁଣା, କେବଳ ୪.୫ ବିଲିୟନ ଡଲାର ମୂଲ୍ୟର ହସ୍ତଶିଳ୍ପ ରପ୍ତାନି କରିପାରିଛି। ଯେତେବେଳେ ଭାରତୀୟ ହସ୍ତଶିଳ୍ପ କ୍ଷେତ୍ର ପାଇଁ ପ୍ରଚୁର ସୁଯୋଗ ରହିଛି, ସେତେବେଳେ ସରକାର ଅନ୍ତର୍ଜାତୀୟ ବଜାରରେ ଏହାର ଅଂଶ ବୃଦ୍ଧି କରିବା ପାଇଁ ବିଦ୍ୟମାନ ନୀତି ଓ ଯୋଜନାଗୁଡ଼ିକର ପୁନର୍ବିଚାର କରିବା ଉଚିତ।

ଘରୋଇ କ୍ଷେତ୍ରରେ, ଜେନ ଜେଡ ଓ ମିଲେନିୟାଲ୍ସଙ୍କ ମଧ୍ୟରେ ହସ୍ତଶିଳ୍ପ ପ୍ରତି ପରିବର୍ତ୍ତନଶୀଳ ରୁଚି ମଧ୍ୟ ସମାନ ଭାବରେ ଉତ୍ସାହଜନକ ସଙ୍କେତ ଦେଉଛି। ନୂତନ ପିଢ଼ିର ଉଦ୍ୟୋଗୀମାନେ, ବିଶେଷକରି ଓଡ଼ିଶାର ମହିଳାମାନେ, ବର୍ଦ୍ଧିତ ଗ୍ରାହକ ଆଧାରକୁ ସୁହାଇ ହସ୍ତଶିଳ୍ପରେ ଅନେକ ନୂତନତ୍ୱ ଆଣୁଛନ୍ତି। ତଥାପି ସେମାନଙ୍କୁ ସ୍ୱୀକୃତି, ସମର୍ଥନ ଏବଂ ପ୍ରୋତ୍ସାହନ ପାଇଁ ଏକ ଦୃଢ଼ ଇକୋ-ସିଷ୍ଟମ ମଧ୍ୟ ଆବଶ୍ୟକ। ହସ୍ତଶିଳ୍ପ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ 'ଜାତୀୟ ହସ୍ତଶିଳ୍ପ ସପ୍ତାହ' ଏକ ଭଲ ପଦକ୍ଷେପ। ଏହାର ପାଳନ ସହିତ ପୂର୍ବ ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରି ଭାରତ ସରକାର 'ଜାତୀୟ ହସ୍ତଶିଳ୍ପ ଦିବସ' ମଧ୍ୟ ଘୋଷଣା କରିବା ଉଚିତ। କାରିଗରମାନେ ବିଶ୍ୱାସ କରନ୍ତି ଯେ ଜାତୀୟ ହସ୍ତଶିଳ୍ପ ସପ୍ତାହ ସହିତ ହସ୍ତଶିଳ୍ପର ପାଳନ ଏବଂ ସ୍ୱୀକୃତି ପାଇଁ ଉତ୍ସର୍ଗୀକୃତ ଏକ ଦିନ ଏହି କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିପାରିବ। ●

(ଲେଖିକା 'ଓଡ଼ିଶାର ସବୁଜ ରାଣୀ' ଭାବରେ ପରିଚିତ)
ଭୁବନେଶ୍ୱର, ମୋ: ୮୮୯୫୭୫୨୪୭୪

# ବାଳକ ରାମ ଦାସ ମଠ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ବାଳକ ଦାସ ଅବିଭକ୍ତ ପଞ୍ଜାବ ପ୍ରଦେଶର ଲାହୋର ସହରରେ ଏକ ନିମ୍ନ-ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ। ବୁଢ଼ା ବାପା ମାଆ ଓ ପାଞ୍ଚ ଭାଇଙ୍କୁ ନେଇ ତାଙ୍କର ପରିବାରରେ ସେ ଥିଲେ ମଝିଆଁ ପୁଅ। କୈଶୋର ଓ ଆଦ୍ୟ ଯୌବନରେ ସେ ଅଳସୁଆ ଓ ଖାଦ୍ୟଲୋଭୀ ଥିବାରୁ ଭାଇମାନେ ତାଙ୍କୁ ଘରୁ ବାହାର କରିଦେଲେ। ବାଳକ ଦାସ ସୌଭାଗ୍ୟବଶତଃ ସେ ଦୁର୍ଯୋଗକୁ ସୁଯୋଗରେ ପରିଣତ କରିଦେଲେ। ସେ ଜଙ୍ଗଲରେ କଠୋର ତପସ୍ୟା କରି ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ ସନ୍ତୁଷ୍ଟ କରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବର ଲାଭ କଲେ। ପ୍ରଥମ ବର ହେଲା ସେ ସଙ୍କଳ୍ପ କରି ଯାହା ଛୁଇଁଦେବେ ତାହା ସୁନା ପାଲଟି ଯିବ ଏବଂ ଦ୍ୱିତୀୟ ବର ଥିଲା ଯେ ଇଚ୍ଛାମୃତ୍ୟୁ ବରଣ କରି ବୈକୁଣ୍ଠ ଗମନ କରିବେ। ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କରୁଣାରୁ ସିଦ୍ଧି ଲାଭ କରି ଥିବାରୁ ସେ 'ବାଳକ ରାମ ଦାସ' ନାମରେ ଖ୍ୟାତିଲାଭ କଲେ।

ପ୍ରଥମ ବର ପ୍ରୟୋଗ କରି ସେ ଅଚଳାଚଳ ସମ୍ପତ୍ତିର ଲାଭ କଲେ। ସେ ଅର୍ଥ ବିନିମୟରେ ଏକ ବିରାଟ ମଠ ନିର୍ମାଣ କରି ଦୁଃଖୀରଙ୍କୀଙ୍କୁ ଅନ୍ନଦାନ ଓ ଅସହାୟମାନଙ୍କୁ ସାହାଯ୍ୟର ବନ୍ଦୋବସ୍ତ କଲେ। ତା'ପରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଏକ ବିରାଟ ପଟୁଆରରେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେତେବେଳେ ମଦନ ଭାରତୀ ନାମରେ ଜଣେ ଶାକ୍ତ ସନ୍ନ୍ୟାସୀ ନୀଳାଚଳରେ ବାସ କରୁଥିଲେ। ବିଭିନ୍ନ ପ୍ରକାରର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପାଥେୟ କରି ସେ କ୍ଷେତ୍ରରେ ଅନେକ ଶିଷ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ। କିନ୍ତୁ ବାଳକ ଦାସ ସିଦ୍ଧ ବୈଷ୍ଣବ ସନ୍ନ୍ୟାସୀ ହୋଇଥିବାରୁ ଏବଂ ଅମାପ ସମ୍ପତ୍ତିର ମାଲିକ ହୋଇଥିବାରୁ ଧୀରେଧୀରେ ତାଙ୍କର ଅନୁଗାମୀ ସଂଖ୍ୟା ବଢ଼ିଲା। ଏଥିରେ ମଦନଭାରତୀ ଓ ତାଙ୍କର ଶିଷ୍ୟମାନେ ନିଜକୁ ଅସୁରକ୍ଷିତ ମନେ କଲେ। ସେମାନେ ବାଳକ ଦାସଙ୍କ ନାମରେ କୁତ୍ସାରଟନା କରିବାକୁ ଲାଗିଲେ। କିନ୍ତୁ ସେମାନଙ୍କର ସମସ୍ତ ଅପଚେଷ୍ଟା ଅସଫଳ ହେବା ପରେ ମଦନ ଭାରତୀ ବାଳକ ରାମ ଦାସଙ୍କୁ ଏକ ପରୀକ୍ଷାକୁ ଆହ୍ୱାନ କଲେ। ପରୀକ୍ଷା ହେଲା ଯେ ଜଣେ ଲୋକକୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦିଆଯିବ। ଯଦି ବାଳକ ଦାସ ତା'କୁ ଜୀବନ ଦାନ ଦେଇପାରିବେ ତେବେ ତାଙ୍କ ଶ୍ରେଷ୍ଠତ୍ୱକୁ ମଦନ ଭାରତୀ ସ୍ୱୀକାର କରିବେ। ବାଳକ ଦାସ ସେ ଆହ୍ୱାନକୁ ଗ୍ରହଣ କଲେ; କିନ୍ତୁ ଜଣେ ଲୋକକୁ ମାରିବା ଅପେକ୍ଷା ଗୋଟେ ଶବ ଅଣିବା ପାଇଁ ପ୍ରସ୍ତାବ ଦେଲେ। ନିର୍ଦ୍ଦିଷ୍ଟ ଦିନ ଭାରତୀଙ୍କ ଶିଷ୍ୟମାନେ ଗୋଟେ ଶବ ଆଣି ପରୀକ୍ଷା ଯାଗାରେ ପହଞ୍ଚିଲେ। ରାମ ଦାସ ମହାରାଜ ଶବକୁ କୋଳରେ ଧରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ପ୍ରାର୍ଥନା ପରେ ଶବର କାନରେ ରାମ ତାରକ ମନ୍ତ୍ର ପଢ଼ିବାରୁ ଶବ ଜୀବନ ଲାଭ କରି ବସି ଉଠିଲା। ଏହା ଦେଖି ମଦନ ଭାରତୀ ହାର ମାନି ଶିଷ୍ୟମାନଙ୍କ ସହ କ୍ଷେତ୍ର ତ୍ୟାଗ କଲେ।

ବାଳକ ରାମ ଦାସଙ୍କ ପ୍ରତିଷ୍ଠା କ୍ଷେତ୍ରରେ ବହୁ ଗୁଣରେ ବଢ଼ିଗଲା। ସେ ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଏକ ବିରାଟ ମଠ ନିର୍ମାଣ କରି ମହାପ୍ରଭୁଙ୍କ ଆରାଧନାରେ ନିମଗ୍ନ ହେଲେ। ପ୍ରତିଦିନ ହଜାର ହଜାର ଭକ୍ତଙ୍କୁ ମଠ ତରଫରୁ ଅନ୍ନଦାନ ଏବଂ ଲକ୍ଷ ଲକ୍ଷ ଗରିବଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଗଲା। ଅନେକ ବର୍ଷ ପରେ ସିଦ୍ଧ ବାଳକ ରାମ ଦାସ ଇହଧାମ ତ୍ୟାଗ କରିବା ପାଇଁ ଇଚ୍ଛା କଲେ। ସାଧୁ ମହାରାଜଙ୍କ ଦେହ ତ୍ୟାଗ ପରେ ମର ଶରୀରକୁ ମଠ ପରିସରରେ ସମାଧି ଦିଆଗଲା। ମୃତ୍ୟୁ ପରେ ମଧ୍ୟ ବାଳକ ଦାସ ଦେଖେଇ ଥିବା ଏକ ଚମତ୍କାରିତାର ରୋଚକ ବର୍ଣ୍ଣନା 'ଦାର୍ଢ଼ତ୍ୟା ଭକ୍ତି'ରେ ଦେଖିବାକୁ ମିଳେ। ବାଳକ ରାମ ଦାସ ମଠ ଧନରତ୍ନରେ ପରିପୂର୍ଣ୍ଣ ଥିଲା। ମହନ୍ତଙ୍କ ମୃତ୍ୟୁ ପରେ ସେ ସମ୍ପତ୍ତି ହଡ଼ପ କରିବା ପାଇଁ କେତେକ ପାରିଷଦ ରାଜାଙ୍କୁ ପ୍ରସ୍ତାବ ଦେଲେ। ରାଜା ଲୋଭାସକ୍ତ ହୋଇ ସେ ସମ୍ପତ୍ତି ହାତେଇବା ପାଇଁ ପାଇକବଳଙ୍କୁ ନିଯୁକ୍ତ କଲେ। ପାଇକମାନେ ମଠରେ ପହଞ୍ଚିବା ପରେ ଶିଷ୍ୟମାନେ ସମାଧି ନିକଟରେ ଗୁହାରି କଲେ। ବାଳକ ଦାସ ସମାଧିର ମୁଦ ଖୋଲିବା ପାଇଁ ସମାଧି ଭିତରୁ ଆଦେଶ ଦେଲେ। ମୁଦ ଖୋଲା ହେବା ପରେ ସେ ତା' ଭିତରୁ ଜୀବନ୍ତ ବାହାରି ଆସି ପାଇକମାନଙ୍କୁ କହିଲେ - ଶୁଣ ହେ ରାଜଦୂତମାନେ, କହ ନୃପତି ସନ୍ନିଧାନେ / ଏତେକ ରାଜ୍ୟ ନ ଅଣ୍ଟିଲା, ବୈଷ୍ଣବ ଧନେ ଆଶ୍ରେ କଲା / ଆମ୍ଭର ମଲେ ସିନା ନେବ, ନୋହିଲେ କି କରି ପାରିବ / ଆମ୍ଭେ ରହିବୁ କିଛି ଦିନ, ଆଗହୁଁ ମରୁ ସେ ରାଜନ / ତହୁଁ ଉତାରେ ଆମ୍ଭେ ଯିବା, ଏ କୀର୍ତ୍ତି ଜଗତେ ରଖିବା।' ଏହା ଦେଖି ପାଇକମାନେ ଭୟରେ ସ୍ଥାନ ତ୍ୟାଗ କଲେ। ତା'ର ଦଶ ଦିନ ପରେ ରାଜା ଅଚାନକ ମୃତ୍ୟୁବରଣ କଲେ। ତା' ପରେ ବାଳକ ରାମ ଦାସ 'ଭଜିଲେ ଶ୍ରୀରାମ ଶ୍ରୀରାମ, ପୁଣି ଗମିଲେ ନିଜ ଧାମ।' ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୀତବାସ ପଣ୍ଡା ହତ୍ୟା ମାମଲା
# ପୁଲିସ ପକ୍ଷରୁ ୩୭୨ ପୃଷ୍ଠାର ସିଡି ଦାଖଲ

- ଅତିରିକ୍ତ ଜିଲ୍ଲାଜଜ୍‌ଙ୍କ କୋର୍ଟକୁ ମାମଲା ସ୍ଥାନାନ୍ତର
- ୧୨ରେ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର, ୯।୧୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ବିଚାର ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରୁ ସ୍ଥାନାନ୍ତର ହୋଇ ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ)ଙ୍କ କୋର୍ଟକୁ ଆସିଛି। ଆଜିଠାରୁ ମାମଲାର ବିଚାର ଓ ଶୁଣାଣି ଏହି କୋର୍ଟରେ ଆରମ୍ଭ ହୋଇଛି। ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ତଦନ୍ତ ଜାରି ରହିଛି। ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ଆଇନଜୀବୀ ମଦନ ମୋହନ ଦଳେଇ, ଶୂନ୍ୟ ଚନ୍ଦ୍ର ଦାସ ଓ ସୁନୀଲ ହୋତା ପ୍ରମୁଖ ୫ଜଣଙ୍କ ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା।

ପୂର୍ବରୁ ଅର୍ଥାତ୍ ଗତ ୩ତାରିଖରେ ଜାମିନ ଆବେଦନର ଶୁଣାଣି ପୂର୍ବରୁ ପୁଲିସ ସରକାରୀ ଓକିଲଙ୍କ ଜରିଆରେ ସିଡି (କେସ ଡାଏରୀ) ଦାଖଲ ପାଇଁ ଅଧିକ ସମୟ ମାଗିଥିଲା। ଫଳରେ ୯ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆଜି ପୁଲିସ ପକ୍ଷରୁ ୩୭୨ ପୃଷ୍ଠା ସମ୍ବଳିତ ସିଡି ଦାଖଲ କରାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ଏପରିକି ନିତିନିୟମ ପାଳନରେ ଅବହେଳା ଅର୍ଥାତ୍ ଇନ୍‌ଡେକ୍ସ ପ୍ରସ୍ତୁତ କରାଯାଇ ନଥିବାରୁ ପୁଲିସକୁ ଅପଦସ୍ଥ ହେବାକୁ ପଡ଼ିଥିବା ଜଣାଯାଇଛି। ସେପଟେ ମାମଲାର ତଦନ୍ତ ଜାରି ରହିଥିବା ଯୋଗୁଁ କେସ୍ ଡାଏରୀ ଦାଖଲରେ ବିଳମ୍ବ ଘଟିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଆସନ୍ତା ୧୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସମେତ କୈଳାସ ପଣ୍ଡା, କୁମାରକାନ୍ତ ବେହେରା, ଦୀପକ ପଟ୍ଟନାୟକ, ସଂଜିତ କୁମାର ପାଣିଗ୍ରାହୀ, ଶିବ ନାରାୟଣ ସାହୁ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ମକଦ୍ଦମା ପରିଚାଳନା କରୁଥିବା ବେଳେ ଅନ୍ୟ ଆଇନଜୀବୀମାନେ ସହଯୋଗ କରିଥିଲେ।

ସେପଟେ ଏହି ଚର୍ଚ୍ଚିତ ମାମଲାରେ ମକଦ୍ଦମା ପରିଚାଳନା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସୁପାରିଶକ୍ରମେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ କାଳୀପ୍ରସାଦ ମିଶ୍ର ଓ ସହକାରୀ ସ୍ୱତନ୍ତ୍ର ପିପି ଅବିନାଶ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ। ଆଜିର ଶୁଣାଣି ବେଳେ କୋର୍ଟ ହଲରେ ଶତାଧିକ ଆଇନଜୀବୀଙ୍କ ସମେତ ମାମଲାର ତଦନ୍ତ ଅଧିକାରୀ ତଥା ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ, ଅତିରିକ୍ତ ଏସ୍‌ପି ଆଲୋକ ଜେନା ଓ ଇନ୍ସପେକ୍ଟର ଏ. ସ୍ୱର୍ଣ୍ଣଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜାମିନ ପାଇଁ ଆବେଦନ ହୋଇଥିବା ସମସ୍ତ ୫ ଅଭିଯୁକ୍ତଙ୍କ ଗିରଫ କ୍ଷେତ୍ରରେ ପୁଲିସ ବ୍ୟକ୍ତିର ସାମ୍ବିଧାନିକ ଅଧିକାର ଉଲ୍ଲଂଘନ କରିଥିବା ସହ ସୁପ୍ରିମକୋର୍ଟଙ୍କ କୋର୍ଟଙ୍କ ନିର୍ଦ୍ଦେଶର ଖୋଲାଖୋଲି ଅବମାନନା କରିଥିବା ଅଭିଯୋଗ କରିଛନ୍ତି ଅଭିଯୁକ୍ତଙ୍କ ଓକିଲ। କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିଥିବା ବେଳେ ପୁଲିସ ପକ୍ଷରୁ ମଧ୍ୟ ମାମଲାରେ ଜଡ଼ିତ ସମସ୍ତ ୧୬ଜଣଙ୍କ ସମ୍ପର୍କିତ ତଥା କେସ୍ ଡାଏରୀକୁ ଦାଖଲ କରିଛି। ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଦାଖଲ କରାଯାଇଥିବା ନଥିପତ୍ରରେ ତାଳମେଳ ନଥିବା ଦର୍ଶାଇ ଜାମିନ ମିଳିବା ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି ଅଭିଯୁକ୍ତଙ୍କ ଓକିଲ ସମୂହ।

ପ୍ରକାଶଯୋଗ୍ୟ, ଗତ ଅକ୍ଟୋବର ୬ ତାରିଖ କୁମାରପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା।

# ୪୪,୭୭୧ କୋଟି ଟଙ୍କାର ରାସ୍ତା ପ୍ରକଳ୍ପକୁ କେନ୍ଦ୍ର ଅନୁମୋଦନ

- ଏନ୍‌ଏଚ୍ ପାଇଁ ୩୦ ଓ ଏସ୍‌ଏଚ୍ ପ୍ରକଳ୍ପ ପାଇଁ ୧୩ ହଜାର କୋଟି
- ଭୁବନେଶ୍ୱରରୁ ପାରାଦୀପକୁ ସଂଯୋଗ ହେବ ନୂତନ ଗ୍ରୀନ ଫିଲଡ୍ ରାସ୍ତା

ଭୁବନେଶ୍ୱର, ୯।୧୨(ସମିସ): ରାଜ୍ୟରେ ଥିବା ଜାତୀୟ ରାଜପଥ (ଏନ୍‌ଏଚ୍) ଏବଂ ରାଜ୍ୟ ରାଜପଥ (ଏସ୍‌ଏଚ୍)ର ଉନ୍ନତୀକରଣ ଏବଂ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି। ନୂଆଦିଲ୍ଲୀ ଗସ୍ତରେ ଥିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରିଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆଲୋଚନା କରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆର୍‌ଆଇଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍ କରିବା, ୧୪୦ କିଲୋମିଟର ଦୀର୍ଘ ଟାଙ୍ଗୀ-ପୁଇଁତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଛି। ସେହିପରି ୪୦୦ କିଲୋମିଟର ଦୀର୍ଘ ରାଉରକେଲା-ବଡ଼ବିଲ-ପାରାଦୀପ ଭାୟା ଡୁବୁରି ରାସ୍ତାକୁ ୮ ଲେନ୍ କରିବା ପାଇଁ ଏବଂ ଏନ୍‌ଏଚ୍-୧୪୯ ଅଧୀନରେ ଥିବା ୬୮ କିଲୋମିଟର ଦୀର୍ଘ ପାଲଲହଡ଼ା-ପିଟିରି ରାସ୍ତାକୁ ୪ ଲେନ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି।

ଅନ୍ୟପକ୍ଷରେ, ୨୦୨୫ ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅବସରରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରାଳୟର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କା ସିଆର୍‌ଆଇଏଫ୍ ଯୋଜନା ଅଧୀନରେ ଅନୁମୋଦନ ମିଳିଛି। ସେହିପରି ୫ଟି ରାଜ୍ୟ ରାଜପଥ ପ୍ରକଳ୍ପର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୧୩,୧୪୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ବରପାଲି-ବଲାଙ୍ଗିର ରାସ୍ତା ଓ କେସିଙ୍ଗା-ଭବାନୀପାଟଣା-ଜୁନାଗଡ଼ ରାସ୍ତାକୁ ୪ ଲେନ୍ କରିବା, ୪ ଲେନ୍ ବିଶିଷ୍ଟ ବଲାଙ୍ଗିର-ନୟାଗଡ଼ ରାସ୍ତା, ହିଞ୍ଜିଳିକାଟୁ ବାଇପାସ୍ ରାସ୍ତା ସହ ବ୍ରହ୍ମପୁରରୁ କାଳୁଷଣ୍ଡପୁର ରାସ୍ତାକୁ ୪ ଲେନ୍ କରିବା ଏବଂ ମୋହନାରୁ ପାରଳାଖେମୁଣ୍ଡି ରାସ୍ତାର ଉନ୍ନତୀକରଣ ସହ ଏନ୍‌ଏଚ୍-୨୬ର ପ୍ରଶସ୍ତିକରଣକୁ ଅନୁମୋଦନ ମିଳିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରୁ ପାରାଦୀପ ସିଧାସଳଖ ନୂଆ ଗ୍ରୀନ ଫିଲଡ୍ ରାସ୍ତା ନିର୍ମାଣ ନେଇ ସଫଳ ଆଲୋଚନା ହୋଇଛି ଓ ଆଗାମୀ ଦିନରେ ପାରାଦୀପ ସହର ପରିସର ଯଥେଷ୍ଟ ବୃଦ୍ଧି ପାଇବାକୁ ଥିବା ବେଳେ ପ୍ରମୁଖ ବନ୍ଦର ସହରକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡ଼ିବା ପାଇଁ ଏହି ଗ୍ରୀନଫିଲଡ ରାସ୍ତା ବେଶ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମନ୍ତ୍ରୀ ବିଧାୟକଙ୍କ...

ଆଧାରରେ ସ୍ୱୟଂଚାଳିତ ଭାବେ ସଂଶୋଧନ ହେବ ଏବଂ ଭବିଷ୍ୟତରେ ବିଧାୟକ ଓ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ପାଇଁ ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡିବ ନାହିଁ।

ନୂତନ ବ୍ୟବସ୍ଥାରେ ପୂର୍ବରୁ ବିଧାୟକଙ୍କ ୩୫ ହଜାର ଟଙ୍କା ମୂଳ ବେତନ ରାଶିକୁ ଏବେ ୯୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବିରୋଧୀ ଦଳ ନେତା ଓ ସରକାରୀ ମୁଖ୍ୟ ସଚେତକ ପୂର୍ବରୁ ୪୦ ହଜାର ଟଙ୍କା ପାଉଥିବା ବେଳେ ଏଣିକି ସେମାନଙ୍କୁ ମାସିକ ୯୬ ହଜାର ଟଙ୍କା ଦରମା ମିଳିବ। ସେହିପରି ଉପମୁଖ୍ୟ ସଚେତକଙ୍କ ମୂଳ ବେତନ ୩୬ ହଜାର ଟଙ୍କା ପରିବର୍ତ୍ତେ ୯୨ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଦରମା ବ୍ୟତୀତ ବିଧାୟକମାନେ ନିର୍ବାଚନ ମଣ୍ଡଳୀ ଓ ସଚିବାଳୟ ଭତ୍ତା ବାବଦରେ ମାସିକ ୭୫ ହଜାର ଟଙ୍କା ପାଇବେ। ବୈଠକ ଭତ୍ତା ବାବଦରେ ଦୈନିକ ୩ ହଜାର ଟଙ୍କା ପାଇବେ। ସେହିପରି ରାଜ୍ୟ ବାହାରକୁ ଗଲେ ପୂର୍ବରୁ ମିଳୁଥିବା ୨ ହଜାର ଟଙ୍କା ଭତ୍ତାକୁ ୧୦ ହଜାରକୁ ବୃଦ୍ଧି କରାଯାଇଛି। ବିଧାୟକ ନିଜ କାରରେ କିମ୍ବା ଭଡା କାରରେ ଯାତାୟାତ କଲେ ରାଜ୍ୟ ଭିତରେ କିଲୋମିଟର ପିଛା ୨୫ ଟଙ୍କା ଓ ରାଜ୍ୟ ବାହାରେ କିଲୋମିଟର ପିଛା ୩୫ ଟଙ୍କା ଦିଆଯିବ। ପୂର୍ବରୁ ରାଜ୍ୟ ଭିତରେ ୧୫ ଟଙ୍କା ଓ ରାଜ୍ୟ ବାହାରେ ୨୦ ଟଙ୍କା ଏଭଳି ଯାତାୟାତ ଭତ୍ତା ପାଉଥିଲେ। ଏହା ଅତିରିକ୍ତ ପରିବହନ ଭତ୍ତା ୧୫ ହଜାରରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ପୂର୍ବରୁ ବିଧାୟକମାନଙ୍କୁ ମାସିକ ବିଜୁଳି ବ୍ୟୟ ବାବଦରେ ୫ ହଜାର ଟଙ୍କା ମିଳୁଥିବାବେଳେ ଏବେ ତାହା ୨୦ ହଜାରକୁ ବୃଦ୍ଧି ପାଇଛି। ଅପରପକ୍ଷେ କୌଣସି ବିଧାୟକ ସରକାରୀ କ୍ୱାର୍ଟର ପାଇନଥିଲେ କ୍ୱାର୍ଟର ପାଇବା ପର୍ଯ୍ୟନ୍ତ ଦୈନିକ ୨ ହଜାର ଟଙ୍କା ଲେଖାଏଁ ଆବାସ ଭତ୍ତା ପାଇବେ। ପୂର୍ବରୁ ଏଥିପାଇଁ ମାତ୍ର ୧ ହଜାର ଟଙ୍କା ମିଳୁଥିଲା। ବିଧାୟକମାନେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କୌଣସି କମିଟି କାର୍ଯ୍ୟରେ ସମ୍ପୃକ୍ତ ନଥାଇ ଯାତ୍ରା କରୁଥିଲେ ଯାତ୍ରାଖର୍ଚ୍ଚ ବାବଦରେ ମାସିକ ୫୦ ହଜାର ଟଙ୍କା ଦିଆଯିବ। ସେହିପରି ଜିପ, ମୋଟର ସାଇକେଲ, ସ୍କୁଟର କିମ୍ବା ଅନୁରୂପ ଗାଡ଼ି କିଣିବା ପାଇଁ ବିଧାୟକମାନେ ସର୍ବାଧିକ ୧୦ ଲକ୍ଷ ଟଙ୍କା ଅଗ୍ରୀମ ପାଇପାରିବେ। ପୂର୍ବରୁ ଏହା ସର୍ବାଧିକ ୫ ଲକ୍ଷ ଟଙ୍କା ରହିଥିଲା। ସେହିପରି ଭାବରେ ମନ୍ତ୍ରୀମାନଙ୍କର ଦରମା ଓ ଭତ୍ତା ମଧ୍ୟ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ମୂଳ ବେତନ ୪୧ ହଜାରରୁ ୧ ଲକ୍ଷ ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କ ମୂଳ ବେତନ ୪୦ ହଜାରରୁ ୯୮ ହଜାର ଟଙ୍କା, ମନ୍ତ୍ରୀ ୯୬ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀଙ୍କ ମୂଳ ବେତନ ୩୮ ହଜାରରୁ ୯୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ଅନ୍ୟପକ୍ଷରେ ବ୍ୟକ୍ତିଗତ କାର ରକ୍ଷଣାବେକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ଏଣିକି ମାସିକ ୯୧ ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀ ୮୯ ହଜାର ଟଙ୍କା, ମନ୍ତ୍ରୀ ୮୭ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀ ୮୫ ହଜାର ଟଙ୍କା ଓ ଉପମନ୍ତ୍ରୀ ୮୩ ହଜାର ଟଙ୍କା ପାଇବେ। ପୂର୍ବରୁ ଏଥିପାଇଁ ମାତ୍ର ୧୭ ହଜାର ଟଙ୍କା ମିଳୁଥିଲା। ଏଥିସହିତ ବ୍ୟକ୍ତିଗତ ବ୍ୟୟ ଭତ୍ତା ବାବଦରେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୩ ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୧ ହଜାର ଟଙ୍କା, ମନ୍ତ୍ରୀ ୧ ଲକ୍ଷ ୭୯ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀ ୧ ଲକ୍ଷ ୭୭ ହଜାର ଟଙ୍କା ଏବଂ ଉପମନ୍ତ୍ରୀ ୧ ଲକ୍ଷ ୭୫ ହଜାର ଟଙ୍କା ପାଇବେ। ବିଧାନସଭାର ବୈଠକ ସମୟରେ ବିଧାନସଭାରେ ଯୋଗଦେବା ଲାଗି ଦୈନିକ ଭତ୍ତା ୮୦୦ ଟଙ୍କା ଦିଆଯାଉଥିବାବେଳେ ଏବେ ୨ ହଜାର ଟଙ୍କା ମିଳିବ। ବାଚସ୍ପତି ଏବଂ ଉପବାଚସ୍ପତିଙ୍କର ଦରମା ଓ ଭତ୍ତା ମଧ୍ୟ ବୃଦ୍ଧି ମଧ୍ୟ ହାତ ଖୋଲି ଦେଇଛନ୍ତି ମୋହନ ସରକାର। ବାଚସ୍ପତି ପୂର୍ବରୁ ମୂଳ ବେତନ ୪୦,୫୦୦ ଟଙ୍କା ପାଉଥିଲେ ଓ ଏହାକୁ ୯୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ବିଧାନସଭା ଏବଂ ଏହାସହ ଜଡ଼ିତ କମିଟିରେ ଯୋଗଦେବା ପାଇଁ ବୈଠକ ଭତ୍ତା ବାବଦରେ ଦୈନିକ ୨ ହଜାର ଟଙ୍କା, କାର ରକ୍ଷଣାବେକ୍ଷଣ ପାଇଁ ମାସିକ ୮୯ ହଜାର ଟଙ୍କା, ବ୍ୟକ୍ତିଗତ ବ୍ୟୟ ଭତ୍ତା ଲାଗି ମାସକୁ ୧ ଲକ୍ଷ ୮୧ ହଜାର ଟଙ୍କା ଦିଆଯିବ।

## ପେନସନ୍ ୩୫ ହଜାରରୁ...

ଅତିରିକ୍ତ ପେନସନ ପ୍ରଦାନ କରାଯିବ। ପୂର୍ବରୁ ଏଥିପାଇଁ ସେମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ମିଳୁଥିଲା। ନୂଆ ଆଇନ ପରେ ପ୍ରତ୍ୟେକ ପୂର୍ବତନ ବିଧାୟକଙ୍କୁ ମାସକୁ ୧୨,୫୦୦ ଟଙ୍କା ଗସ୍ତ ଭତ୍ତା ଦିଆଯିବ। ଯେଉଁ ସଦସ୍ୟ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ଓ ସେହି ସମୟ ମଧ୍ୟରେ ତାଙ୍କର ଦେହାନ୍ତ ହୋଇଛି ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଏକକାଳୀନ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ପୂର୍ବତନ ବିଧାୟକମାନଙ୍କୁ ଚିକିତ୍ସା ଭତ୍ତା ବାବଦରେ ମାସିକ ୨ ହଜାର ଟଙ୍କା ବଦଳରେ ୨୫ ହଜାର ଟଙ୍କା ମିଳିବ। ସେହିପରି ଗସ୍ତ ଖର୍ଚ୍ଚ ବାବଦରେ ସେମାନଙ୍କୁ ୧୨୫୦୦ ଟଙ୍କା ମିଳିବ ବୋଲି ଜଣାପଡ଼ିଛି।

## ୧୮ କାର୍ଯ୍ୟଦିବସ...

ସୂଚନାଯୋଗ୍ୟ ଯେ ଏହି ଅଧିବେଶନ ଆସନ୍ତା ୩୧ ତାରିଖ ଯାଏଁ ଚାଲିବାକୁ ଥିବାବେଳେ ମୋଟ ୨୯ଟି କାର୍ଯ୍ୟ ଦିବସ ଧାର୍ଯ୍ୟ ହୋଇଥିଲା। ପ୍ରଥମ ଦିନରେ ବାଚସ୍ପତି ଦ୍ରୌପଦୀ ମୁର୍ମୁ ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ସମ୍ବୋଧନ ରଖିଥିଲେ। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଆଗତ କରିଥିବା ବେଳେ ଗତ ୮ ତାରିଖରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଗୃହର ସମ୍ମତି ଲାଭ କରିଥିଲା। ଏହି ଅଧିବେଶନରେ ଗୃହରେ ମୋଟ ୨୮ଟି ତାରକା ପ୍ରଶ୍ନର ଆଲୋଚନା ହୋଇଥିଲା। ୬ଟି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିବା ବେଳେ ୪ଟି ବାର୍ଷିକ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେହିପରି ୩ଟି କମିଟି ରିପୋର୍ଟ ଉପସ୍ଥାପନ, ୪ଟି ବିବୃତି ଉପସ୍ଥାପନ, ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଓ ଶେଷଦିନରେ ଦରମା ବୃଦ୍ଧି ବିଲକୁ ମିଶାଇ ମୋଟ ୭ଟି ବିଲ୍ ପାରିତ ହୋଇଥିବା ଜଣାପଡ଼ିଛି। ସେହିପରି ଅଧିବେଶନରେ ୨ଟି ସଂକଳ୍ପ, ୫ଟି ବିଭାଗର ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ସହ ୩ଟି ସିଏଜି ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଛି।

## ବିଏଲଓଙ୍କୁ ସୁରକ୍ଷା...

କୌଣସି ତ୍ରୁଟିରେ ଏସଆଇଆର ପ୍ରକ୍ରିୟା ସଂପନ୍ନ କରିବା ଲାଗି ସୁନିଶ୍ଚିତ କରିବାକୁ ପଡ଼ିବ।

ପଶ୍ଚିମ ବଙ୍ଗରେ ବିଏଲଓଙ୍କୁ ଧମକ ମିଳୁଛି ବୋଲି ସନାତନୀ ସଂସଦ ପକ୍ଷରୁ ଆଗତ ପିଟିସନ ଉପରେ ସୁପ୍ରିମ କୋର୍ଟ ନିର୍ବାଚନ କମିସନ, କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ନୋଟିସ ଜାରି କରିବା ବେଳେ ଜଷ୍ଟିସ ବାଗଚି ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ ଯେ ଏଭଳି ଧମକ କେବଳ କଣ ପଶ୍ଚିମ ବଙ୍ଗରେ ମିଳୁଛି? ରାଜ୍ୟରେ କେବଳ ଗୋଟିଏ ଏଫଆଇଆର ହୋଇଛି ଏବଂ ଏହାକୁ ସମଗ୍ର ରାଜ୍ୟ ପରିସ୍ଥିତି ବୋଲି କିପରି କୁହାଯିବ।

## କାଟିଦେଲେ ୧୦%...

ଇଣ୍ଡିଗୋ ଉପରେ ପଡ଼ିବ। ୧୦% ହିସାବରେ ପ୍ରାୟ ୨୦୦ରୁ ଅଧିକ ବିମାନ ଉଡ଼ାଣ ହ୍ରାସ କରିବାକୁ ହେବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଇଣ୍ଡିଗୋର ସେୟାର ମୂଲ୍ୟ ହ୍ରାସ ପାଇଥିବା ବେଳେ ସ୍ପାଇସଜେଟର ବୃଦ୍ଧି ପାଇଛି। ଏହା ସହିତ ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ପରିବର୍ତ୍ତୀ ଉଡ଼ାଣ ତାଲିକା ଜମା କରିବାକୁ ଇଣ୍ଡିଗୋକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିର ଯାଞ୍ଚ ପାଇଁ କେନ୍ଦ୍ର ୧୦ଟି ବଡ଼ ବିମାନବନ୍ଦରରେ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ମୁତୟନ କରିଛି। ଯାତ୍ରୀ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଏମାନେ ସନ୍ଧାନ କରିବେ। ଏହି ଅଧିକାରୀ ଡେପୁଟି ସଚିବ, ନିର୍ଦ୍ଦେଶକ ଏବଂ ଯୁଗ୍ମ ସଚିବ ସ୍ତରର। ମୁମ୍ବଇ, ବେଙ୍ଗାଲୁରୁ, ହାଇଦରାବାଦ, କୋଲକାତା, ଚେନ୍ନଇ, ଅହମଦାବାଦ, ପୁନେ, ଗୌହାଟୀ, ଗୋଆ ଏବଂ ତିରୁଅନନ୍ତପୁରମରେ ଏହି ଅଧିକାରୀଙ୍କୁ ମୁତୟନ କରାଯାଇଛି

## ମାଟି ମୁଣ୍ଡ...

ହେବା ପର୍ଯ୍ୟନ୍ତ ସିସିଟିଭି ଓ ପୁଲିସ ଦୁଇ ଗାଁ ଉପରେ ତୀକ୍ଷ୍ଣ ନଜର ରଖିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଡିଆଇଜି ଡକ୍ଟର କନୱର୍ ବିଶାଳ ସିଂ, ଏସ୍‌ପି ବିନୋଦ ପାଟିଲ ଏଚ୍ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ, ଉଭୟ ଗ୍ରାମରେ ପୁଲିସ୍ ଛାଉଣୀ ହୋଇଥିବାରୁ ଆଜି ଘରପୋଡ଼ି, ମାରପିଟ୍ ଭଳି ହିଂସାକାଣ୍ଡ ଘଟିନାହିଁ। ଏହି ଘଟଣାରେ ପୁଲିସ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ଏମ୍‌ଭି ୨୬ ଗ୍ରାମର ସୁଖରଂଜନ ମଣ୍ଡ। ଗତକାଲି ସନ୍ଧ୍ୟା ୬ଟାରୁ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଥିବା ବେଳେ ବର୍ତ୍ତମାନ ସ୍ଥିତିକୁ ଆଖି ଆଗରେ ରଖି ଆସନ୍ତାକାଲି ୧୨ଟା ଯାଏଁ ଏହାକୁ ବଳବତ୍ତର ରଖାଯାଇଛି।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଢ଼ିଆମି ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା। ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଲଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ରାଖେଲଗୁଡା ଏବଂ ଏହାର ଆଖପାଖ ଗ୍ରାମର ଗ୍ରାମବାସୀ ୨ ଦିନ ଧରି ଏମଭି-୨୬ ଗ୍ରାମରେ ନିଆଁ ଲଗାଇ ସବୁ କିଛି ଧୂଳିସାତ୍ କରିଦେଇଥିଲେ। ଏମଭି-୨୬ ଗ୍ରାମର ମୋଟ ୧୮୮ ଘର ମଧ୍ୟରୁ ୧୬୩ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

ଆଜି ଜିଲ୍ଲାପାଳ ଏମଭି-୨୬ ଗ୍ରାମରେ ପହଞ୍ଚି ସ୍ଥିତି ତଦାରଖ କରିଛନ୍ତି। ରାଜ୍ୟ ସରକାରଙ୍କ ପାଣ୍ଠି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ମୃତ ମହିଳାଙ୍କ ପରିବାରକୁ ମୋଟ ୪ ଲକ୍ଷ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ସେହିପରି ଆଗାମୀ ଦିନରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଆକଳନ କରି ସରକାରଙ୍କ ନୀତି ନିୟମ ଅନୁଯାୟୀ ଏମ୍‌ଭି ୨୬ ଗ୍ରାମର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି।

ଇତିମଧ୍ୟରେ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି ପ୍ରଶାସନ ନିକଟରେ ୭ ଗୋଟି ଦାବି ରଖିଛନ୍ତି। ତନ୍ମଧ୍ୟରୁ, ମୁଖ୍ୟତଃ ୩୦ଦିନ ମଧ୍ୟରେ ଦୋଷୀକୁ ଧରିବା ସହ ତାକୁ ଫାଶୀଦଣ୍ଡରେ ଦଣ୍ଡିତ କରିବା, ସରକାରଙ୍କ ପକ୍ଷରୁ ମୃତ ମହିଳାଙ୍କ ପରିବାରବର୍ଗଙ୍କୁ ୩୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଦୋଷୀଙ୍କ ପରିବାରବର୍ଗଙ୍କୁ ମାଲକାନଗିରି ଜିଲ୍ଲାରୁ ତଡ଼ିବା, ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଜିଲ୍ଲାରୁ ତଡ଼ିବା ଏବଂ ଯେଉଁ ବଙ୍ଗୀୟ ନାଗରିକ ସରକାରୀ ପ୍ରଦତ୍ତ ଜମି ବ୍ୟତୀତ ଅନ୍ୟ ଜମି ଜବରଦଖଲ କରିଛନ୍ତି, ତାହାକୁ ଗ୍ରାମସଭାକୁ ହସ୍ତାନ୍ତର କରିବେ।

ଆଦିବାସୀ ପରମ୍ପରା ଅନୁଯାୟୀ, ମୁଣ୍ଡ ନଥିଲେ ଶବ ସତ୍କାର ସମ୍ଭବ ନୁହେଁ। ତେଣୁ ମୃତ ମହିଳାଙ୍କ ଲାଗି ମାଟିର ଏକ ମୁଣ୍ଡ ତିଆରି କରାଯାଇଥିଲା। ଉକ୍ତ ମୁଣ୍ଡକୁ ଲଗାଇ ଆଜି ପରମ୍ପରା ଅନୁଯାୟୀ ଶବ ସତ୍କାର କରାଯାଇଛି। ଶବ ସତ୍କାର ବେଳେ ଘଟଣାସ୍ଥଳରେ ପୁଲିସ ଡିଆଇଜି ଡକ୍ଟର କନୱର୍ ବିଶାଳ ସିଂ, ଏସ୍‌ପି ବିନୋଦ ପାଟିଲ ଏଚ୍, ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କ ସମେତ ପୁଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୦ ଡିଗ୍ରୀ ତଳେ...

ଶୁଷ୍କ ବାୟୁ ପ୍ରଭାବରେ ୧୨ ଯାଏଁ ଶୀତ ଲହରୀ ଜାରି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବୁଧବାର ଝାରସୁଗଡ଼ା, ଅନୁଗୁଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ପ୍ରବଳ ଶୀତ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଦୁଇ ଦିନ ଯାଏଁ ବିଭିନ୍ନ ଜିଲ୍ଲାରେ ଘନ କୁହୁଡ଼ି ସ୍ଥିତିର ମଧ୍ୟ ଆଶଙ୍କା ରହିଛି। ସୁନ୍ଦରଗଡ଼, କନ୍ଧମାଳ ଓ ଝାରସୁଗୁଡ଼ାରେ କୁହୁଡ଼ି ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

## ଭାଙ୍ଗିଲା ଦାଦନମୁକ୍ତ...

ସ୍ତରରେ ସ୍ୱେଚ୍ଛାକୃତ ପଞ୍ଜିକରଣ ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ, ପୁଲିସ ସହଯୋଗରେ ବେଆଇନ ଶ୍ରମିକ ନିଯୁକ୍ତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଋତୁକାଳୀନ ଛାତ୍ରାବାସର ବ୍ୟବସ୍ଥା ଇତ୍ୟାଦି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ହେଲେ ରାଜ୍ୟର ଦାଦନ ଜନିତ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମୀଙ୍କୁ ସରକାରଙ୍କ ଉତ୍ତର ସନ୍ତୁଷ୍ଟ କରିପାରିନାହିଁ। ଦାଦନ ଗବେଷକ ତଥା ସାମାଜିକ କର୍ମୀ ଉମି ଡାନିଏଲ୍ କହିଛନ୍ତି ଯେ ସରକାର ଯେଉଁ ତଥ୍ୟ ଦେଇଛନ୍ତି ଏଥିରେ ବଲାଙ୍ଗିର ଜିଲ୍ଲାରେ ଅଧାରୁ ଅଧିକ ଶ୍ରମିକ ରହିଛନ୍ତି। ଅର୍ଥାତ୍ ଏଠାରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ ପଞ୍ଜିକରଣ ବ୍ୟବସ୍ଥା ଲାଗୁ ହୋଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରୁ ସୁରତରେ ଦେଢ଼ ଲକ୍ଷରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିବାବେଳେ ସରକାରୀ ଭାବେ ଏହି ସଂଖ୍ୟା ୨୫୫୩ ବୋଲି ଦର୍ଶାଯାଇଛି। କୋଭିଡ୍ ସମୟରେ ରାଜ୍ୟକୁ ୧୦ ଲକ୍ଷ ପ୍ରବାସୀ ଶ୍ରମିକ ଫେରିଥିଲେ। ସେ ସମୟରେ ସରକାର ଜିଲ୍ଲାୱାରୀ ତାଲିକା ଜାରି କରିଥିଲେ। ମାତ୍ର ବର୍ତ୍ତମାନ କେବଳ ପଞ୍ଜିକୃତ ତଥ୍ୟ ଜାରି କରାଯାଉଛି। ରାଜ୍ୟ ସରକାର ଦାଦନ ସମସ୍ୟା ରୋକିବାକୁ ଏକ କମିଟି କରିଛନ୍ତି। ଏହା ସହ ଏକ ବଡ଼ ପଦକ୍ଷେପ ଭାବେ କିଛି ଜିଲ୍ଲାରେ 'ଏମ୍‌ଜିଏନ୍‌ଆରଇଜିଏସ୍' କାମ ୩୦୦ ଦିନ ପାଇଁ ଘୋଷଣା କରିଛନ୍ତି। ମାତ୍ର ବର୍ତ୍ତମାନ କେନ୍ଦ୍ର ସରକାର 'ଏମ୍‌ଜିଏନ୍‌ଆରଇଜିଏସ୍'ରେ ଅର୍ଥ କମାଇବାରେ ଲାଗିଛନ୍ତି। ଏହାଛଡ଼ା ରାଜ୍ୟ ସରକାର ମଧ୍ୟ ନିଜସ୍ୱ ବଜେଟ୍‌ରେ ଏନେଇ କୌଣସି ବଜେଟ୍ ବ୍ୟବସ୍ଥା କରି ନାହାନ୍ତି। ତେଣୁ ଏହା କେମେତ ଫଳପ୍ରଦ ହେବ ତାକୁ ନେଇ ଉମି ଡାନିଏଲ୍ ସନ୍ଦେହ ପ୍ରକଟ କରିଛନ୍ତି।

**NOTICE**

By virtue of an affidavit sworn before Executive Magistrate, Kutra, dated 07.11.2025, I, PUJA BAHALA, D/o CHANDRA BAHALA, permanent resident of Vill.-Gairbahal, P.O.-Gairbahal, P.S.-Kutra, Dist.-Sundargarh, PIN-770018, declare that I have changed my name from PANDREE BAHALA to PUJA BAHALA.Henceforth, I shall be known as PUJA BAHALA for all purposes.

PUJA BAHALA

**FOR SALE**

1 Number of TATA INTRA V-50 (SCV), Registration No.- OD-01-AZ-3938, Model- 2024, ENGINE NO – 15CR12KVXSA9757, CHASSIS NO - MAT535508RYK39842, For Details, contact – 88959 97418, 94375 77758, SUNDARAM FINANCE LTD., First floor, Choudhury Complex, SAHADEVKHUNTA, BALASORE,756001, PH. NO-06782-266657

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 08.12.2025, I, Debiprasad Moharana, resident of At-Gadarodanga, Dist- Puri, Odisha-752011 have changed my minor son's name from Jyansh Moharana to Sivansh Moharana. Henceforth he shall be known as Sivansh Moharana for all purposes.

Sd/- Debiprasad Moharana

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 08.12.2025, I, Atul Kumar Sahu, resident of Qtr. No. J1B/33, Po: South Balanda, Ps: Balanda, Talcher, Dist.: Angul, Odisha-759116 have changed my minor son's name from Udit Sahu to UDIT P KR SAHOO. Henceforth he shall be known as **UDIT P KR SAHOO** Moharana for all purposes.

Sd/- Atul Kumar Sahu

**VEHICLE FOR SALE**

HONDA AMAZE CAR, Model - 2023, Registration No- OD-34-T-0229, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 05.12.2025, I Sushant Swain, S/o- Trinath Swain perment resident At- Baulaghai, Dengapadar, Dist- Ganjam, Odisha, PIN-761146, declare that I have changed my sons name from Rudra Swain to Badal Swain, henceforth, he shall be known as **BADAL SWAIN** for all purposes.

Sushant Swain

**NOTICE (FOR MINOR)**

By virtue of an affidavit sworn before Notary Public, Bhubaneswar, dated 08.12.2025, I, Suparna Kumar Mohanty, Address: At- Kuansh, PO/Ps./Dist: Bhadrak, Odisha - 756100 declare that I have changed the name of my minor daughter from Annkhita S Mohanty to Annkhita Sammiksha Mohanty. Henceforth, she shall be known as **Annkhita Sammiksha Mohanty** for all purposes.

**LOST**

I Gangadhar Meher(65) years, S/o Bipin Meher of Vill- Bandhanjhuli, Po-Damamunda,Ps-Manamunda, Dist.: Boudh (Odisha) have lost Registered ROR(Patta) vide khata no.105/02, Mouja-Bandhanjhuli issued by Sub-Register office, Kantamal. The said registered deed was misplaced somewhere on 02/06/2025 at evening about 7pm while I am coming from Bandhanjhuli to Manamunda on the way and not able to track out the same. If any body found please contact Advocate Dipti Ranjan Baral, Mob:7008424871.

**ବିଜ୍ଞପ୍ତି**

ଏତଦ୍ୱାରା M/s. Kandhal Indane Gramin Vitrakର ସମସ୍ତ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ, ଉକ୍ତ ଉପଭୋକ୍ତାମାନଙ୍କ ଗ୍ୟାସ ସେବା ପାଇଁ ନିମ୍ନଲିଖିତ M/s ମାରୁତି ଇଣ୍ଡେନ୍ ଗ୍ରାମିଣ ବିତରକ ସହିତ ଯୋଗାଯୋଗ କରନ୍ତୁ।

M/s Maruti Indane Gramin Vitrak
At/Po/Ps-Kundheigola, Taluka-Reamal, District-Debagrah, State- Odisha, Pin-768109, Ph. No.-7749005400 (Prop.-Satyabrata Dalbehera)

ଧନ୍ୟବାଦ୍

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

ମାନ୍ୟବର ସଦସ୍ୟଙ୍କ କୋର୍ଟରେ
ଦ୍ୱିତୀୟ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଟ୍ରାଇବୁନାଲ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ
M.A.C. ନଂ. 81/2025 (307/2024)

ପ୍ରାପ୍ତେଷୁ,
ଶ୍ରୀ ପବିତ୍ର ଦାସ, ପିତା: ରାଜେଶ୍ୱର ଦାସ
ଗ୍ରାମ/ପୋ: ସୁନାଦେଇ, ଭାୟା/ଥାନା: ଗୋଳନ୍ଥରା
ଜିଲ୍ଲା ଗଞ୍ଜାମ, ଓଡ଼ିଶା, ପିନ୍: ୭୬୧୦୦୮

ଯେତେବେଳେ ଏହା କୋର୍ଟର ସନ୍ତୁଷ୍ଟି ଅନୁଯାୟୀ ପ୍ରମାଣିତ ହୋଇଛି ଯେ ଉପରୋକ୍ତ ପ୍ରତିବାଦୀଙ୍କୁ ୩ ଥର ନୋଟିସ୍ ସାଧାରଣ ସେବା ପଦ୍ଧତିରେ ପ୍ରଦାନ କରାଯାଇପାରିବ ନାହିଁ। ତେଣୁ ଏହି ଘୋଷଣାନାମା CPC ର ଆଦେଶ, ନିୟମ (22) ଅନୁଯାୟୀ ତାଙ୍କୁ ତା ୨୨ ଡିସେମ୍ବର ମାସ ୨୦୨୫ ତାରିଖ ସକାଳ ୧୦ ଟାରେ ଏହି ଟ୍ରିବ୍ୟୁନାଲ୍ ସମ୍ମୁଖରେ ବ୍ୟକ୍ତିଗତ ଭାବରେ କିମ୍ବା ତାଙ୍କ ଓକିଲଙ୍କ ମାଧ୍ୟମରେ ହାଜର ହେବା ପାଇଁ ଜାରି କରାଯାଇଛି।

ଧ୍ୟାନ ଦିଅନ୍ତୁ ଯେ ଉପରେ ଉଲ୍ଲେଖ କରାଯାଇଥିବା ପୂର୍ବ ଦିନ ଆପଣ ହାଜର ନହେଲେ, ଉକ୍ତ ମାମଲାଟି ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ଶୁଣାଣି ଏବଂ ନିର୍ଣ୍ଣୟ କରାଯିବ।

ଏହି ତା. ୫ ଡିସେମ୍ବର ମାସ ୨୦୨୫ ରେ ମୋ ହାତରେ ଏବଂ କୋର୍ଟର ମୋହର ରେ ପ୍ରଦାନ କରାଯାଇଛି।

ଦ୍ୱିତୀୟ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଟ୍ରାଇବୁନାଲ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ

O-1739
GOVT.OFODISHA
OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR
e-mail ID :- eerwrairangpur@yahoo.com
"e" procurement notice for Building works
Bid identification No- RWDRRP-17 of 2025-26

1. Name of the work : maintenance of non residencial building for the year 2025-26
2. Estimate Cost : Rs. 2.94 lakhs 4.20 (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-17/2025-26 | 11.12.2025 at 11.00 A.M. | 20.12.2025 Up to 5.00 P.M. | 19.12.2025 Up to 5.00 P.M. | 22.12.2025 at 11.30 A.M |

Further details can be seen from the website www.tendersodisha.gov.in

-Sd-
Er. Sanjeet Naik
Executive Engineer,
R.W. Division, Rairangpur.

OIPR-25107/11/0035/2526

RR-34
OFFICE OF THE PRINCIPAL
B.K.COLLEGE OF ART & CRAFTS
Department of Odia Language, Literature & Culture, Government of Odisha
Tapovan, Khandagiri, Bhubaneswar-751030. Phone: 0674-2386434, Email: bkartcollege@gmail.com
ବିଭୁତି କାନୁନ୍‌ଗୋ ଚାରୁ ଓ କାରୁ କଳା ମହାବିଦ୍ୟାଳୟ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

ADVERTISEMENT

B. K. College of Art & Crafts, Bhubaneswar intends to purchase of books for College Library during the year 2025-26. The books would be exclusively on Fine Arts, Applied Art, Art History, Architecture, Culture, Pottery & Ceramic, Crafts ,Decorative Design, Interior Decoration, Computer, Logo, Calligraphy, Indological Philosophical, Aesthetic both Indian and Western and Far eastern.

The intending Book Sellers/Firms are requested to submit their recent catalogue to the undersigned on or before 17th December 2025 for selection of books.

The recent catalogue received after the stipulated date shall not be entertained.

Principal
B.K.College of Art & Crafts,
Khandagiri, Bhubaneswar-30

Website:bkartcollege@gmail.com
OIPR-03010/11/0001/2526

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ପ୍ରଦର୍ଶିତ ହେଲା ୧୬୦ଟି ପ୍ରକଳ୍ପ



ଜଗତସିଂହପୁର, ୯।୧୨(ସମିସ): ଜଗତସିଂହପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬, ବାଲ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ, ପ୍ରତିଯୋଗିତା ଓ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ଏବଂ ଜଣାଅଜଣା ପ୍ରତିଯୋଗିତା-୨୦୨୫-୨୬ ସଦର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର ଶାସନ ପରିସରରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେଣ୍ଟର ଅଫ୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ, ମନୋଜ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଇକୋ ହାକାଥନ-୨୦୨୪ରେ ପାରଦର୍ଶିତା ଦେଖାଇଥିବା ଜଗତସିଂହପୁର ଜିଲ୍ଲାର କୁନି ବୈଜ୍ଞାନିକ ଆରୟାହି ଅର୍ପିତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶ ଏବଂ ପ୍ରକୃତି ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତ୍ୟେକ ବ୍ଲକରୁ ମନୋନୀତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବିଜ୍ଞାନ ପ୍ରଦର୍ଶନୀରେ ମୋଟ ୧୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଜଣାଅଜଣା ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସୁଶାନ୍ତ ମହାନ୍ତି ଜଗତସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି, ବିରିଡି ଶିକ୍ଷା ଅଧିକାରୀ ମିହିର କୁମାର ପାଲ, ପେଡାଗୋଜି କୋର୍ଡିନେଟର ତପନ କୁମାର ନନ୍ଦ ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲା ବେଳେ ଉଭୟ ସଭାରେ ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜନା ମଣ୍ଡଳୀର ସଭ୍ୟ ଅମୂଲ୍ୟ କୁମାର ମିଶ୍ର ଏବଂ ସଭ୍ୟା ମନୀଷା ମିଶ୍ର। ଜଣାଅଜଣା ପ୍ରତିଯୋଗିତାର ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତିତ୍ୱ ହସଲକରିଥିବା ସୌରଭ ସାହୁ, ଆହେଲା ଆଫ୍ରୋଜ ସେଖ, ଶ୍ରେୟା ସମୃଦ୍ଧି ପରିଡା, ସଙ୍ଗୀତା ନାଥ, ଜ୍ୟୋତିରଞ୍ଜନ ବେହେରା ଓ ଦିବ୍ୟଜ୍ୟୋତି ମନୋହରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପଦରାଜ ଉମାକାନ୍ତ ନାୟକ, ଶିବକୁମାର ବିଶ୍ୱାଳ ସୌଭାଗ୍ୟ ପ୍ରସାଦ ମିଶ୍ର, ସସ୍ମିତା ଶତପଥି, ପ୍ରଳୟ ରଞ୍ଜନ ଭୂୟାଁ, ଦେବାଶିଷ ନାୟକ, ସୁଦର୍ଶନ ସାହୁ, ଅଶୋକ ମାଦେଳି, କ୍ଷନପ୍ରଭା ସାହୁ, ବିଶ୍ୱଜିତ ମହାନ୍ତି, ଅସ୍ମିତା ପରିଜା ପ୍ରମୁଖ ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ହୃଦ୍‌ଘାତରେ ଯୁବକ ମୃତ



କୁଜଙ୍ଗ, ୯।୧୨(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ନିବାସୀ ଉମାକାନ୍ତ ବିଶ୍ୱାଳଙ୍କ ପୁଅ ପ୍ରୀତିରଞ୍ଜନ ବିଶ୍ୱାଳ(କାଳିଆ)ଙ୍କ ୪୫ ବର୍ଷରେ ଆଜି ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଜି ସକାଳେ ସ୍ନାନ କରୁଥିବା ବେଳେ ସେ ପଡ଼ି ଯିବାରୁ ତାଙ୍କୁ କୁଜଙ୍ଗ ଡାକ୍ତରଖାନା ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକରେ କୁଜଙ୍ଗର ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ଭାରତ ଭୂଷଣ ନାୟକ, କୃଷକ ନେତା ଶ୍ରୀନିବାସ ମହାନ୍ତି, ସାରଙ୍ଗଧର ବେହେରା, ରାମକୃଷ୍ଣ ବିଶ୍ୱାଳ, ଆକାଶ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପ୍ରକାଶ ଯେ ଉମା ସାରଙ୍କ ବଡ଼ ପୁଅଙ୍କ ବିୟୋଗ ପୂର୍ବରୁ ଘଟିଥିବା ବେଳେ ଆଜି ସାନ ପୁଅଙ୍କ ଅକାଳ ବିୟୋଗ କୁଜଙ୍ଗ ଓ ପୈତୃକ ଗ୍ରାମ ଦାରଦିଆରେ ଶୋକ ପ୍ରକାଶ ପାଇଛି।

## ପୁଲିସ ମାଡ଼ରେ ଯୁବକ ଗୁରୁତର ଅଭିଯୋଗ

କୁଜଙ୍ଗ, ୯।୧୨(ସମିସ): ଅଭୟଚାନ୍ଦପୁର ଥାନା ନୂଆଗାଁ ଗ୍ରାମର ଜଣେ ଯୁବକ ପୁଲିସ ମାଡ଼ରେ ଗୁରୁତର ହୋଇଥିବା ଜଣାପଡିଛି। ଆହତ ହୋଇଥିବା ଯୁବକ ହେଲେ ବିଶ୍ୱଜିତ ପାତ୍ର (୩୭)। ତାଙ୍କ ବଡ଼ଭାଇଙ୍କ କହିବା ଅନୁସାରେ ସେ ବାଲିତୁଠରୁ ଫେରୁଥିବା ବେଳେ ଅଭୟଚାନ୍ଦପୁର ପୁଲିସ ତାଙ୍କୁ ମାଡ଼ ମାରିଛି। ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ କୁଜଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରୁ ସେଠାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ତାଙ୍କ ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବଡ଼ଭାଇ ଅଜିତ ପାତ୍ର କହିଛନ୍ତି। ଏ ପ୍ରସଙ୍ଗରେ ସେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ପ୍ରସଙ୍ଗରେ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର ରାଉତ କହିଛନ୍ତି ଯେ, ବିଶ୍ୱଜିତ ପାତ୍ର ନିର୍ମାଣଧୀନ ଜେଏସ୍‌ଡବ୍ଲୁ କମ୍ପାନୀରେ ଝଗଡା କରି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଶ୍ରୀ ପାତ୍ର ବାଲିତୁଠରୁ ମଦ ଆଣି ଫେରୁଥିବା ବେଳେ ପୁଲିସ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡିଥିଲା। ପୁଲିସ ସହିତ ବଚସା ପରେ ଘଟଣାସ୍ଥଳରୁ ଶ୍ରୀ ପାତ୍ର ପଳାଇ ଯାଇଥିଲା। ତାଙ୍କୁ ମାଡ଼ ମରାଯାଇ ନଥିବା ଥାନା ଅଧିକାରୀ ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

## ଦେଶୀ ଚୋରା ମଦ ଜବତ

ପାରାଦୀପ, ୯।୧୨(ସମିସ): ଲକଥାନା ଅଧୀନ ଅଞ୍ଚଳ ପାରାଦୀପ ଗଡରୁ ଜଣେ ଚୋରା ମଦ ବେପାରିକୁ ପୁଲିସ ଗିରଫ କରିଛି। ସେ ହେଲେ ପାରାଦୀପ ଗଡର ଦୀପକ ସେଠୀ। ତା' ନିକଟରୁ ୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଆସନ୍ତା କାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

ତିର୍ତ୍ତୋଲ, ୯।୧୨(ସମିସ): ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଜାତୀୟସେବାଯୋଜନା+୨ରସ୍ୱତନ୍ତ୍ରଶିବିରମଙ୍ଗଳବାରଉଦ୍‌ଯାପିତହୋଇଯାଇଛି। ଗତ୩ତାରିଖରେମହାବିଦ୍ୟାଳୟଅଧ୍ୟକ୍ଷପ୍ରାଧ୍ୟାପକନଳିନୀକାନ୍ତପଟ୍ଟନାୟକଜାତୀୟ ସେବା ଯୋଜନାର ପତାକା ଉତ୍ତୋଳନ କରି ଏହି ଶିବିରର ଶୁଭାରମ୍ଭ କରିଥିଲେ। ପରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର +୨ ଛାତ୍ରଛାତ୍ରୀ ପୋଷ୍ୟ ଗ୍ରାମ ତିର୍ତ୍ତୋଲରେ ସେବା କାର୍ଯ୍ୟ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ କରିଥିଲେ। ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ୱଦା ମହାପାତ୍ର ଉପସ୍ଥିତ ରହି ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ଏନଏସଏସର ଅଧିକାରୀ ବିଜୟିନୀ ପଡ଼ିଆରୀ ଯୋଗଦେଇଥିଲେ। ଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ଏନଏସଏସ + ୩ର କାର୍ଯ୍ୟକ୍ରମ ଅଧିକାରୀ ଡ. ଅଶୋକ ରାଉତ, ପ୍ରାଧ୍ୟାପିକା ଡ. ଦୀପ୍ତି ରେଣୁ ମହାନ୍ତି ଯୋଗଦେଇଥିଲେ। ଏନଏସଏସ +୨ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ନରେଶ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

## ଅଳକା ହାଇସ୍କୁଲ ପୁରାତନ ଛାତ୍ରଙ୍କ ବୈଠକ

ବିରିଡ଼ି, ୯।୧୨(ସମିସ): ବିରିଡି ବ୍ଲକ ଅଳକା ହାଇସ୍କୁଲର ୧୯୭୩ ମସିହା ମାଟ୍ରିକ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ ବାଲିଆ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଂଶୀଧର ଦାସଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ଦିବଂଗତ ପୁରାତନ ଛାତ୍ର ପର୍ଶୁରାମ ପରିଡାଙ୍କ ପାଇଁ ୧ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ସୁଧାଂଶୁ ଦାସ, ତ୍ରିଲୋଚନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବାଗ୍ମୀ ଅରୁଣଦାସ, ପୂର୍ବତନବିଧାୟକକୈଳାସମଲ୍ଲିକ, ବିମ୍ବାଧରଦାଶ, ଗାୟତ୍ରୀପଟନାୟକ, ଅମିତା ଦାସ, ପ୍ରମୋଦ ମିଶ୍ର, ବିରଜା ରାଉତରାୟ, ପ୍ରେମାନନ୍ଦ ସେଠୀ, ନିରଞ୍ଜନ ମିଶ୍ର, ନିରଞ୍ଜନ ନାୟକ, ପ୍ରସନ୍ନ ଦାସ ଓ ଅନ୍ୟମାନେ ଯୋଗଦେଇଥିଲେ। ଏଥିରେ ପ୍ରଦୀପ୍ତ ଦାସ, ଭୂପତି ନାୟକ, ରବିନାରାୟଣ ଦାଶ, ପ୍ରସନ୍ନ ମିଶ୍ର, ବିଳାସ ବେହେରା, ନୃସିଂହ ଦାଶ, ସୁଶାନ୍ତ ସ୍ୱାଇଁ, ଲିଙ୍ଗରାଜ ସାହୁ, ଅମିତା ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାହାମା ଆର୍‌ଏମ୍‌ସିର ପ୍ରଶିକ୍ଷଣ ଶିବିର

କୁଜଙ୍ଗ, ୯।୧୨(ସମିସ): ଚଳିତ ୨୦୨୫-୨୬ ବର୍ଷର ଧାନ କ୍ରୟ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁରୁଖୁରୁରେ ପରିଚାଳନା କରିବା ଲକ୍ଷ୍ୟରେ ରାହାମାସ୍ଥିତ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ରାହାମା ଆର୍‌ଏମ୍‌ସି କ୍ରୟକେନ୍ଦ୍ରରେ ଏହି ଶିବିରରେ ଏରସମା ଓ କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମସ୍ତ ଧାନ କେନ୍ଦ୍ରର ସମ୍ପାଦକ ଏବଂ ଡିଇଓ ମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶେଷ କରି ପି-ପାସ ଧାନର ଗୁଣାତ୍ମକ ମାନ ଏବଂ ତାହାକୁ ନିର୍ଦ୍ଧାରଣ କରିବାରେ ବ୍ୟବହୃତ ହେଉଥିବା ଆଧୁନିକ ଯନ୍ତ୍ରପାତି ଉପରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଧାନ କ୍ରୟ ପ୍ରକ୍ରିୟାରେ ଯେପରି ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇବେ ଏବଂ ଧାନର ମାନ ନିର୍ଦ୍ଧାରଣରେ କୌଣସି ଅବହେଳା ନହୁଏ, ସେଥିପ୍ରତି ସମସ୍ତ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ସତର୍କ କରାଇ ଦିଆଯାଇଛି। ଏହି ମହତ୍ତ୍ୱପୂର୍ଣ୍ଣ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ତଥା ରାହାମା ଆର୍‌ଏମ୍‌ସିର ଅଧ୍ୟକ୍ଷ ନିରଞ୍ଜନ ବେହେରା ପରିଚାଳନା କରିଥିଲେ। ତାଙ୍କରି ତତ୍ତ୍ୱାବଧାନରେ ସିଏମଓ, ଡିଆର୍‌ମିଏସ ଏବଂ ଜଗତସିଂହପୁରର ଏଆର୍‌ମିଏସ ପ୍ରମୁଖ ଯୋଗଦାନ କରିଥିଲେ। ସେମାନେ ମିଳିତ ଭାବେ ଚଳିତ ୨୦୨୫-୨୬ ବର୍ଷରେ ଧାନକ୍ରୟ ପ୍ରକ୍ରିୟାକୁ ଅବାଧ ଓ ସୁବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକୀୟ ତାଲିମ ଏବଂ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଧାନ କ୍ରୟକୁ ସଫଳ କରିବାରେ ଏକ ବଡ଼ ପଦକ୍ଷେପ ବୋଲି ଆଶା କରାଯାଉଛି।

## ଗୋମାଂସ ସନ୍ଦେହରେ ଗାଡ଼ି ଜବତ

ପାରାଦୀପ, ୯।୧୨(ସମିସ): ଭୁତମୁଣ୍ଡାଇ ନିକଟରୁ ଆଜି ସନ୍ଧ୍ୟାରେ ଗୋମାଂସ ଚାଲାଣ ସନ୍ଦେହରେ ଏକ ଟାଟା ଏସିଇ ଗାଡିକୁ ଅଟକାଇଥିଲେ ହିନ୍ଦୁ ସେନା ବାହିନୀର ସଦସ୍ୟ ମାନେ। ସନ୍ଦେହରେ ଗାଡିଟିକୁ ଅଟକାଇବା ସହିତ ଡାଲାରେ ଥିବା ଚମଡାକୁ ଗାଡିରୁ ତଳକୁ ବାହାର କରି ଦେଇଥିଲେ। ତେବେ ଏଗୁଡିକୁ ବାହାର କରିବା ପରେ ଏହା ଛେଳି ଚମଡ଼ା ବୋଲି ଜଣାପଡିଥିଲା। ଏଭଳି ଚମଡ଼ା ଗାଡିକୁ ଧରିବା ପରେ ହିନ୍ଦୁ ସେନା ବାହିନୀର ସଦସ୍ୟ ମାନେ ସ୍ଥାନୀୟ ଲକ୍‌ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ଗାଡି ସହ ଚମଡ଼ାକୁ ଜବତ କରି ଥାନାକୁ ଆଣିଥିଲା। ସେଗୁଡିକ ଛେଳି ଚମଡ଼ା ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ଡ୍ରାଇଭରକୁ ଥାନାକୁ ଆଣି ଅଟକ ରଖି ଏହି ଛେଳି ତଦନ୍ତ ଆରମ୍ଭ କରିଛି। ଗାଡି ଜବତ ପରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକ ରାସ୍ତାରେ ହୋହାଲା କରିଥିଲେ। ଫଳରେ ୧ ଘଣ୍ଟା କାଳ ରାସ୍ତା ଜାମ ହୋଇଯାଇଥିଲା।

## ଖାଦ୍ୟସୁରକ୍ଷା ଏବଂ ମାନକ ପ୍ରାଧିକରଣର କର୍ମଶାଳା




ପାରାଦୀପ, ୯।୧୨(ସମିସ): ପାରାଦୀପ ପୌର ପରିଷଦ ସହଯୋଗରେ ଆଜି ସ୍ଥାନୀୟ ଜୟଦେବ ସଦନ ଠାରେ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ପ୍ରାଧିକରଣର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଶୁଭାରମ୍ଭ କରିଥିଲେ। ଉପାଧ୍ୟକ୍ଷା ଛବିଲତା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମେଡିକାଲ ଅଫିସର ଡ. ଅଲ୍ଲି ଓ ଏଫଏସ୍‌ଏସ୍‌ଏଆଇର ଅଫିସର ସୌରଭ ରୋହିଲା, ପ୍ରଶିକ୍ଷକ କୁଲ୍ଲୁଷଣ ଭାଜିଙ୍କ ସହିତ ସମସ୍ତ କାଉନସିଲର ତଥା ହିତାଧିକାରୀ ଭାବେ ସମସ୍ତ ରାସ୍ତାକଡ ବିକ୍ରେତା ଦୋକାନୀମାନେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏହି କର୍ମଶାଳାରେ ଏଫଏସ୍‌ଏସ୍‌ଏଆଇ ପଞ୍ଜୀକରଣ ଆବଶ୍ୟକତା ଉପରେ ଏକ ଆଭିମୁଖ୍ୟକରଣ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ଯେଉଁଥିରେ ଖାଦ୍ୟ ବିକ୍ରେତାଙ୍କ ପାଇଁ ଖାଦ୍ୟ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ନିରାପତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାଣିଜ୍ୟ ଲାଇସେନ୍ସ ପାଇବା ଏବଂ ସଠିକ ପରିମଳ ମାନଦଣ୍ଡ ବଜାୟ ରଖିବା ଯେପରିକି ବର୍ଜ୍ୟବସ୍ତୁ ନିଷ୍କାସନ, ବ୍ୟକ୍ତିଗତ ପରିଚ୍ଛନତା, ସଫାଇ ଉପକରଣ ଏବଂ ଖାଦ୍ୟ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ଉପରେ ସୂଚନା ଦିଆଯାଇଥିଲା।

## ୨୩ରୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ପାଇଁ ପ୍ରସ୍ତୁତି

ଜଗତସିଂହପୁର, ୯।୧୨(ସମିସ): ଆସନ୍ତା ଡିସେମ୍ବର ୨୩ ଓ ୨୪ ଦୁଇଦିନ ଧରି ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଉପର ପଡ଼ିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜନ କରାଯିବ। ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କୁକୁଡ଼ା ଚାଷ, ଅଣ୍ଡା ଉତ୍ପାଦନ, ପ୍ରାଣିସମ୍ପଦ ଓ ମତ୍ସ୍ୟ ଉତ୍ପାଦନରେ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି ଉତ୍ପାଦନ ବୃଦ୍ଧି କରିବା ଦିଗରେ ଚାଷୀଙ୍କୁ ସଚେତନ କରିବା ଓ ଅଧିକ ଉଦ୍ୟୋଗି ସୃଷ୍ଟି କରିବା ଏହି ମେଳାର ମୂଳ ଲକ୍ଷ୍ୟ ବୋଲି ବୈଠକରେ ଯୋଗଦେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଜୟ କୁମାର ସାହୁ ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଥିବା ୮ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ମେଳାରେ ମତ୍ସ୍ୟ, ପ୍ରାଣିସମ୍ପଦ, କୃଷି ଉଦ୍ୟାନ ଓ ବିଭିନ୍ନ ବିଭାଗର ୨୫ଟି ଷ୍ଟଲ, କଣ୍ଟ୍ରୋଲ ରୁମ, ରେଜିଷ୍ଟ୍ରସନ ରୁମ ଆଦି ଖୋଲିବା ସହିତ ଜୀବନ୍ତ ପ୍ରାଣୀ ଓ ମାଛ ମାନଙ୍କର ପ୍ରଦର୍ଶନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀର ଓରମାସ ଓ ମିଶନଶକ୍ତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇ ମେଳାପାଇଁ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ସଭାରେ ଡାକ୍ତର ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଦେବବ୍ରତ ସାମଲ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସହଯୋଗ କରିଥିଲେ।

### ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ସନ୍ତୁଳିତ ପୋଷଣ ସମ୍ପର୍କିତ ଯୁବ କନକ୍ଲେଭ

## 'ସମନ୍ୱୟ ପୋଷଣ ସ୍ୱାସ୍ଥ୍ୟ ଓ ଜୀବନକୁ ସୁନ୍ଦରମୟ କରେ'




ଭୁବନେଶ୍ୱର, ୯।୧୨(ସମିସ): ଯୁବଗୋଷ୍ଠୀ ମଧ୍ୟରେ ବଢୁଥିବା ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ରୋଗକୁ ଆମନ୍ତ୍ରଣ କରୁଛି। ଏଣୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ସୁସ୍ଥ ଓ ଉଜ୍ଜଳ ରହିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନସ୍ଥ ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ କର୍ମଶାଳାରେ ଯୋଗଦେଇ ଅତିଥିମାନେ କହିଛନ୍ତି। ମହିଳା ଓ ଶିଶୁବିକାଶ ବିଭାଗ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମନ୍ୱୟ ପୋଷଣ ସ୍ୱାସ୍ଥ୍ୟ ଓ ଜୀବନକୁ ସୁନ୍ଦରମୟ କରିଥାଏ ବୋଲି କହିଛନ୍ତି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁନିସେଫର ନିଉଟ୍ରିସନ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଷଣର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଇସିଏଆର୍ ନୋଡାଲ ଅଫିସର ଡ. ମିନାକ୍ଷୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୋଷଣ ବିଭାଗ ମୁଖ୍ୟ ଡ. ଚିତ୍ରୋତ୍ପଳା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## କେନ୍ଦ୍ରାପଡା କ୍ରେଡିଟ୍ ରାହାମା ଶାଖାର ସ୍ୱନକ୍ଷେତ୍ର



କୁଜଙ୍ଗ, ୯।୧୨(ସମିସ): କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ୍ ସୋସାଇଟି ଲିଃର କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ଶାଖାର ୧୪ତମ ସ୍ୱନକ୍ଷେତ୍ର ଦିବସ ଶାଖା କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ରାହାମା ଶାଖା ପରିଚାଳକ ଭବାନୀ ଶଙ୍କର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ସମିତିର ସଭାପତି ପ୍ରମୋଦ ସାହୁ ଯୋଗଦେଇଥିଲେ। ଏହି ଶାଖା ଦ୍ୱାରା ସମଗ୍ର ଅଞ୍ଚଳରେ ଜନସାଧାରଣ ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଧରଣାର ବ୍ୟବସାୟୀ ଉପକୃତ ହେବା ସହ ସେମାନେ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି ବୋଲି ସମିତିର ନିର୍ଦ୍ଦେଶିକା ଗୀତାଞ୍ଜଳି ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତିର ସମ୍ପାଦକ ଅରବିନ୍ଦ ସାହୁ, ପାରାଦୀପ ଶାଖା ବରିଷ୍ଠ ପରିଚାଳକ ଦେବାଶିଷ ସାହୁ, ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ମାନସ ରାଉତ, ହିସାବରକ୍ଷକ ମନୋରଞ୍ଜନ ମୁଦୁଲି, କିରାଣୀ ପ୍ରଭାତ ପଟ୍ଟା, ଅନସୂୟା ବେହେରା, ସ୍ୱପ୍ନାରାଣୀ ପାତ୍ର, ମହେନ୍ଦ୍ର ବସନ୍ତିଆ, ମୋହନ ସେନାପତି, ଜଗଦୀଶ କୁଣ୍ଡୁ, ଦୈନିକ ଜମା ସଂଗ୍ରହକାରୀ ସୁଜିତକୁମାର ବେହେରା, ଦୁର୍ଯ୍ୟୋଧନ ଦାସ, ଭରତ ସାହୁ, ଜପହରି ନାୟକ, ସୁକାନ୍ତ ଶୁକ୍ଳା, ବିଜୟ ହାତୀ, ନିହାର ରାମ ସାହୁ, ତୁଷାରକାନ୍ତ ପରିଡା, ସୌମ୍ୟକାନ୍ତ ବିଶ୍ୱାଳ, କଲ୍ୟାଣସ୍ୱାଇଁ, ଜଗଦୀଶକୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିୟମିତ ଭାବେ ଋଣ ନେଇ ଠିକ ସମୟରେ ପରିଶୋଧକାରୀ ସୁଶାନ୍ତ ପାଣି ଓ ପରିଶୋଧକାରିଣୀ ସୂଚିତ୍ରା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ପକ୍ଷରୁ ଉଭୟଙ୍କ ନାମରେ ଏକ ଲକ୍ଷ୍ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଜନତା ସୁରକ୍ଷା ବୀମା ପଲିସ କରାଯାଇଥିଲା।

## କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ସୋସାଇଟର କର୍କଟ ରୋଗୀଙ୍କୁ ସହାୟତା



ଜଗତସିଂହପୁର, ୯।୧୨(ସମିସ): କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ଜଗତସିଂହପୁର ଶାଖା ପକ୍ଷରୁ ଜିଲ୍ଲାର ବିରିଡି ବ୍ଲକ ଅଡ଼ଙ୍ଗାଗଡ଼ ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମର କର୍କଟ ରୋଗରେ ପୀଡ଼ିତ ମୁରଲୀଧର ନାୟକଙ୍କ ପୁଅ ସତ୍ୟରଞ୍ଜନ ନାୟକ (୫୧)ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୋସାଇଟିର ସଭାପତି ପ୍ରମୋଦ ସାହୁ ପୀଡ଼ିତ ଶ୍ରୀ ନାୟକଙ୍କ ଘରେ ପହଞ୍ଚି ଏହି ସହାୟତା ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଶ୍ରୀ ନାୟକଙ୍କୁ କର୍କଟ ହୋଇଥିବା ଗତ ପାଞ୍ଚବର୍ଷ ତଳେ ଜଣାପଡିଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଏହି ଚିକିତ୍ସାରେ ସମସ୍ତ ଅର୍ଥ ଶେଷ ହେବା ସହ ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ଏହି ପରିବାର ବର୍ତ୍ତମାନ ଆର୍ଥିକ ସଙ୍କଟ ମଧ ଦେଇ ଗତିକରୁଛି। ଏହି ପରିସ୍ଥିତିରେ ପତ୍ନୀ ସନ୍ଦୀପା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିବା ବେଳେ ତାଙ୍କର ଶରନ୍ୟା ନାମକ ଏକ ପାଞ୍ଚ ବର୍ଷର ଝିଅଟିଏ ରହିଛି। ଏ ସମ୍ପର୍କରେ ସ୍ଥାନୀୟ ୱାର୍ଡସଭ୍ୟାଙ୍କ ଠାରୁ ଜଗତସିଂହପୁର ବ୍ୟାଙ୍କ ପରିଚାଳକଙ୍କ ମାଧ୍ୟମରେ ଖବର ପାଇ ସୋସାଇଟି ସଭାପତି ଶ୍ରୀ ସାହୁ ସତ୍ୟରଞ୍ଜନଙ୍କୁ ନଗଦ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରିଥିଲେ। ସଭାପତିଙ୍କ ସହିତ ସମିତିର ଜଗତସିଂହପୁର ଶାଖା ବରିଷ୍ଠ ପରିଚାଳକ ଲକ୍ଷ୍ମଣ ସାହୁ, କିରାଣି କରୁଣାକର ରଥ ଓ ଦୈନିକ ଜମା ସଂଗ୍ରହକାରୀ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଆର୍ଥିକ ନେଣଦେଣ କାରବାର ସହ ସୋସାଇଟି ପକ୍ଷରୁ ଦୁରାରୋଗ୍ୟରେ ପୀଡ଼ିତ ଅସହାୟ, ଗରିବ ମେଧାବୀ ଛାତ୍ରଛାତ୍ରୀ, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କୃତି କ୍ରୀଡ଼ାବିତ ଓ ପ୍ରାକୃତିକ ବିପର୍ଯ୍ୟୟସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରିଆସୁଛି।

## ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ୍ ଲିଗ୍

ଜଗତସିଂହପୁର, ୯।୧୨(ସମିସ): ଜଗତସିଂହପୁର ଜିଲ୍ଲାର ସାତୋଟି ଷ୍ଟାଡିଅମରେ ଚାଲୁଥିବା ୬୯ତମ ବିଦ୍ୟାଳୟ ସମୂହ କ୍ରିକେଟ୍ ଲିଗ୍ ମ୍ୟାଚ୍‌ର ୪ର୍ଥ ଦିନର ଖେଳ ଶେଷ ହୋଇଯାଇଛି। ବାଳକ ବିଭାଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୬ଟି ମ୍ୟାଚ ଲିଗ ଭିତ୍ତିରେ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ କୋରାପୁଟ ବନାମ ସୋନପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କୋରାପୁଟ ୮ରନ୍‌ରେ ବିଜୟ ଲାଭ କରିଥିଲା ବେଳେ କେନ୍ଦ୍ରାପଡ଼ା ବନାମ ଗଜପତି ମ୍ୟାଚ୍‌ରେ ଗଜପତି ୭ ୱିକେଟ୍‌ରେ ବିଜୟ ଲାଭ କରିଛି। ନନ୍ଦବ୍ରତ ଷ୍ଟାଡିୟମଠାରେ ଅନୁଷ୍ଠିତ ରାୟଗଡ଼ା ବନାମ ବଲାଙ୍ଗିର ମ୍ୟାଚ୍‌ରେ ବଲାଙ୍ଗିର ୮ ୱିକେଟ୍‌ରେ ବିଜୟ ଲାଭ କରିଥିଲାବେଳେ ବାଲେଶ୍ୱର ବନାମ ନବରଙ୍ଗପୁର ମ୍ୟାଚ୍‌ରେ ନବରଙ୍ଗପୁର ୭୪ ରନ୍‌ରେ ବିଜୟ ଲାଭ କରିଛି। ସତୀ ଖେଳପଡିଆ ଠାରେ ସମ୍ବଲପୁର ବନାମ କଳାହାଣ୍ଡି ମ୍ୟାଚ୍‌ରେ ସମ୍ବଲପୁର ୧୨୭ ରନ୍‌ରେ ବିଜୟ ଲାଭ କରିଥିଲାବେଳେ ମାଲକାନଗିରି ବନାମ ନୟାଗଡ଼ ମ୍ୟାଚ୍‌ରେ ମାଲକାନଗିରି ୮ ୱିକେଟ୍‌ରେ ବିଜୟ ଲାଭକରିଛି। ତର୍ତ୍ତଙ୍ଗ ମିନିଷ୍ଟାଡିୟମଠାରେ ମୟୂରଭଞ୍ଜ ବନାମ ଖୋର୍ଦ୍ଧା ମ୍ୟାଚ୍‌ରେ ଖୋର୍ଦ୍ଧା ୬ ୱିକେଟ୍‌ରେ ବିଜୟ ଲାଭ କରିଥିଲା ବେଳେ, ଝାରସୁଗୁଡ଼ା ବନାମ କେନ୍ଦୁଝର ମ୍ୟାଚ୍‌ରେ କେନ୍ଦୁଝର ୫ ୱିକେଟ୍‌ରେ ବିଜୟ ଲାଭ କରିଛି। ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଅନୁଗୁଳ ବନାମ ଢେଙ୍କାନାଳ ମ୍ୟାଚ୍‌ରେ ଢେଙ୍କାନାଳ ୧ ୱିକେଟ୍‌ରେ ବିଜୟ ଲାଭ କରିଥିଲାବେଳେ ଗଞ୍ଜାମ ବନାମ ଭଦ୍ରକ ମ୍ୟାଚ୍‌ରେ ଭଦ୍ରକ ୫୫ ରନ୍‌ରେ ବିଜୟ ଲାଭ କରିଅଛି। ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଙ୍ଗ ସ୍ଥିତ ପୁଲିସ ବାରାକ ପଡିଆରେ କେନ୍ଦୁଝର ବନାମ ସମ୍ବଲପୁର ମ୍ୟାଚ୍‌ରେ ସମ୍ବଲପୁର ୪ ରନ୍‌ରେ ବିଜୟ ଲାଭ କରିଥିଲାବେଳେ ଭୁବନେଶ୍ୱର ବନାମ ଭଦ୍ରକ ମ୍ୟାଚ୍‌ରେ ଭୁବନେଶ୍ୱର ୯ ୱିକେଟ୍‌ରେ ଏବଂ ମୟୂରଭଞ୍ଜ ବନାମ ନବରଙ୍ଗପୁର ମ୍ୟାଚ୍‌ରେ ମୟୂରଭଞ୍ଜ ୨ରନ୍‌ରେ ବିଜୟ ଲାଭ କରିଛି। ଜୟଦୁର୍ଗା ୟୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ବଲାଙ୍ଗିର ବନାମ ପୁରୀ ମ୍ୟାଚ୍‌ରେ ପୁରୀ ୯ ୱିକେଟ୍‌ରେ, କଟକ ବନାମ ଅନୁଗୁଳ ମ୍ୟାଚ୍‌ରେ କଟକ ୯ ୱିକେଟ୍‌ରେ ଓ ବଲାଙ୍ଗିର ବନାମ ଝାରସୁଗୁଡ଼ା ମ୍ୟାଚ୍‌ରେ ବଲାଙ୍ଗୀର ୯ ୱିକେଟ୍‌ରେ ବିଜୟ ଲାଭ କରିଛନ୍ତି। ସମସ୍ତ ମ୍ୟାଚ୍‌କୁ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ମ୍ୟାଚ୍ ସ୍ଥଳରେ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା।

## ବରିଷ୍ଠ ନାଗରିକ ସଂଘ ସଭାପତିଙ୍କ ସ୍ମୃତିସଭା



ବାଲିକୁଦା, ୯।୧୨(ସମିସ)

ବାଲିକୁଦା ବ୍ଲକ ବରିଷ୍ଠ ସାମ୍ବାଦିକ ତଥା ବାଲିକୁଦା ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ଶରତ କିଶୋର କାନୁନଗୋଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା କଣିଆ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତି ସଭ୍ୟ ଅକ୍ଷୟକୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ଜେନା, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ବିଜେପି ନେତା ସତ୍ୟ ସାରଥୀ ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଶିଳ୍ପପତି ବିଶ୍ୱରଞ୍ଜନ ପଟ୍ଟନାୟକ, ବିବେକାନନ୍ଦ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସଦସ୍ୟ ବିଜୟ ମହାନ୍ତି, ଆଇନଜୀବୀ ବିରନାରାୟଣ ପାତ୍ର, ପୂଜ୍ୟ ପୂଜା ସଂସଦ ସମ୍ପାଦକ ଅରୁଣ କୁମାର ମହାନ୍ତି, ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ବିଜେପି ନେତା ଶିବବ୍ରତ ଦାସ, ବରିଷ୍ଠ କଂଗ୍ରେସ ନେତା ନଟବର ବାରିକ, ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ରାଜ୍ୟ ସିପିଆଇ ନେତା ଶଶୀଭୂଷଣ ସ୍ୱାଇଁ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ, ଡ. ଦିଲ୍ଲୀପ ବିଶ୍ୱାଳ, ବିଜେଡି ରାଜ୍ୟ ଯୁବ ସଂଗଠନ ସମ୍ପାଦକ କମଳାକାନ୍ତ ମହାପାତ୍ର, ଜିଲ୍ଲାପରିଷଦ ପୀତବାସ ଗୋଚ୍ଛାୟତ, କଂଗ୍ରେସ ନେତା ଇଂ.ନଳିନୀ ସ୍ୱାଇଁ,ସାମ୍ବାଦିକ ମନୋଜ ଦାଶ, ସାମ୍ବାଦିକ ପ୍ରଣବ ପ୍ରଧାନ, ଥାଇଲୋ ସମିତି ସଭ୍ୟ ପ୍ରତିନିଧି ମାନସ ମଲ୍ଲିକ, ଆଇନଜୀବୀ ଅମୃତ ଦାସ,ପୁତ୍ର ବରିଷ୍ଠ ଆଇନଜୀବୀ ସୁପ୍ରିମକୋର୍ଟ ଡ. ସୁଶାନ୍ତ କୁମାର କାନୁନଗୋଙ୍କ ସମେତ ବହୁ ରାଜନେତା, ସାମ୍ବାଦିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସଙ୍ଘର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରିଲାଏନ୍ସ କର୍ତ୍ତୃପକ୍ଷଙ୍କୁ ଜମି ଦେଇ କ୍ଷତିଗ୍ରସ୍ତ ପ୍ରଜା ଅସହାୟ

ଢେଙ୍କାନାଳ, ୯ ।୧୨(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଝାରଗାଡ଼ିଆସ୍ଥିତ ରିଲାଏନ୍ସ ବାୟୋ ଏନର୍ଜି ତଥା ପୂର୍ବର ପଲିଷ୍ଟର କାରଖାନା କର୍ତ୍ତୃପକ୍ଷଙ୍କୁ ଜମିଦେଇ ନ୍ୟାୟ ପାଇଁ ଦୀର୍ଘ ୪୦ବର୍ଷ ଧରି କ୍ଷତିଗ୍ରସ୍ତ ପରିବାର ସଂଗ୍ରାମ ଜାରି ରଖିଛନ୍ତି । ଏହି ସମସ୍ୟା ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ଏବଂ ଆଲୋଚନା ହେଉଥିବା ବେଳେ କୌଣସି ନିଷ୍ପତ୍ତି ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ଶେଷରେ କ୍ଷତିଗ୍ରସ୍ତ ପ୍ରଜା ନିରାଶ ଓ ଅସହାୟ ହୋଇ ବୁଧବାରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ନେଇ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି ।

୧୯୮୪ରେ ଓଡ଼ାପଡ଼ା ବ୍ଲକ ବଉଳପୁର ଝାରଗାଡ଼ିଆଠାରେ ଓଡ଼ିଶା ସନ୍ଥେଟିକ୍ସ ନାମରେ ଏକ ପଲିଫାଇବର କାରଖାନା ଗଢ଼ିଉଠିଥିଲା । ପ୍ରାୟ ୩ଶହ ଏକର ଜମିରେ ଏହି କାରଖାନା ଥିବାବେଳେ ଏଥିପାଇଁ ସ୍ଥାନୀୟ ଲୋକଙ୍କ ଜମି ଅଧିଗ୍ରହଣ ହୋଇଥିଲା । କାରଖାନାରେ ପ୍ରତ୍ୟକ୍ଷ ଭାବେ ୪୩୦ ଜଣ ସ୍ଥାୟୀ ଏବଂ ୩ ଶହରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିଲେ । ମାତ୍ର କ୍ଷତି ଦର୍ଶାଇ ଓଡ଼ିଶା ସିନ୍ଥେଟିକ୍ସ କାରଖାନାକୁ ରିଲାଏନ୍ସ କାରଖାନା ୯୯ ବର୍ଷ ପାଇଁ କିଣି ନେଇଥିଲା । ୨୦୨୨ରେ ରିଲାଏନ୍ସ କାରଖାନା ପୂର୍ବ ଚୁକ୍ତିନାମା ଏବଂ ନୀତିନିୟମ ସହ କାରଖାନାର ଲିଜ ପାଇବା ପରେ ସେଠାରେ ଏକ ବାୟୋ ଏନର୍ଜି କାରଖାନା ସ୍ଥାପନ ପାଇଁ ଯୋଜନା କରିଥିଲା । କିନ୍ତୁ କାରଖାନାକୁ ୧୯୮୪-୮୬ ମସିହାରେ ଡିସିମିଲକୁ ମାତ୍ର ୪୦ ଟଙ୍କାରେ ଜମିଦେଇ ସମସ୍ତ କ୍ଷତିଗ୍ରସ୍ତଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ଜମି ନେଇଥିଲେ ମଧ୍ୟ ଚାକିରି ଦେଇ ନ ଥିଲେ । ପଲିଷ୍ଟର କାରଖାନା ଜମିହରା ପ୍ରଜାସଙ୍ଘ ନ୍ୟାୟପାଇଁ ପ୍ରଶାସନକୁ ବାରମ୍ବାର ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ ତାହା ସମାଧାନ ହୋଇପାରିନାହିଁ । ଫଳରେ ଜାନୁଆରୀ ୨୫ରେ ପ୍ରଜାସଙ୍ଘ ଆମରଣ ଅନଶନ କରିବା ସହ ସଦର ପୁଲିସ ପ୍ରଶାସନ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ୪ଦଫା ଦାବି ପୂରଣ ପାଇଁ ନିଷ୍ପତ୍ତି ହୋଇଥିଲା । ମାତ୍ର ସୁଫଳ ନ ମିଳିବାରୁ ପୁଣି ଫେବୃଆରୀ ୨୮ରେ ଅଭିଯୋଗ କରାଯିବା ସହିତ ମେ ୨୩ରେ ଆନ୍ଦୋଳନ ଚେତାବନୀ ଦେଇଥିଲେ । ଫଳରେ ଏହାର ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୁନ ୩ରେ ବୈଠକ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ତାହା ସ୍ଥଗିତ ରହିବା ସହ ପୁନଶ୍ଚ ଉପଜିଲ୍ଲାପାଳଙ୍କ ଅନୁସାରେ ଜୁଲାଇ ୨ରେ ବୈଠକ ନିଷ୍ପତ୍ତି ହୋଇଥିଲା । ତେବେ ତାହା ମଧ୍ୟ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା । ଫଳରେ ପ୍ରଜାସଙ୍ଘ ଜୁଲାଇ ୧୧ରେ ଯାଇ ଉଦ୍ଦେଶ୍ୟମୂଳକ ଭାବେ ନିରାଶ ଏବଂ ନିର୍ଯାତିତ କରାଯାଉଛି । ଏହାର ପ୍ରତିବାଦରେ ନଭେମ୍ବର ୧୦ରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୧୦ ବୁଧବାରଠାରୁ ଜିଲ୍ଲାପାଳଙ୍କ

**● ପ୍ରଶାସନ-ପ୍ରଜାସଙ୍ଘ ବୈଠକ ବାରମ୍ବାର ବାତିଲ**

**● ଆଜିଠୁ ପଲିଷ୍ଟର ପ୍ରଜାସଙ୍ଘର ଆମରଣ ଅନଶନ**

ଧାରଣା ଦେଇଥିଲା । ପରେ ୧୫ ତାରିଖ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ବୈଠକରେ କମ୍ପାନୀ ନିଯୁକ୍ତି ଦେବାକୁ ରାଜି ହୋଇଥିଲା । ମାତ୍ର ତାହା ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିଲା । ଫଳରେ ସେପ୍ଟେମ୍ବର ୪ରେ ପ୍ରଜାସଙ୍ଘ କାରଖାନା ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଅବୈଧ କହି ନିଯୁକ୍ତି ଦେବାକୁ ମନାକରି ଦେଇଥିଲେ । ଧାରଣାସ୍ଥଳରେ ୧୬୩ ବିଏନଏସ ଲଗାଇ ଅନୁମତି ଦିଆଯାଇ ନ ଥିଲା । ପ୍ରଜାସଙ୍ଘର କୌଣସି ଦାବି ଶୁଣା ନ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅନଶନ ସମୟରେ କୌଣସି ଅଘଟଣ ଘଟିଲେ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ପ୍ରଜାସଙ୍ଘ ସଭାପତି ଅରୁଣ କୁମାର ସାହୁ, ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ, ସମ୍ପାଦକ ଆଶୁତୋଷ ରାଉତଙ୍କ ସହିତ ଅନ୍ୟମାନେ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ବାୟୋ ଏନର୍ଜି କାରଖାନା ବାୟୁ ପ୍ରଦୂଷଣ କରୁଥିବାରୁ ୭ ମୌଜାର ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି ।

## ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ

ପରଜଙ୍ଗ, ୯ ।୧୨(ସମିସ): ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ସିଂହଡ଼ା ଗ୍ରାମ ନୂଆସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ତିନି ପରିବାର ସର୍ବସ୍ୱାନ୍ତ ହେଇଛନ୍ତି । ସାହିର ବାବାଜୀ ନାୟକ, ସୁରଥ ନାୟକ ଓ ମୁରଲୀ ନାୟକ ଧାନ ଅମଳ କରିବା ପାଇଁ ବିଲକୁ ଯାଇଥିବା ବେଳେ ଘରେ ନିଆଁ ଲାଗିଥିଲା । ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ଘର ସମେତ ସମସ୍ତ ଆସବାବପତ୍ର, ଲୁଗାପଟା, ଧାନ ଚାଉଳ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି । ଅଗ୍ନିକାଣ୍ଡ କାରଣ ଜଣାପଡ଼ିନାହିଁ ।



ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, କୁଆଳୋ ରାଜସ୍ୱ ନିରୀକ୍ଷକ ବରୁଣ କୁମାର ଜେନା ପହଞ୍ଚି ବିପନ୍ନ ପରିବାରକୁ ପାଲ, ଜରୁରୀ ସାମଗ୍ରୀ ଯୋଗାଇ ଦେବା ସହ କଲଦା ପଞ୍ଚାୟତ କାର୍ଯ୍ୟାଳୟରେ ରହିବା ବ୍ୟବସ୍ଥା କରାଇଛନ୍ତି । ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ତହସିଲଦାର କହିଛନ୍ତି । ସେହିପରି ଭାବେ ତାଳଚେର ଅଞ୍ଚଳର ୟୁଥ ୟୁନାଇଟେଡ ଫର୍ ସଷ୍ଟେନେବଲ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ନିର୍ଦ୍ଦେଶକ ସତ୍ୟନାରାୟଣ ସାମଲ, ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତା, ଅମରେନ୍ଦ୍ର ଦାସ ବିପନ୍ନ ପରିବାରକୁ ଶୀତବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି ।

## କମ୍ପାନୀରୁ ଫେରୁଥିବା ବେଳେ ଯୁବକଙ୍କୁ ଛୁରାମାଡ଼

ଖଜୁରିଆକଟା, ୯ ।୧୨(ସମିସ): ବାଲିମି ଥାନା ଠୋକର ଗ୍ରାମର ପ୍ରିୟବ୍ରତ ସାମଲ (୩୫) ଝାଡ଼ବନ୍ଧସ୍ଥିତ ରୁଙ୍ଗଟା କମ୍ପାନୀରୁ କାମ ସାରି ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଫେରୁଥିବା ବେଳେ ମଧୁପୁର ଗ୍ରାମ ନିକଟରେ ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ପ୍ରିୟବ୍ରତ ନିଜ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ୩ରୁ ୪ ଜଣ ଦୁର୍ବୃତ୍ତ ତାଙ୍କୁ ମୋବାଇଲ ଫୋନ ଓ ମନିପର୍ସ ଦେବାକୁ କହିଥିଲେ । ପ୍ରିୟବ୍ରତ ନ ଦେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛୁରାମାଡ଼ କରିଥିଲେ । ପେଟରେ ଛୁରୀ ଭୁସିଦେବାରୁ ପ୍ରିୟବ୍ରତ ତଳେ ପଡ଼ି ଯାଇଥିଲେ । ଏହାର ସୁଯୋଗ ନେଇ ଲୁଟେରାମାନେ ମୋବାଇଲ ଫୋନ ଓ ମନିପର୍ସ ନେଇ ଦ୍ରୁତ ଗତିରେ ଜଙ୍ଗଲ ଆଡ଼କୁ ପଳାଇଥିଲେ । ପ୍ରିୟବ୍ରତ ଚିକିତ୍ସା ପରେ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ ଆରମ୍ଭ କରିଛି । ଗୋଟିଏ ପଟେ ହାତୀ ଭୟ ଲାଗି ରହିଥିବା ବେଳେ ଅନ୍ୟପଟେ ଲୁଟେରା ଗ୍ୟାଙ୍ଗ ଭୟରେ କର୍ମଚାରୀମାନେ ରାତିରେ ଯାତାୟାତ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଢେଙ୍କାନାଳ, ୯ ।୧୨(ସମିସ): ସ୍ଥାନୀୟ ବିବି ହାଇସ୍କୁଲର ୧୯୭୩ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଓ ବନ୍ଧୁମିଳନ ଯତନନଗର ନିକଟ ସାଇ ୱାଟର ପାର୍କରେ ଅନୁଷ୍ଠିତ ହୋଇଛି । ପ୍ରଥମେ ଶିକ୍ଷକ କାଶିନାଥ ମିଶ୍ର, ପୁରାତନ ଛାତ୍ର ରଜନୀ ମହାନ୍ତି, ସୂର୍ଯ୍ୟ ଦାସ, ମହମ୍ମଦ ଉସମାନ, ବିଷ୍ଣୁ ଉଦୟ ସିଂ ଏବଂ ମୋତିଲାଲ୍ ସାହୁଙ୍କ ପରଲୋକରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଢେଙ୍କାନାଳ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସରକାରଙ୍କ ପାଖରେ ଦାବି ଜଣାଇବାକୁ ନିଷ୍ପତ୍ତି ନେଇଥିଲେ । ସଂଯୋଜକ ରୁଦ୍ରପ୍ରକାଶ ଶରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଧିରେଶ ଦାସ, ପ୍ରଭାତ ମିଶ୍ର, ଅରୁଣ କୁମାର ପଟ୍ଟନାୟକ, ଦିବେନ ପଟ୍ଟନାୟକ, ବିପିନ ବିହାରୀ ବେହେରା ଏବଂ ଅମ୍ବିକା ପ୍ରସାଦ ପାଣି ପ୍ରମୁଖ ସହଯୋଗ କରିଥିଲେ । ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହିନ୍ଦୋଳ ବିକାଶ ସମ୍ପର୍କିତ ଆଲୋଚନାଚକ୍ର



ଖଜୁରିଆକଟା, ୯ ।୧୨(ସମିସ): ହିନ୍ଦୋଳ ଉପଖଣ୍ଡରେ ଆଗେଇବା ପରିବାରର ଆମ ହିନ୍ଦୋଳ ଆମ ବିକାଶର ପ୍ରୟାସ ପାଠକ ଆଲୋଚନାଚକ୍ର ଆୟୋଜିତ ହୋଇଛି । ସ୍ଥାନୀୟ ଟାଉନହଲରେ ଆଗେଇବା ଖବରକାଗଜ ସମ୍ପାଦକ ତଥା ଆମ ପ୍ରତିଭା ଆମ ସମ୍ମାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ, ମହେଶ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳର ବିକାଶ କିପରି ହୋଇପାରିବ, ଏ ଦିଗରେ ଗଣମାଧ୍ୟମ, କୃଷକ, ସମାଜସେବୀ, ରାଜନେତା, ସାଧାରଣବର୍ଗଙ୍କ କର୍ତ୍ତବ୍ୟ, ଭୂମିକା ଓ ବିକାଶ ପାଇଁ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ କୃଷକ, ସାମ୍ବାଦିକ, ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ମହିଳାଙ୍କ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବରିଷ୍ଠ ନାଗରିକଙ୍କ ଆରୋଗ୍ୟ କାମନା

ଗଁଦିଆ, ୯ ।୧୨(ସମିସ): ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ



କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଓ ଉପସଭାପତି ଡମ୍ବରୁଧର ସେଠୀ ସନ୍ଧ୍ୟାରେ ହସ୍ପିଟାଲରେ ପହଞ୍ଚି ଚିକିତ୍ସାଧୀନ ବରିଷ୍ଠ ନାଗରିକ ସତ୍ୟଭାମା ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେହିପରି ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ ଓ କାର୍ଯ୍ୟକାରୀ ସଭାପତି ସାହୁ ବରିଷ୍ଠ ନାଗରିକ ତଥା ସମାଜସେବୀ ଗୋବର୍ଦ୍ଧନ ମିଶ୍ରଙ୍କ ବାସଭବନକୁ ଯାଇ ତାଙ୍କ ଆରୋଗ୍ୟ କାମନା କରିଛନ୍ତି ।

## ଦୁଇ ବାଇକ୍ ଧକ୍କା; ୩ ଗୁରୁତର

ପରଜଙ୍ଗ, ୯ ।୧୨(ସମିସ): ପରଜଙ୍ଗ ଥାନା ବୃନ୍ଦାବନପୁର ଗ୍ରାମସ୍ଥିତ ନୃସିଂହ ସାଗର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ପରଜଙ୍ଗ ବଜାର ପାର୍ଶ୍ୱରୁ କାମାକ୍ଷାନଗର ଥାନା କୁସିଆ ଗ୍ରାମର ନିର୍ମଳ ରାଉଳ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ସମ୍ମୁଖରୁ ଆସୁଥିବା ଡିହଡୋଳ ଗ୍ରାମର ବିଘ୍ନରାଜ ନାୟକ ଓ ଚିନ୍ମୟ ସାହୁଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ । ଘଟଣାସ୍ଥଳରେ ତିନି ଜଣ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି ।



### ୪ର୍ଥ ସଙ୍ଗମ ମହୋତ୍ସବ

## ‘ସଂଘର୍ଷ ଜାରି ରହିଲେ ଫଳ ମିଠାଲାଗେ’



ଢେଙ୍କାନାଳ, ୯ ।୧୨(ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନହଲରେ ସାଂସ୍କୃତିକ ଅନୁଷ୍ଠାନ ନୀତାନୃତ୍ୟାଙ୍ଗନା ତରଫରୁ ୪ର୍ଥ ସଙ୍ଗମ ମହୋତ୍ସବ ତଥା ଅନୁଷ୍ଠାନର ୭ମ ବାର୍ଷିକ ଉତ୍ସବ ପାଳନ କରାଯାଇଛି । ପ୍ରଥମ ଦିବସ ପ୍ରାତଃ ସମୟରେ ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ, ମାଇକ୍ରୋମିଡିଆ ଅନୁଷ୍ଠାନ ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ଅଥୟ କୁମାର ସାହୁ ପ୍ରମୁଖ ଅନୁଷ୍ଠାନର ସମ୍ପାଦକ ଗୁରୁ ଆଶିଷ କୁମାର ପାଲଙ୍କ ସହଯୋଗରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମେହେନ୍ଦୀ, ରଙ୍ଗଭରୋ, ସଙ୍ଗୀତ ସହ ଅଭିନୟ, କୌତୁକ ପୋଷାକ, ସ୍ୱର୍ଣ୍ଣଲକ୍ଷ୍ମୀ ଆଦି ପ୍ରତିଯୋଗିତା କରାଯାଇଥିଲା । ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗୁରୁ ଜୟଶ୍ରୀ ବେହେରାଙ୍କ ନିର୍ଦ୍ଦେଶନାରେ ଯୋଗାସନ କରାଯାଇଥିଲା । ସନ୍ଧ୍ୟାରେ ପୌରପାଳିକା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର୍ଷ ଜାରି ରହିଲେ ଫଳ ମିଠା ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଶ୍ୱରଞ୍ଜନ ସାହୁ, ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ପଟ୍ଟନାୟକ, ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ନୃତ୍ୟଗୁରୁ ଆଶିଷ କୁମାର ପାଲ ଉପସ୍ଥିତ ରହି ଅନୁଷ୍ଠାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ଦିବସରେ ଅତିଥି ଭାବେ ଦନ୍ତ ଚିକିତ୍ସକ ଡା. ରାଇମୋହନ ମିଶ୍ର, ବରିଷ୍ଠ ସାମ୍ବାଦିକ ରତନ କୁମାର ନାୟାର, କଣ୍ଠଶିଳ୍ପୀ ଶକ୍ତି ମିଶ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ ।

### ମିଥୁନ ଜେନା ହତ୍ୟା ମାମଲା

## ୪ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

ଢେଙ୍କନାଳ, ୯ ।୧୨(ସମିସ): ୨୦୨୧ ଜୁନ ୧୯ ତାରିଖ ଢେଙ୍କାନାଳ ଜିଲ୍ଲା ସଦରଥାନା ବଳଦିଆବନ୍ଧର ମିଥୁନ ଜେନା ହତ୍ୟା ମାମଲାରେ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣତି ସାହା ୪ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ ହଜାର ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଦଣ୍ଡିତ ବ୍ୟକ୍ତିମାନେ ହେଲେ ବଳଦିଆବନ୍ଧର ଚନ୍ଦନ ମଲ୍ଲିକ, ଦୀପକ ମଲ୍ଲିକ, ଆଦିତ୍ୟ ମୁଦୁଲି ଓ ପ୍ରଦୀପ ସାହୁ । ମାମଲାର ବିବରଣୀ ଅନୁଯାୟୀ ଘଟଣା ଦିନ ସନ୍ଧ୍ୟା ପ୍ରାୟ ୭ଟାରେ ମିଥୁନ ବଳଦିଆବନ୍ଧ ଚକ୍ଷୁ ଚିକିତ୍ସାଳୟ ପାଖରେ ବସିଥିବା ବେଳେ ପ୍ରଦୀପ ସାହୁ, ଜ୍ଞାନେନ୍ଦ୍ର ରାଉତ, ଚନ୍ଦନ ମଲ୍ଲିକ, ଆଦିତ୍ୟ ମଲ୍ଲିକ, ମନୋଜ ବେହେରା, ଦୀପକ ମଲ୍ଲିକ ଓ ମିଳନ ରାଉତ କଟୁରିରେ ତାଙ୍କୁ ଆକ୍ରମଣ କରିଥିଲେ । ଘଟଣସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ଏ ନେଇ ମିଥୁନଙ୍କ ବାପା ହୃଦାନନ୍ଦ ଜେନା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ସାଇଣ୍ଟିଫିକ ରିପୋର୍ଟ ଆଧାରରେ ୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସାକ୍ଷ୍ୟପ୍ରମାଣ ଅଭାବରୁ ଅନ୍ୟମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ମାମଲା ପରିଚାଳନା କରୁଥିଲେ ।

## ଭତ୍ତା ଅପେକ୍ଷାରେ ୩୪୧୦ ହିତାଧିକାରୀ

ଗଁଦିଆ, ୯ ।୧୨(ସମିସ): ଗଁଦିଆ ବ୍ଲକରେ ବର୍ତ୍ତମାନ ବିଭିନ୍ନ ଭତ୍ତା ଆବେଦନର ପର୍ବ ଚାଲିଛି । ପ୍ରତିଦିନ ଭତ୍ତା ଆବେଦନ ନିମନ୍ତେ କମ୍ପ୍ୟୁଟର କେନ୍ଦ୍ରଗୁଡ଼ିକରେ ଲୋକଙ୍କ ଭିଡ଼ ଲାଗୁଛି । ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଆବେଦନକାରୀଙ୍କ ଭିଡ଼ ଦେଖିବାକୁ ମିଳୁଛି । ବର୍ତ୍ତମାନ ଏହି ବ୍ଲକରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ମୋଟ ୩୪୧୦ ହିତାଧିକାରୀ ଆବେଦନ କରିଛନ୍ତି । ବାର୍ଦ୍ଧକ୍ୟ ଭତ୍ତା ପାଇଁ ୨୮୧୮ ଜଣ ହିତାଧିକାରୀ ଆବେଦନ କରିଛନ୍ତି । ୨୨୭ ଜଣ ବିଧବା ଭତ୍ତା ଆବେଦନକାରୀ ରହିଛନ୍ତି । ସେହିପରି ୧୯୩ଜଣ ଭିନ୍ନକ୍ଷମ ହିତାଧିକାରୀ ଆବେଦନ କରିଛନ୍ତି । ଅବିବାହିତ ମହିଳା ୪୪ଜଣ ହିତାଧିକାରୀ ଆବେଦନ କରିଛନ୍ତି । ଛାଡ଼ପତ୍ର ପାଇଥିବା ୨୭ ମହିଳା ହିତାଧିକାରୀ ଆବେଦନ କରିଛନ୍ତି । ସେହିପରି ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ସମୁଦାୟ ୪ଶହ ୫୪ଜଣ ହିତାଧିକାରୀ ଆବେଦନ କରିଛନ୍ତି । ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଏହି ହିତାଧିକାରୀ ଅନଲାଇନରେ ଆବେଦନ କରି ଭତ୍ତା ଅପେକ୍ଷାରେ ରହିଥିବା ବ୍ଲକ କାର୍ଯ୍ୟାଳୟରୁ ଜଣାଯାଇଛି ।

## ବାରହା ଆକ୍ରମଣରେ ଜଣେ ମୃତ

କାମାକ୍ଷାନଗର, ୯ ।୧୨(ସମିସ): ବାରହା ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୋଟା ଗ୍ରାମ ଦେହୁରୀ ସାହିର ଲକ୍ଷ୍ମୀଧର ପଧାନ (୫୫) । ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀ ଧାନ କାଟି ଫେରୁଥିବା ବେଳେ ଏକ ବାର୍ହା ତାଙ୍କୁ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଥିଲା । ପାଖ ବିଲରେ ଧାନ କାଟୁଥିବା ଅନ୍ୟ ଚାଷୀ ଏ ନେଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ପରିବାର ଲୋକେ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ବହୁ ସମୟ ଧରି ବନବିଭାଗ ନ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏବେ ଧାନକଟା ଆରମ୍ଭ ହୋଇଥିବା ବେଳେ ବାରହା ଆକ୍ରମଣ ଯୋଗୁଁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ବନ ବିଭାଗ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହ ମୃତଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ମଦ ପିଇ ଯୁବକ ମୃତ୍ୟୁ ଘଟଣାର ତଦନ୍ତ




ଭୁବନ, ୯ ।୧୨(ସମିସ): ଭୁବନ କାନଖାଇସ୍ଥିତ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପିଖୋଲା ମଦ ଦୋକାନରୁ ମଦ ପିଇ ଯୁବକଙ୍କ ମୃତ୍ୟୁ ଘଟଣାର ୩ ଦିନ ପରେ ଫରେନ୍ସିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି । ଗ୍ରାମର ନୟନ ଦେହୁରୀଙ୍କ ଏକମାତ୍ର ପୁଅ ରମାକାନ୍ତ ଦେହୁରୀ ଶ୍ରମିକ ଭାବରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ରବିବାର ମଦ ପିଇ ବିଲରେ ଧାନ କାଟୁଥିବା ବେଳେ ଅସୁସ୍ଥ ହୋଇ ବିଲ ହୁଡ଼ାରେ ଶୋଇପଡ଼ିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ନରହରି ବେହେରା ଫରେନ୍ସିକ ଟିମ ଆଗରେ ପ୍ରକାଶ କରିଛନ୍ତି । ତଦନ୍ତ ସମୟରେ ବିଲ ହୁଡ଼ାରୁ ଏକ ପ୍ଲାଷ୍ଟିକ ଜରି ପ୍ୟାକେଟ ଓ ଗ୍ଲାସ ମିଳିଥିଲା । ବାକି ଥିବା ମଦ ଘର ଲୋକେ ତଦନ୍ତ ଅଧିକାରୀଙ୍କୁ ଦେଖାଇଥିଲେ ।

# ଅସ୍ୱାସ୍ଥ୍ୟକର ପରିବେଶରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପରଜଙ୍ଗ, ୯ ।୧୨(ସମିସ)






ସ୍ୱାସ୍ଥ୍ୟ ହିଁ ସମ୍ପଦ ପ୍ରଚାର ପ୍ରସାର କରାଯାଇ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବିପୁଳ ଅର୍ଥ ବ୍ୟୟବରାଦ କରାଯାଉଛି । ହେଲେ ସରକାରୀ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ । ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଏବେ ଖରାପ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇଥିବା ବେଳେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ସ୍ଥାନୀୟ ଲୋକେ ଘରୋଇ ମେଡିକାଲ ଯିବାକୁ ବାଧ ହେଉଛନ୍ତି ।

ବ୍ଲକର ୨୯ ପଞ୍ଚାୟତର ୧.୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଓ କଙ୍କଡ଼ାହାଡ଼ ବ୍ଲକର ୫ ପଞ୍ଚାୟତର ଲୋକେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ତେବେ ଆବଶ୍ୟକ ମୁତାବକ ଚିକିତ୍ସକ ବର୍ଷ ବର୍ଷ ଧରି ନିଯୁକ୍ତ ହେଉନାହାନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଶିଶୁ, ଅସ୍ଥି, ଚକ୍ଷୁ, ନାକ-କାନ-ଗଳା ବିଭାଗର ବିଶେଷଜ୍ଞ ଚିକିତ୍ସକ ନାହାନ୍ତି । ମାତ୍ର ଚାରି ଜଣ ଚିକିତ୍ସକଙ୍କୁ ନେଇ ଚିକିତ୍ସା ଚାଲିଛି । ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରବେଶ ପଥରେ ଦୀର୍ଘଦିନ ହେବ ଷ୍ଟ୍ରେଚର ପଡ଼ିରହି ଧୂଳି ଧୂସରିତ ହୋଇଗଲାଣି । ସେହିପରି ବିଭିନ୍ନ ସ୍ଥାନରେ ପାନ, ଗୁଟ୍‌ଖା ଖାଇ ଛେପ ପଡ଼ିଥିବା ବେଳେ ଦୁର୍ଗନ୍ଧରେ ଲୋକେ ଅଣନିଃଶ୍ୱାସୀ ହେଉଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ବା ସାଧାରଣ କାର୍ଯ୍ୟ ପାଇଁ ଆସୁଥିବା ଲୋକଙ୍କ ଉଦ୍ଦିଷ୍ଟ ଶୌଚାଳୟ ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ରହିଛି । ପ୍ୟାନଗୁଡ଼ିକରେ କୁଢ଼ କୁଢ଼ ପାନଛେପ ପଡ଼ିଥିବା ବେଳେ ଏହାକୁ କେବେ ସଫା କରାଯାଉନାହିଁ । ସେହିପରି ଦୀର୍ଘ ଦୁଇବର୍ଷ ହେବ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାତା ହୋଇ ଉଦଘାଟନ ହୋଇଥିଲା ବେଳେ ଆଜିପର୍ଯ୍ୟନ୍ତ ମାତୃ କକ୍ଷ, ଅସ୍ତ୍ରୋପଚାର କକ୍ଷ କାର୍ଯ୍ୟକ୍ଷମ ହୋଇନାହିଁ । ଫଳରେ ରୋଗୀମାନେ

### ବିଶେଷଜ୍ଞ ନ ଥିବାରୁ ଘରୋଇ ମେଡିକାଲ ଯାଉଛନ୍ତି ଲୋକେ

ହଇରାଣ ହେଉଛନ୍ତି । ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଶବ ସଂରକ୍ଷିତ ରଖିବାକୁ କୌଣସି ସୁବ୍ୟବସ୍ଥା ନ ଥିବାରୁ ମୃତଦେହକୁ ବାହାରେ ପରିବାର ଲୋକେ ଜଗି ରହିଥାନ୍ତି । ଏଥିପ୍ରତି ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୭୫ ● ପାଉଣ୍ଡ ୧୨୦.୭୮
- ୟୁରୋ ୧୦୪.୭୫ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୫୬୦ (ନୂଆଦିଲ୍ଲୀ)
- ରୁପା : ୧,୮୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୬୬୬.୦୦
- ନିଫ୍ଟି ୨୫,୮୩୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନବୀନ ସରକାରରେ ସ୍କୁଲ୍‌ରେ ଡ୍ରପ୍‌ଆଉଟ୍ ହାର କମ୍

ଭୁବନେଶ୍ୱର, ୯।୧୨(ସମିସ): ବିଭିନ୍ନ କାରଣରୁ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବର୍ଷ ଅନୁଯାୟୀ ବଢ଼ିବାରେ ଲାଗିଛି। ତେବେ ଏ କ୍ଷେତ୍ରରେ ଦେଶ ତୁଳନାରେ ରାଜ୍ୟର ସ୍ଥିତି ବେଶ ଭଲ ରହିଛି। ବିଶେଷ କରି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅଧାରୁ ପାଠ ଛାଡୁଥିବା ବା ଡ୍ରପ୍ ଆଉଟ୍ ପିଲାଙ୍କ ସ୍ଥିତି ଦେଖିଲେ ଓଡ଼ିଶାରେ ଏହି ହାର ଜାତୀୟ ହାରଠାରୁ ବହୁତ କମ୍ ରହିଛି। ଏହାର ଶ୍ରେୟ ପୂର୍ବରୁ ନବୀନ୍ ସରକାରଙ୍କୁ ଯାଉଛି। ଯଦି ଆମେ ଗତ ୫ବର୍ଷର ତଥ୍ୟକୁ ଦେଖିବା ତେବେ ଏହି ସମୟ ମଧ୍ୟରେ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ପାଖାପାଖି ୮ ପ୍ରତିଶତ ରହିଛି। ୨୦୧୮-୧୯ ଆର୍ଥିକବର୍ଷରେ ଓଡ଼ିଶାରେ ପ୍ରଥମିକ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ମାତ୍ର ୩.୪ ପ୍ରତିଶତ ରହିଥିବାବେଳେ ୨୦୧୮-୧୯ ଆର୍ଥିକବର୍ଷରେ ଏହି ହାର ଶୂନ୍ ରହିଥିବା ରାଜ୍ୟରେ ବିଦ୍ୟାଳୟ ଓ ଶିକ୍ଷା ଉପରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି।




ଭୁବନେଶ୍ୱରସ୍ଥିତ ଏଜିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ଅତୂଲ ପ୍ରକାଶ ଏହି ରିପୋର୍ଟ ଉନ୍ମୋଚନ କରି କହିଛନ୍ତି ଯେ, ୟୁଡି ଆଇଏସ୍‌ର+ ଅନୁଯାୟୀ, ଅଧାରୁ ପାଠପଢ଼ା ଛାଡୁଥିବା ହାର ହେଉଛି ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ବର୍ଷରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ନାମ ଲେଖାଇଥିବା ଗୋଷ୍ଠୀର ଛାତ୍ରଛାତ୍ରୀଙ୍କ ଅନୁପାତ, ଯେଉଁମାନେ ପରବର୍ତ୍ତୀ ବିଦ୍ୟାଳୟବର୍ଷରେ ଆଉ କୌଣସି ଗ୍ରେଡ୍‌ରେ ନାମ ଲେଖାଇନାହାଁନ୍ତି। ଶିକ୍ଷାର ବିଭିନ୍ନ ସ୍ତର ପାଇଁ ସର୍ବଭାରତୀୟ ସ୍ତର ତୁଳନାରେ ରାଜ୍ୟ ସ୍ତରରେ ଅଧାରୁ ପାଠ ଛାଡ଼ି ଥିବା ହାର। ପ୍ରାଥମିକ ସ୍ତରରେ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ୨୦୧୮-୧୯ରେ ୪.୫ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୩.୪ ପ୍ରତିଶତ ରହିଛି। ସେହିପରି ୨୦୧୮-୧୯ ଆର୍ଥିକବର୍ଷରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ସର୍ବଭାରତୀୟ ସ୍ତରରେ ଏହା ୭.୮ ପ୍ରତିଶତ ରହିଥିବାବେଳେ ରାଜ୍ୟରେ ଏହା ଦେଶରେ ସବୁଠାରୁ ଭଲ ଶୂନ୍ ପ୍ରତିଶତ ରହିଛି।

**ସିଏଜି ରିପୋର୍ଟ**

**ଜାତୀୟ ହାର ତୁଳନାରେ ଓଡ଼ିଶାର ଡ୍ରପ୍ ଆଉଟ୍ ହାର ନଗଣ୍ୟ**

**ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଉନ୍ନତ ସ୍ଥିତିରେ ଓଡ଼ିଶା**

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟାମାନଙ୍କ ମଧ୍ୟରେ ଉପ ମହାଲେଖାକାର ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଉପ ମହାଲେଖାକାର ଭୀମଲେଶ କୁମାର ,ଉପ ମହାଲେଖାକାର ସଞ୍ଜୟ କୁମାର, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା ଏବଂ ବିଚିତ୍ରା ନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭିଡା ଇଭୋଟର ଭିଏକ୍ସ ୨ 'ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ଅଫ୍ ଦ ଇୟର ୨୦୨୫'

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ହିରୋମୋଟୋ କର୍ପ ଏକ ନୂତନ 'ଇଭୋଟର' ବଜାରକୁ ଛାଡିଛି। ଏହାର ନାମ ' ଭିଡା ଇଭୋଟର ଭିଏକ୍ସ୨'। 'ଭିଡା ଇଭୋଟର ଭିଏକ୍ସ୨' ଇତିମଧ୍ୟରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ଏହି ଇଭିକୁ 'ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ଅଫ୍ ଦ ଇୟର ୨୦୨୫' ପୁରସ୍କାର ମିଳିଛି। ଭିଡା ଇଭୋଟର ଭିଏକ୍ସ୨ର ଏହି ସଫଳତା ହାସଲ କରି ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ପ୍ରଦର୍ଶନ ଦୃଷ୍ଟିରୁ ଏହି ଗାଡ଼ି ଯେମିତି ଶକ୍ତିଶାଳୀ ଲୁକ୍‌ରୁ ସେମିତି ଆକର୍ଷଣୀୟ। ଏହି ସ୍କୁଟରକୁ ଗ୍ରାହକଙ୍କ ଆଉ ଭଲ ରେସପନ୍ସ ମିଳିଛି। ଏହି ପୁରସ୍କାର ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି, ଆମେ କେବଳ ଏକ ଟ୍ରଫି ଜିତିନାହୁଁ, ଆମେ ବଜାର ମାନ୍ୟକରଣ ମଧ୍ୟ ଜିତିଛୁ। ଏବେ ଗାଡ଼ି ବିକ୍ରି କ୍ଷେତ୍ରରେ ଏହି ସଫଳତା ହାସଲ କରିବୁ ଏବେ ସମୟ ଆସିଛି ଏହି ପୁରସ୍କାରର ଲାଭ ସର୍ବାଧିକ ବଜାରରେ ଏବଂ ରିଟେଲ ବଜାରରେ ପହଞ୍ଚାଇବା।




**୨୨୮ କୋଟିର ବ୍ୟାଙ୍କିଙ୍ଗ ଦୁର୍ନୀତି ଅଭିଯୋଗ**

# ଅନୀଲଙ୍କ ଅମ୍ବାନୀଙ୍କ ପୁଅ ନାମରେ ମାମଲା ରୁଜୁ କଲା ସିବିଆଇ

ନୂଆଦିଲ୍ଲୀ ,୯।୧୨(ଏଜେନ୍ସି): ଶିଳ୍ପପତି ଅନିଲ ଅମ୍ବାନୀଙ୍କ ପରେ ଏବେ ପୁଅ ଜୟ ଅନମୋଲ ଅମ୍ବାନୀଙ୍କ ବିରୋଧରେ ୨୨୮ କୋଟି ଟଙ୍କାର ବ୍ୟାଙ୍କିଙ୍ଗ ଦୁର୍ନୀତି ମାମଲାରେ ସାମ୍ନାକୁ ଆସିଛି। ସିବିଆଇ ରିଲାଏନ୍ସ ହାଉସିଂ ଫାଇନାନ୍ସ ଲିମିଟେଡ (ଆର୍‌ଏଚ୍‌ଏଫ୍‌ଏଲ୍) ସମ୍ପର୍କିତ ଏକ ମାମଲାରେ ଅପରାଧିକ ମାମଲା ରୁଜୁ କରିଛି। ଅନିଲ ଅମ୍ବାନୀଙ୍କ ପୁଅଙ୍କ ନାମରେ ଏତଲା ହେବା ଏହା ପ୍ରଥମ ଘଟଣା। ଅଭିଯୋଗରେ ଆରୋପ ଲଗାଯାଇଛି ଯେ କମ୍ପାନୀ ଦ୍ୱାରା କରାଯାଇଥିବା ଅନିୟମିତତା କାରଣରୁ ବ୍ୟାଙ୍କକୁ ୨୨୮.୦୬ କୋଟି ଟଙ୍କାର କ୍ଷତି ହୋଇଛି।

ସିବିଆଇ ଅନୁସାରେ ଏହି ମାମଲା ଆର୍‌ଏଚ୍‌ଏଫ୍‌ଏଲ୍ , ଏହାର ପୂର୍ବତନ ସିଇଓ ତଥା ପୂର୍ଣ୍ଣକାଳ ନିର୍ଦ୍ଦେଶକ ରବିନ୍ଦ୍ର ସୁଧାଲକର, ଜୟ ଅନମୋଲ ଅମ୍ବାନୀ ଓ ଅନ୍ୟ ଅଜ୍ଞାତ ଲୋକଙ୍କ ବିରୋଧରେ ରୁଜୁ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ ଏମାନଙ୍କ ବିରୋଧରେ ଠକେଇ ଓ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ରହିଛି। ଋଣ ଦିଆଯିବା ଓ ଅସୁଲି ସମ୍ପର୍କିତ ଅନିୟମିତତା ଯୋଗୁ ବ୍ୟାଙ୍କକୁ ବଡ଼ ଧରଣର ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗରେ କୁହାଯାଇଛି। ସିବିଆଇରେ ହୋଇଥିବା ଲିଖିତ ଅଭିଯୋଗରେ କୁହାଯାଇଛି ଯେ ଜୟ ଅନମୋଲ ଅମ୍ବାନୀ ଓ ରବିନ୍ଦ୍ର ସୁଧାଲକରଙ୍କ ସହିତ ଅନ୍ୟ ଲୋକେ ନେଇଥିବା ଭୁଲ ନିଷ୍ପତ୍ତି ଯୋଗୁ ଭୁଲ ଲୋକଙ୍କୁ ଲାଭାନ୍ୱିତ କରାଯାଇଛି ଏବଂ ଏଥିଯୋଗୁ ବ୍ୟାଙ୍କର କ୍ଷତି ହୋଇଛି। ଅଭିଯୋଗରେ ଏହା ମଧ୍ୟ କୁହାଯାଇଛି ଯେ କମ୍ପାନୀର ଅନ୍ତରୀଣ ନିୟମକୁ ଟାଳି ଋଣ ଦେବା ଓ ପୈଠ କରିବାରେ ଗଡବଡ଼ କରାଯାଇଛି। ତେବେ ଅନିଲ ଅମ୍ବାନୀ ସମୂହ ପକ୍ଷରୁ ଏପର୍ଯ୍ୟନ୍ତ ମାମଲାରେ ବିସ୍ତୃତ ସାର୍ବଜନିକ ବୟାନ ଜାରି କରାଯାଇନାହିଁ। ତେବେ ଆଶା କରାଯାଉଛି ସମୂହ ଖୁବ୍ ଶୀଘ୍ର ନିଜର ଅଧିକାରୀକ ପ୍ରତିକ୍ରିୟା ଜାରି କରିପାରେ।

# ଲାଇସେନ୍ସିଂ ସହଭାଗିତା ବଢ଼ାଇଲା ବ୍ଲାପଙ୍କ୍‌ଟ କାର ଇନଫୋଟେନମେଣ୍ଟ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): କାର ଇନଫୋଟେନମେଣ୍ଟ ଓ ଅଡିଓ ଆସେସୋରିଜ କ୍ଷେତ୍ରରେ ବିଶ୍ୱସ୍ତରରେ ଭରସାଯୋଗ୍ୟ ନାମ ବ୍ଲାପଙ୍କ୍‌ଟ ବିପିଆଇଏନ୍ ପ୍ରାଇଭେଟ ଲିମିଟେଡ ସହିତ ତାହାର ଦୀର୍ଘକାଳୀନ ଲାଇସେନ୍ସିଂ ସହଭାଗିତାକୁ ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ଘୋଷଣା କରିଛି। ଏହି ରଣକୌଶଳାତ୍ମକ ନବୀକରଣ ନବସୃଜନ, ବିଶ୍ୱାସ ଏବଂ ଭାରତୀୟ ଗ୍ରାହକଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବିଶ୍ୱ ଶ୍ରେଣୀର ଅଟୋମୋଟିଭ ସମାଧାନଗୁଡିକ ଯୋଗାଇଦେବାକୁ ସହଭାଗୀ ଲକ୍ଷ୍ୟ ଉପରେ ନିର୍ମିତ ୨୭ବର୍ଷର ସହଯୋଗୀତାକୁ ଜାରି ରଖିବା ବିଷୟ ଆଧାରିତ ହୋଇଛି। ଏହି ନବୀକୃତ ରାଜିନାମା ଭାରତର ଦ୍ରୁତ ପରିବର୍ତ୍ତନଶୀଳ ଅଟୋମୋଟିଭ ପରିବ୍ୟବସ୍ଥା ପ୍ରତି ବ୍ଲାପଙ୍କ୍‌ଟର ପ୍ରତିବଦ୍ଧତାକୁ ପୁନଃଦୃଢ଼ୀକରଣ କରୁଛି ଏବଂ ଏକ ପ୍ରମୁଖ ଅଭିବୃଦ୍ଧି ସହଭାଗୀ ଭାବରେ ବିପିଆଇଏନ୍‌ର ଭୂମିକା ସମ୍ପର୍କରେ ଉଲ୍ଲେଖ କରୁଛି। ଉଭୟ କାର ଅଡିଓ ଏବଂ କାର ଆସେସୋରିଜକୁ ପରିସରଭୁକ୍ତ କରୁଥିବା ଏହି ସହଭାଗୀତା ଉତ୍ପାଦର ଉପଲବ୍ଧତାରେ ବୃଦ୍ଧି ଘଟାଇବା ଏବଂ ଉଚ୍ଚ ପ୍ରଦର୍ଶନକାରୀ ଇନଫୋଟେନମେଣ୍ଟ ବ୍ୟବସ୍ଥାଗୁଡିକର ବର୍ଦ୍ଧିତ ଚାହିଦା ପୂରଣ କରିବା ନିମନ୍ତେ ଓଇଏମ୍‌ସମୂହ ଏବଂ ପରବର୍ତ୍ତୀବଜାର ସହିତ ଗଭୀର ସହଯୋଗିତାକୁ ଆଗେଇନେବାର ଲକ୍ଷ୍ୟ ରଖୁଛି।

# ଶସ୍ତା ଚାଉଳ ନେଇ ଭାରତ ଉପରେ ଟ୍ରମ୍ପ କ୍ଷୁବ୍ଧ

**ଚାଉଳ ଆମଦାନୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଧମକ**

ୱାଶିଂଟନ୍, ୯।୧୨(ଏଜେନ୍ସି): ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଭାରତରୁ ଆସୁଥିବା ଚାଉଳ ଏବଂ କାନାଡାରୁ ଆସୁଥିବା ସାର ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ବିଚାର କରୁଛି। ସେ କହିଛନ୍ତି ଯେ ଅନ୍ୟ ଦେଶରୁ ଆସୁଥିବା ଶସ୍ତା ସାମଗ୍ରୀ ଆମେରିକୀୟ ଚାଷୀଙ୍କ କ୍ଷତି କରୁଛି। ସୋମବାର ହ୍ୱାଇଟ୍ ହାଉସରେ କୃଷକମାନଙ୍କ ପାଇଁ ନୂତନ ଆର୍ଥିକ ସହାୟତା ଘୋଷଣା କରିବା ସମୟରେ ଟ୍ରମ୍ପ ଏହି ବିବୃତ୍ତି ଦେଇଥିଲେ। ଟ୍ରମ୍ପ କହିଛନ୍ତି ଯେ ଭାରତ, ଭିଏତନାମ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ଆମେରିକାକୁ ବହୁତ ଶସ୍ତା ଚାଉଳ ବିକ୍ରି କରୁଛନ୍ତି, ଯାହା ଫଳରେ ଏଠାକାର ଚାଷୀଙ୍କ ଆୟ ହ୍ରାସ ପାଉଛି। ସେ ଏହାକୁ "ଡମ୍ପିଂ" ବୋଲି କହିଥିଲେ ଏବଂ କହିଥିଲେ ଯେ ଏହା ହେବା ଉଚିତ୍ ନୁହେଁ। ଟ୍ରମ୍ପ ତାଙ୍କ ଅର୍ଥମନ୍ତ୍ରୀ ସ୍କଟ ବେସାଣ୍ଟଙ୍କୁ ପଚାରିଥିଲେ ଯେ ଭାରତ ଚାଉଳ ଉପରେ କୌଣସି ଛାଡ଼ ପାଇଛି କି? ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଚାଲିଛି।

ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ ଆବଶ୍ୟକ ହେଲେ, ଆମେରିକା କାନାଡାରୁ ଆସୁଥିବା ସାର ଉପରେ କଠୋର ଶୁଳ୍କ ଲାଗୁ କରିପାରିବ। ସେ କହିଛନ୍ତି ଯେ କାନାଡାରୁ ବହୁତ ସାର ଆସୁଛି। ଯଦି ଏହା ଅତ୍ୟଧିକ ଶସ୍ତା ହୋଇଯାଏ, ତେବେ ଆମେ ଏହା ଉପରେ କଠୋର ଶୁଳ୍କ ଲାଗୁ କରିବୁ। କାନାଡା ଆମେରିକାକୁ ସର୍ବାଧିକ ପରିମାଣରେ ପୋଟାସ୍ ସାର ଯୋଗାଇଥାଏ। ଏପର୍ଯ୍ୟନ୍ତ, ଏହା ବାଣିଜ୍ୟ ଚୁକ୍ତିନାମା ଦ୍ୱାରା ସୁରକ୍ଷିତ ରହିଛି। ଆମେରିକାରେ ମୁଦ୍ରାସ୍ଫୀତି ଏବଂ ମୂଲ୍ୟବୃଦ୍ଧି ଯୋଗୁଁ ଟ୍ରମ୍ପ ବର୍ଦ୍ଧିତ ଚାପର ସମ୍ମୁଖୀନ ହେଉଛନ୍ତି। ଚାଷୀମାନେ ମଧ୍ୟ ବର୍ଦ୍ଧିତ ମୂଲ୍ୟର ସମ୍ମୁଖୀନ ହେଉଛନ୍ତି। ସାର ଉପରେ ଏକ ନୂତନ ଶୁଳ୍କ ସେମାନଙ୍କ ସମସ୍ୟାକୁ ଆହୁରି ଖରାପ କରିପାରେ। ଆମେରିକା ସେମାନଙ୍କ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ତାଲିକାରେ ପୋଟାସ୍ ଏବଂ ଫସଫେଟ୍ ଯୋଡିଛି, କିନ୍ତୁ ଚାଷୀମାନେ ଏବେ ବି ଏହାକୁ ନେଇ ଚିନ୍ତିତ। ଟ୍ରମ୍ପ ମେକ୍ସିକୋ ଉପରେ ଅତିରିକ୍ତ ୫% ଶୁଳ୍କ ଲାଗୁ କରିବାକୁ ଧମକ ମଧ୍ୟ ଦେଇଥିଲେ, ଏହା ଆମେରିକାକୁ ଚୁକ୍ତି ଅନୁଯାୟୀ ପାଣି ଯୋଗାଇ ନ ଥିବା ଅଭିଯୋଗ କରିଥିଲେ। ଏହି ଚୁକ୍ତିନାମା ପ୍ରାୟ ୮୦ ବର୍ଷ ପୁରୁଣା, କିନ୍ତୁ ଆମେରିକା ଦୀର୍ଘ ସମୟ ଧରି ମେକ୍ସିକୋକୁ ଏହାର ଅନୁପାଳନ କରୁ ନ ଥିବା ଅଭିଯୋଗ କରିଆସୁଛି।



# ଟଙ୍କା ମୂଲ୍ୟରେ ୧୭ ପଇସା ବୃଦ୍ଧି

ମୁମ୍ବାଇ ୯ ।୧୨(ଏଜେନ୍ସି): ଘରୋଇ ମୁଦ୍ରା ଟଙ୍କା ମୂଲ୍ୟରେ ହ୍ରାସ କେବଳ ବିଦେଶୀ ନିବେଶକଙ୍କ ପ୍ରତ୍ୟାହାର ପାଇଁ ନୁହେଁ ବରଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୋଗୁ ହୋଇଛି। ଏଥିପାଇଁ ଟଙ୍କା ଏତେ କ୍ଷତିର ସମ୍ମୁଖୀନ ହେଉଛି। ଏକ ସମୟରେ ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୮୩ ଟଙ୍କା ସ୍ତରରେ ରହିଥିଲା। ଯାହା ଟ୍ରମ୍ପ୍‌ଙ୍କ ଟାରିଫ୍ ପାଇଁ ୯୦ ଟଙ୍କା ଉପରକୁ ଚାଲିଯାଇଛି। ମଙ୍ଗଳବାର ସକାଳେ ଟ୍ରମ୍ପ୍ ଭାରତକୁ ଟାରିଫ୍ ଧମକ ଦେଇଛନ୍ତି। ଏଥର ଟ୍ରମ୍ପଙ୍କ ଟାର୍ଗେଟ୍ ପାଲଟିଛି ଭାରତର ବାସମତୀ ଚାଉଳ ଏଣୁ ପ୍ରାରମ୍ଭିକ ଅଧିବେଶନରେ ଡଲାର ତୁଳନାରେ ଟଙ୍କା କ୍ଷତିରେ ପଡିଥିଲା। ହେଲେ ବଜାର ବନ୍ଦ ହେବା ବେଳକୁ ଅଚାନକ ଏପରି କିଛି ହୋଇଛି ଯାହାକୁ ବିଶ୍ୱାସ ବି କରି ହେଉନି।

ମଙ୍ଗଳବାର ସକାଳେ କାରବାର ଆରମ୍ଭ କାଳରେ ଟଙ୍କା ୧୦ ପଇସା ହ୍ରାସର ସମ୍ମୁଖୀନ ହୋଇଥିଲା, ହେଲେ କାରବାର ବନ୍ଦ ବେଳକୁ ଏଥିରେ ୧୭ ପଇସା ଅଭିବୃଦ୍ଧି ଦେଖା ଯାଇଛି। ଫଳରେ ଟ୍ରମ୍ପଙ୍କ ଟାରିଫକୁ ଜବାବ ମିଳିଯାଇଛି। ଏଣୁ ଟଙ୍କା ତୁଳନାରେ ଡଲାର ମୂଲ୍ୟ ୯୦ ଟଙ୍କାରୁ ତଳକୁ ଖସି ମଜଭୁତ ହୋଇଛି। ବିଶେଷଜ୍ଞଙ୍କ ଅନୁସାରେ ମଙ୍ଗଳବାର ଫେଡେରାଲ ରିଜର୍ଭର ବୈଠକ ଆରମ୍ଭ ହୋଇଛି। ଏଥିରେ ୨୫ ବେସିସ ପଏଣ୍ଟ ପଲିସି ରେଟ କଟ୍ ହୋଇପାରେ। ଯାହାର ସମର୍ଥନ ମୁଦ୍ରା ବିନିମୟ ବଜାରରେ ଟଙ୍କାକୁ ମିଳିଛି। ମଙ୍ଗଳବାର ଆମେରିକା ଡଲାର ଓ ଅଶୋଧିତ ତୈଳ ନିଜର ହାଇଲେବୁଲରୁ ତଳକୁ ଖସିଛନ୍ତି। ଏଣୁ ଟଙ୍କା କାରବାର ଆରମ୍ଭରେ ସମ୍ମୁଖୀନ ହୋଇଥିବା ହ୍ରାସରୁ ଉପରକୁ ଉଠି ୧୭ ପଇସା ବୃଦ୍ଧି ହାସଲ କରିଛି। ଏଣୁ ଡଲାରର ଚୂଡ଼ାନ୍ତ ମୂଲ୍ୟ ୮୯.୮୮ ପଇସାରେ ବନ୍ଦ ହୋଇଛି।

# ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'

ନୂଆଦିଲ୍ଲୀ, ୯।୧୨ : ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର›ରେ ସମ୍ମାନିତ କରାଯାଇଛି। ବନତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଅନନ୍ତ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ସହିତ, ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସର ଏବଂ ପ୍ରଥମ ଏସୀୟ ହୋଇଛନ୍ତି। ପୂର୍ବରୁ, ଏହି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ହଲିଉଡ୍ ସେଲିବ୍ରିଟି ଓ ବିଶ୍ୱ ନେତାଙ୍କୁ ପ୍ରଦାନ କରାଯାଇଛି। ଏହି ସମ୍ମାନ ସହିତ, ବନତାରାର ଉଲ୍ଲେଖନୀୟ କାର୍ଯ୍ୟ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାରେ ଆସିଛି। ବନତାରା ଆଜି ବିଶ୍ୱର ସବୁଠାରୁ ଅନନ୍ୟ ଏବଂ ବୃହତ୍ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହା ଆହତ, ଅସୁସ୍ଥ ଏବଂ ସଂକଟରେ ପଡିଥିବା ପ୍ରାଣୀମାନଙ୍କୁ ନୂତନ ଜୀବନ ଦେବା ସହିତ ବିଲୁପ୍ତ ହେଉଥିବା ପ୍ରଜାତିଗୁଡ଼ିକୁ ବଞ୍ଚାଇବା ଏବଂ ସେମାନଙ୍କୁ ସୁରକ୍ଷିତ ପରିବେଶରେ ଫେରାଇ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ପୁରସ୍କାର ଗ୍ରହଣ କରି ଅନନ୍ତ ଅମ୍ବାନୀ କହିଛନ୍ତି, ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ଅର୍ଥାତ୍ ସମସ୍ତ ଜୀବଜନ୍ତୁଙ୍କ ମଙ୍ଗଳ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି।



# ଭାରତରେ ୧.୫ ଲକ୍ଷ କୋଟି ନିବେଶ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ମାଇକ୍ରୋସଫ୍ଟ ଭାରତରେ ୧.୫ ଲକ୍ଷ କୋଟି ଟଙ୍କା ନିବେଶ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବୈଠକ ପରେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏହି ସଚନା ଦେଇଛନ୍ତି। ନାଡେଲା କହିଛନ୍ତି ଯେ ଏହା ଏସିଆରେ କମ୍ପାନୀର ବର୍ତ୍ତମାନ ମାନ ପର୍ଯ୍ୟନ୍ତ ଯାଏ ସବୁଠୁ ବଡ଼ ନିବେଶ ହେବ। ସତ୍ୟ ନାଡେଲାଙ୍କ ଏହି ଘୋଷଣା ଭାରତର ଏଆଇ ସ୍ୱପ୍ନକୁ ନୂଆ ଗତି ଦେବ।

ମାଇକ୍ରୋସଫ୍ଟ ପକ୍ଷରୁ ଏକ ବିବୃତିରେ କହିଛି ଯେ, ଆଜି ଆମେ ଏସିଆରେ ଆମ ସର୍ବବୃହତ ନିବେଶ ନେଇ ଘୋଷଣା କରୁଛୁ। ୨୦୨୬-୨୦୨୯ ମଧ୍ୟରେ ୪ ବର୍ଷରେ ୧୭.୫ ବିଲିୟନ ଡଲାର ନିବେଶ କରାଯିବ। ଦେଶର କ୍ଲାଉଡ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ଭିତ୍ତିଭୂମି ଏବଂ ବର୍ତ୍ତମାନର ପରିଚାଳନାକୁ ଅଧିକ ମଜଭୁତ କରାଯିବ। ଏହି ବୈଠକରେ ଦୁହେଁ ଦେଶର ଏଆଇ ରୋଡମ୍ୟାପ୍ ଓ ବିକାଶ ପରି ମୁଖ୍ୟ ଏଜେଣ୍ଡା ଉପରେ ଆଲୋଚନା କରିଥିଲେ। ମାଇକ୍ରୋସଫ୍ଟ କହିଛି ଯେ କମ୍ପାନୀ ନିବେଶର ଭାରତର ତିନି ପ୍ରମୁଖ ସ୍ତମ୍ଭ ବୃଦ୍ଧି, ଦକ୍ଷତା, ସାର୍ବଭୌମତ୍ୱ ଉପରେ ଗୁରୁତ୍ୱ ଦେଉଛି। ବର୍ଷ ଆରମ୍ଭରେ ଭାରତ ଗସ୍ତ ସମୟରେ ନାଡେଲା କହିଥିଲେ ଯେ କମ୍ପାନୀ ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତରେ କ୍ଲାଉଡ୍ ଏବଂ ଏଆଇ ଭିତ୍ତିଭୂମି ଏବଂ ଦକ୍ଷତା କ୍ଷେତ୍ରରେ ୩ ବିଲିୟନ ଡଲାର ନିବେଶ କରିବାକୁ ଯୋଜନା ରଖିଛି। ଏଥରେ ନୂତନ ଡାଟାସେଣ୍ଟର ପ୍ରତିଷ୍ଠା ନେଇ ମଧ୍ୟ ଘୋଷଣା କରିଥିଲେ।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତାକୁ ସ୍ୱୀକୃତି

ଭୁବନେଶ୍ୱର, ୯।୧୨(ସମିସ): ବେଦାନ୍ତ ଆଲୁମିନିୟମ ଶିକ୍ଷା ଏବଂ ଯୁବ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିଛି। ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ (ବିଡିଓ) ଅନିମେଶ ପ୍ରଧାନ (ଆଇଏଏସ୍) ଯୋଗ ଦେଇଥିଲେ। ଛାତ୍ରବୃତ୍ତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦% ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଶିକ୍ଷା ହେଉଛି ଏକ ପ୍ରଗତିଶୀଳ ସମାଜ ପାଇଁ ସବୁଠାରୁ ଶକ୍ତିଶାଳୀ ମୂଳଦୁଆ। ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଛାତ୍ରଛାତ୍ରୀମାନେ କଳାହାଣ୍ଡି କ୍ଷେତ୍ରର ଭବିଷ୍ୟତକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଯାତ୍ରାର ଅଂଶବିଶେଷ ହୋଇଥିବାରୁ ଆମେ ଗର୍ବିତ।




**ଲୋକୋ ପାଇଲଟ୍‌ଙ୍କ ଚେତାବନୀ**

# ରେଳବାଇରେ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିପାରେ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ନିକଟରେ ଇଣ୍ଡିଗୋ ଏୟାର ଲାଇନ୍ସରେ ଉପୁଜିଥିବା ସଙ୍କଟ କେବଳ ଏଭିଏସନ ନୁହେଁ ଇଣ୍ଡିଆନ ରେଲୱେର ଲୋକୋ ପାଇଲଟ୍‌ଙ୍କୁ ମଧ୍ୟ ସେମାନେ ଦୀର୍ଘ ସମୟରୁ ଭୋଗିଆସୁଥିବା ସମସ୍ୟା ଦୋହରାଇବାକୁ ସୁଯୋଗ ଦେଇଛି। ଏୟାରଲାଇନ ପାଇଲଟ୍‌ଙ୍କ ନିମନ୍ତେ ଲାଗୁ କରାଯାଇଥିବା ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମକୁ ରେଳବାଇରେ ମଧ୍ୟ ଲାଗୁ କରାଯାଉ ବୋଲି ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି। ଆସୋସିଏସନ କହିଛି ଯେ ଲୋକୋ ପାଇଲଟ୍‌ଙ୍କ ଉପରେ ବଢୁଥିବା ଡ୍ୟୁଟି ଚାପ ଦେଶରେ ରେଳ ଦୁର୍ଘଟଣାର ବିପଦ ବଢାଉଛି।

ସଂଘ କହିଛି ଯେ ଏ ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରେଳବାଇରେ ମଧ୍ୟ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିପାରେ। ଭାରତୀୟ ରେଳରେ ପେଣ୍ଡିଂ ଲୋକୋ ପାଇଲଟ୍‌ଙ୍କ ନିଯୁକ୍ତି ଓ ଶ୍ରମ ସଂସ୍କାରରେ ବିଳମ୍ବ କାରଣରୁ ଦୀର୍ଘ ସମୟ ହେଲା ଲୋକୋ ପାଇଲଟ ଅସନ୍ତୁଷ୍ଟ ଅଛନ୍ତି। ଏଣୁ ସେମାନେ ଇଣ୍ଡିଗୋ ଏୟାରଲାଇନ୍ସ ସଂକଟରୁ ଶିକ୍ଷା ନେବା ପାଇଁ ରେଳବାଇ ପ୍ରଶାସନଙ୍କୁ ଚେତାଇ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଆକାଶରେ ହେଉ କି ରେଳ ଧାରଣା ରେ ଥକିଯାଇଥିବା କ୍ରୁ ଯାତ୍ରୀ ସୁରକ୍ଷାକୁ ବିପଦରେ ପକାଇ ପାରନ୍ତି। ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ ରେଳବାଇକୁ ଦେଇଥିବା ଦାବି ପତ୍ରରେ କହିଛି ଯେ ଦୀର୍ଘ ସମୟରୁ ଲମ୍ବିତ କ୍ରୁ ପ୍ରବନ୍ଧନରେ ସଂସ୍କାର, ଅଣ ବୈଜ୍ଞାନିକ ରୋଷ୍ଟର ଓ ଥକାଇ ଦେଉଥିବା ଡ୍ୟୁଟି ନା କେବଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ବରଂ ସୁରକ୍ଷା ମାନକଗୁଡିକୁ ମଧ୍ୟ ଦୁର୍ବଳ କରୁଛି।

**ବିମାନ ପାଇଲଟ୍‌ଙ୍କ ଭଳି ରେଳବାଇରେ ଲାଗୁ ହେଉ ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମ**



ସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ପି.ଏନ.ସୋମନ ଗଣମାଧ୍ୟମ ସହ ଆଲୋଚନାରେ କହିଛନ୍ତି ଯେ ରେଳବାଇକୁ ଏଭିଏସନ ସଙ୍କଟରୁ ଶିକ୍ଷା ନେବା ଦରକାର। ସେ କହିଛନ୍ତି ଯେ ଏଭିଏସନ କ୍ଷେତ୍ର ତୁଳନାରେ ଟେକ୍ନୋଲୋଜି ଦୃଷ୍ଟିରୁ ରେଳବାଇ ବହୁତ ପଛରେ, ହେଲେ ରେଳବାଇ ଦୈନିକ ଲକ୍ଷଲକ୍ଷ ଯାତ୍ରୀଙ୍କୁ ପରିବହନ ସେବା ଯୋଗାଇ ଦେଉଛି। ଏଥିରେ ଲୋକୋ ପାଇଲଟ୍‌ଙ୍କ ସତର୍କତା ଅତ୍ୟନ୍ତ ଜରୁରି। ଭାରତୀୟରେଳରେ ସ୍ୱୀକୃତି ଲୋକୋ ପାଇଲଟ୍‌ଙ୍କ ସଂଖ୍ୟା ୧.୪୭ ଲକ୍ଷ। ହେଲେ ବର୍ତ୍ତମାନ ୧.୧୫ ଲକ୍ଷ ଲୋକୋ ପାଇଲଟ ଏହି କାମ ତୁଲାଉଛନ୍ତି। ଅର୍ଥାତ ୩୦ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ତେବେ ରେଳବାଇ ନିକଟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ତେବେ ଏହା ପୂରଣ ହେବାକୁ ବେଶ୍ ସମୟ ଲାଗିବ ବୋଲି କୁହାଯାଉଛି।



## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଲୋକ ସମ୍ପର୍କ ବୃଦ୍ଧିପାଇବ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଖର୍ଚ୍ଚ ବଢ଼ିପାରେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରନ୍ତୁ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାନ ଧର୍ମ କରିବେ।

## ଆଜିର ଇତିହାସ

- ୧୮୭୮ - ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଜନ୍ମ।
- ୧୮୯୮ - ପ୍ୟାରିସ୍ ସନ୍ଧି ପରେ ସ୍ପେନ୍-ଆମେରିକା ଯୁଦ୍ଧ ସମାପ୍ତ ହୋଇଥିଲା।
- ୧୯୦୨- ତାସ୍‌ମାନିଆରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୫୦-ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ଘୋଷିତ।
- ୧୯୯୨-ଦେଶର ପ୍ରଥମ ହୋବରକ୍ରାଫ୍ଟ ସେବା ଗୁଜରାଟରେ ଆରମ୍ଭ ହେଲା।
- ୨୦୦୧-ଭାରତୀୟ ଅଭିନେତା ଅଶୋକ କୁମାରଙ୍କ ନିଧନ।

## ମାନବାଧିକାର ଦିବସ



ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ଭାବେ ପାଳନ ହୋଇ ଆସୁଛି । ପ୍ରତ୍ୟେକ ମଣିଷ କିଛି ଅଧିକାର ନେଇ ଏସଂସାରରେ ଜନ୍ମଲାଭ କରିଥାଏ। ତାହାହିଁ ପ୍ରକୃତରେ ତାର ଜନ୍ମଗତ ବା ମାନବିକ ଅଧିକାର। ବ୍ୟକ୍ତିର ଜୀବନ, ସ୍ୱାଧୀନତା, ସମାନତା ଏବଂ ସମ୍ମାନର ଅଧିକାର ମାନବାଧିକାର ଅଧୀନରେ ଆସେ, କିନ୍ତୁ ଅଧିକାଂଶ ଲୋକ ଏହି ଅଧିକାର ବିଷୟରେ ଭଲ ଭାବରେ ଜାଣନ୍ତି ନାହିଁ। ସେମାନଙ୍କୁ ଏହି ଅଧିକାର ବିଷୟରେ ଅବଗତ କରାଇବା ପାଇଁ ମାନବାଧିକାର ଦିବସ ପାଳନ ହୋଇଥାଏ। ୧୯୪୮ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ସଂଯୁକ୍ତ ରାଷ୍ଟ୍ର ସଂଘର ସାଧାରଣ ଅଧିବେଶନରେ 'ସାର୍ବଜନୀନ ମାନବାଧିକାର ଘୋଷଣାନାମା'କୁ ସ୍ଥାନିତ କରିବା ସହ ସ୍ୱୀକୃତି ଦିଆଗଲା। ଉକ୍ତ ଘୋଷଣାନାମାର ଫଳସ୍ୱରୂପ ବିଶ୍ୱବାସୀ ବାକ୍ ସ୍ୱାଧୀନତା, ଭୟମୁକ୍ତ ଜୀବନ ସହ ଦାରିଦ୍ର୍ୟ ଦୂରୀକରଣ ଭଳି ଅନେକ ମୂଲ୍ୟବାନ୍ ମାନବ ସପକ୍ଷବାଦୀ ଅଧିକାର ଉପଭୋଗ କରିବାକୁ ସକ୍ଷମ ହେଲେ। ସେହି ସ୍ମୃତିରେ ପ୍ରତିବର୍ଷ ମାନବାଧିକାର ଦିବସ ପାଳନ କରାଯାଉଛି। ମାନବ ଅଧିକାର ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱର ସମସ୍ତ ଲୋକ ନିଜକୁ ନିରାପଦ ଅନୁଭବ କରିବେ ଏବଂ ଭେଦଭାବ ବିନା ମୁକ୍ତ ଜୀବନ ବିତାଇପାରିବେ। ବର୍ତ୍ତମାନ ପରିସ୍ଥିତିରେ ମାନବାଧିକାର ବେଶ୍ ପରିବ୍ୟାପ୍ତ ହୋଇଛି । ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ପରିବେଶ ଭଳି କ୍ଷେତ୍ରରେ ମାନବାଧିକାର ଉପରେ ବେଶ୍ ଗୁରୁତ୍ୱ ଦିଆଯାଉଛି। ଏହାସତ୍ତ୍ୱେ ମଧ ମାନବାଧିକାର ଉଲ୍ଲଂଘନ କମୁନାହିଁ। ଜାଣତରେ ହେଉ ବା ଅଜାଣତରେ ମାନବାଧିକାରର ଉଲ୍ଲଂଘନ ହେଉଛି। କୋଟି କୋଟି ଶିଶୁ ଅବହେଳାର ଶିକାର ହେଉଛନ୍ତି। ଆଜି ବି ମାନବ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ, ସାମାଜିକ ଏବଂ ଅର୍ଥନୈତିକ ଅସମାନତାର ଶିକାର ହେଉଛି। ତେଣୁ ଏନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଅନେକ କ୍ଷେତ୍ରରେ ଏଥିପାଇଁ ଲୋକଙ୍କୁ ନ୍ୟାୟ ମିଳିପାରୁଥିବାବେଳେ ଅନେକଙ୍କୁ ଏଥିରେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି।

ଭାରତରେ ମାନବାଧିକାର ଆଇନ ୨୮ ଡିସେମ୍ବର, ୧୯୯୩ ମସିହାରେ ପାରିତ ହୋଇଥିଲା । ଏହାପରେ ଭାରତ ସରକାର ୧୨ ଅକ୍ଟୋବର, ୧୯୯୩ ମସିହାରେ ମାନବାଧିକାର ଆୟୋଗ ଗଠନ କରିଥିଲେ । ଏହି ଆୟୋଗ ଏବେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ କ୍ଷେତ୍ରରେ କାମ କରୁଛି । ଯେମିତିକି ଶ୍ରମ, ଏଚ୍ଆଇଭି, ବାଲ୍ୟ ବିବାହ, ମହିଳା ଅଧିକାର ଭଳି ସମସ୍ୟା ବେଳେ ମାନବାଧିକାର ଆୟୋଗ ଲୋକଙ୍କ ପାଖରେ ଠିଆ ହେଉଛି । ଏହି ଦିବସ ଅବସରରେ ବିଭିନ୍ନ ପ୍ରକାର କର୍ମଶାଳା, ବୈଠକ ଏବଂ ପ୍ରଦର୍ଶନୀ ଆୟୋଜନ କରାଯାଇ ମାନବାଧିକାର ଉପରେ ଚର୍ଚ୍ଚା କରାଯାଏ।

## ଯଶଙ୍କୁ ଟକ୍କର ଦେବେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ରିଲିଜ୍ ହେବା ପରେ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଛି। ପାର୍ଟ ୧ର ସଫଳତା ପରେ ଦର୍ଶକେ ଏବେ ଏହାର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହାର ଦ୍ୱିତୀୟ ପାର୍ଟର ରିଲିଜ୍ ଡେଟ୍ ମଧ ସାମ୍ନାକୁ ଆସିଛି। ଏହାର ଦ୍ୱିତୀୟ ପାର୍ଟ ପ୍ରଥମ ପାର୍ଟ ରିଲିଜ୍‌ର ତିନି ମାସ ପରେ ଆସିବ। 'ଧୁରନ୍ଧର' ପାର୍ଟ ୨ ଆସନ୍ତା ୧୯ ମାର୍ଚ୍ଚରେ ରିଲିଜ୍ ହେବ। ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ମଧ ସେହିଦିନ ରିଲିଜ୍ ହେବ। ଯଶ୍ ଏତେଦିନ ପରେ 'ଟକ୍ସିକ୍' ମାଧ୍ୟମରେ ପରଦାକୁ ଫେରୁଥିବାରୁ ଏହି ଫିଲ୍ମକୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ସବୁଠୁ ବଡ଼ କଥା ହେଲା, ଉଭୟ ଫିଲ୍ମରେ ଦମ୍‌ଦାର ଆକ୍ସନ୍ ସିନ୍ ରହିଛି। ଯଦି ଦୁଇଟି ଯାକ ଫିଲ୍ମ ଏକାଦିନରେ ରିଲିଜ୍ ହେଉଛି ତେବେ ସିଧାସିଧି ରଣବୀର ଓ ଯଶ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ବକ୍ସ ଅଫିସ୍‌ରେ ବାଜି କିଏ ମାରିବ ତାହା ଦେଖିବାକୁ ବାକି ରହିଲା। ଅପରପକ୍ଷରେ 'ଧୁରନ୍ଧର'ରେ ରଣବୀରଙ୍କ ସହ ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍. ମାଧବନ୍ ପ୍ରମୁଖ ନଜର ଆସିଛନ୍ତି। ଏହା ଓପନିଂ ଡେରେ ୨୭ କୋଟି ଆୟ କରିଛି। ରଣବୀରଙ୍କ କ୍ୟାରିୟରର ଏହା ସବୁଠୁ ବଡ଼ ଓପନିଂ ବୋଲି କୁହାଯାଉଛି।





## ବରଯାତ୍ରୀଙ୍କୁ ହେଲ୍‌ମେଟ୍ ଉପହାର

ବିବାହବେଳେ ବରବଧୂଙ୍କୁ ପରିବାର ଲୋକେ ଓ ବନ୍ଧୁବାନ୍ଧବ ଉପହାର ପ୍ରଦାନ କରିଥାନ୍ତି। ରାଜସ୍ଥାନର କୁଚାମନ ସହରରେ ଏକ ବିବାହ ସମୟରେ ଅଜବ ଘଟଣା ଦେଖିବାକୁ ମିଳିଛି। ଏଠାରେ କନିଆ ଘର ପକ୍ଷରୁ ବରଯାତ୍ରୀଙ୍କୁ ହେଲ୍‌ମେଟ୍ ପ୍ରଦାନ କରାଯାଇଛି। ସଡ଼କ ଦୁର୍ଘଟଣା ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଲୋକଙ୍କୁ ହେଲ୍‌ମେଟ୍ ପିନ୍ଧିବାକୁ ସଚେତନ କରିବା ଉଦ୍ଦେଶ୍ୟରେ କନ୍ୟା ପିତା ଏଭଳି ଏକ ପ୍ରୟାସ କରିଛନ୍ତି। ସେ ୨୮୬ ଜଣ ବରଯାତ୍ରୀଙ୍କୁ 'ଜାନ୍‌ଝୁୱାରି' ପରମ୍ପରା ଅନୁସାରେ ଗୋଟିଏ ଲେଖାଁଏ ହେଲ୍‌ମେଟ୍ ପ୍ରଦାନ କରିଛନ୍ତି। ରାଜସ୍ଥାନରେ 'ଜାନଝୁୱାରି' ପରମ୍ପରା ଅନୁସାରେ କନିଆ ଘର ପକ୍ଷରୁ ବରଯାତ୍ରୀଙ୍କୁ ଉପହାର ଦେବାର ପରମ୍ପରା ରହିଛି। ତେବେ ପଟୱାରି କି କୋଠି ଅଞ୍ଚଳରର ମନୋଜ ବରୱାଲଙ୍କ ଝିଅ ସୋନୁ ଏବଂ ଯଶ୍ ବେଦୱାଲଙ୍କ ବିବାହ ସମୟରେ କନିଆ ଘର ବରଯାତ୍ରୀଙ୍କୁ ହେଲ୍‌ମେଟ୍ ଉପହାର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ବରପକ୍ଷ ସହମତି ଜଣାଇଥିଲେ। ବର ଓ କନିଆଙ୍କ ବରଣମାଳା ପରେ କନ୍ୟାପିତା ମନୋଜ କୁମାର ମଞ୍ଚରେ ପ୍ରଥମେ ନିଜ ଜ୍ୱାଇଁଙ୍କୁ ହେଲମେଟ୍ ଦେଇଥିଲେ। ଏହାପରେ ସମସ୍ତ ବରଯାତ୍ରୀ ମଞ୍ଚ ଉପରେ ଜଣକ ପରେ ଜଣେ ହେଲମେଟ୍ ଉପହାର ସ୍ୱରୂପ ନେଇଥିଲେ। ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ୁଥିବାବେଳେ ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚାଳନା କଲେ ଜୀବନ ରକ୍ଷା କରାଯାଇପାରିବ। ଏହି କଥାକୁ ହୃଦୟଙ୍ଗମ ଏପରି ଏକ ଭବ୍ୟ ଆୟୋଜନ କରିଥିବା କନିଆଙ୍କ ଜେଜେବାପା ରାମକରଣ କୁମାୱତ୍ କୁହନ୍ତି। କେବଳ ସେତିକି ନୁହେଁ, ସମସ୍ତ ଅତିଥିଙ୍କୁ ରାମକରଣ 'ସଡ଼କ ସୁରକ୍ଷା ଶପଥ' ମଧ କରାଇଥିଲେ। ରାମକରଣ କହିଥିଲେ ଯେ, 'ଯଦି ଏହି ହେଲ୍‌ମେଟ୍ କାହାର ଜୀବନ ବଞ୍ଚାଇ ପାରିବ ତେବେ ଆମର ପ୍ରୟାସ ସଫଳ ହେବ।' ହେଲ୍‌ମେଟ୍ ବାଣ୍ଟିବାରେ ସାହାଯ୍ୟ କରିଥିବା ସନ୍ଥ ବିଳାସୀ ଦାସ ବାଘୀ ମହାତ୍ମା ଭାଗବାନ ଦାସ ମହାରାଜ ଏହାକୁ ସୁରକ୍ଷା ଦିଗରେ ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି କହିଛନ୍ତି। ତେବେ ଏହି ହେଲ୍‌ମେଟ୍ ବଣ୍ଟନ କେବଳ ଏକ ଉପହାର ନୁହେଁ, ଏହା ସମାଜ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା ବୋଲି ସେ କହିଛନ୍ତି। ସେହିପରି କନିଆର ଭଉଣୀ ହେମଲତା କୁମାୱତ କହିଛନ୍ତି, ଆମେ ଭିନ୍ନ ଉପାୟରେ ଉପହାର ଦେବାକୁ ଭାବିଥିଲୁ। ତେବେ କନିଆ ଘର ପକ୍ଷରୁ ନିଆଯାଇଥିବା ଏଭଳି ନିଆରା ପଦକ୍ଷେପକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

## ବଢୁଛି 'ଫନ୍ ଜବ୍'ର ଚାହିଦା



**ଗୋଟେ ସମୟ ଥିଲା ଲୋକଙ୍କ ପାଖରେ ଚାକିରିର ଅଧିକ ବିକଳ୍ପ ନଥିଲା। ମୁଖ୍ୟତଃ ଇଞ୍ଜିନିୟର, ଡାକ୍ତର, ଶିକ୍ଷକ ଆଦି କ୍ୟାରିୟର ବିକଳ୍ପ ବାଛିବାକୁ ପଡୁଥିଲା। ବର୍ତ୍ତମାନ ସମୟ ବଦଳିବା ସହିତ କ୍ୟାରିୟର ବିକଳ୍ପ ମଧ ବଦଳିଛି। ଏବେ ଫନ୍ ଜବ୍ ବା ମଜାଦାର ଚାକିରିର ଚାହିଦା ବଢ଼ିବାରେ ଲାଗିଛି।**

**ପ୍ରଫେସନାଲ ଟ୍ରାଭେଲ ବ୍ଲଗର୍:** ଏବର ସମୟର ଏହା ହେଉଛି ଏକ ମଜାଦାର ଚାକିରି। ବିଭିନ୍ନ ସ୍ଥାନ ବୁଲିବା ସହ ସେସମ୍ପର୍କରେ ଭିଡିଓ ତଥା ଲେଖା ମାଧ୍ୟମରେ ଲୋକଙ୍କୁ ଜଣାଇବାକୁ ହୋଇଥାଏ। ଏଥିରେ ଫ୍ରି ଟିପ୍ସ, ଲଗଜୁରି ହୋଟେଲରେ ରହିବା, ବିଭିନ୍ନ ସଂସ୍କୃତି ସମ୍ବନ୍ଧରେ ଜାଣିବାର ସୁଯୋଗ ଜୁଟେ। ଟ୍ରାଭେଲ ବ୍ଲଗର୍‌ଙ୍କ ମୁଖ୍ୟ କାମ ହେଉଛି ଯାତ୍ରା କରିବା, କଣ୍ଟେଣ୍ଟ ପ୍ରସ୍ତୁତ କରିବା (ଫଟୋ/ଭିଡିଓ) ଏବଂ ଏହାକୁ ବ୍ଲଗ୍ ତଥା ସୋସିଆଲ ମିଡିଆରେ ପୋଷ୍ଟ କରିବା।

**ଭିଡିଓ ଗେମ୍ ଟେଷ୍ଟର:** ଗେମ୍ ଖେଳିବାକୁ ପସନ୍ଦ ଥିଲେ, ଏହା ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ। ଭିଡିଓ ଗେମ୍ ଟେଷ୍ଟରର କାମ କୌଣସି ଗେମ୍ ଲଞ୍ଚ ପୂର୍ବରୁ ସେହି ନୂଆ ଗେମ୍ ଖେଳିବା। ଏଥିରେ ଥିବା ଟେକ୍ନିକାଲ ତ୍ରୁଟି ଖୋଜିବା। ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଗେମ୍ ଖେଳି ଏକଥା ସୁନିଶ୍ଚିତ କରିବାକୁ ହୋଇଥାଏ ଯେ, ବ୍ୟବହାରକାରୀଙ୍କ ପାଇଁ ଯେମିତି ଏହା ଉପଯୋଗୀ ହେବ। ଏହି ପ୍ରକାରେ ଭିଡିଓ ଗେମ୍ ଟେଷ୍ଟର୍‌ଙ୍କୁ ଗେମ୍‌ର ପ୍ରତ୍ୟେକ ଲେଭ୍‌ଲକୁ ଖେଳି ଭଲ ଆୟ କରିଥାନ୍ତି।

**ଆଡଭେଞ୍ଚର ଟୁର୍ ଗାଇଡ୍:** ପାହାଡ଼, ନଦୀ, ଜଙ୍ଗଲରେ ଦୁଃସାହସିକ କାର୍ଯ୍ୟ କରିବାକୁ ପସନ୍ଦ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଏକ ସୁନ୍ଦର କ୍ୟାରିୟର। ଏହି କାମରେ ଟ୍ରେକିଂ, ରାଫଟିଂ, ପର୍ବତାରୋହଣ, ଜଙ୍ଗଲ ସଫାରି ଭଳି କାର୍ଯ୍ୟକଳାପ ପାଇଁ ଗ୍ରୁପ୍‌କୁ ଗାଇଡ୍ କରିବା ହୋଇଥାଏ। ତେବେ ଆଡଭେଞ୍ଚର ଟୁର୍ ଗାଇଡ୍‌ଙ୍କୁ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରି ରୋମାଞ୍ଚକ ଅନୁଭବ ପ୍ରଦାନ କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିଥାଏ।

**ପ୍ରଫେସନାଲ ପେଟ୍ ସିଟର:** ପ୍ରାଣୀଙ୍କ ପ୍ରତି ଭଲପାଇବା ତଥା ପ୍ରାଣୀ ପ୍ରେମୀଙ୍କ ପାଇଁ ମଧ ଏହା ଏକ ସୁନ୍ଦର କ୍ୟାରିୟର ବିକଳ୍ପ। ବର୍ତ୍ତମାନ ପୋଷା ପ୍ରାଣୀଙ୍କ ଦେଖାଶୁଣା କରିବା (ପେଟ୍ ସିଟିଂ) ଏବଂ ବୁଲାଇବାକୁ ନେବା(ଡଗ୍ ୱାକିଂ) ଲୋକଙ୍କର ଚାହିଦା ବେଶି। ଏହି କାମରେ ପୋଷା ବିଲେଇ କୁକୁର ଭଳି ପ୍ରାଣୀଙ୍କ ସହିତ ଖେଳିବା, ବୁଲାଇବାକୁ ନେବା ଏବଂ ଦେଖାଶୁଣା କରିବା କାମ ସାମିଲ ଅଛି। ଏହାକୁ ଏକ ଆରାମଦାୟକ ଏବଂ ସନ୍ତୁଷ୍ଟି ପ୍ରଦାନ କରୁଥିବା ଚାକିରି ବୋଲି କୁହାଯାଉଛି।

## ସମ୍ଭାବନା




## ସହଜ ନୁହେଁ ଷ୍ଟ୍ରିମ୍ ଚୟନ

**ଦଶମ ପରେ ପ୍ରତ୍ୟେକ ଛାତ୍ରଛାତ୍ରୀ କେଉଁ ଷ୍ଟ୍ରିମ୍ ବା ବିଭାଗରେ ପଢ଼ିବେ, ତାହାକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି। ବିଜ୍ଞାନ, କଳା କିମ୍ବା ବାଣିଜ୍ୟ କେବଳ ପାଠପଢ଼ାର ନୁହେଁ, ବରଂ କ୍ୟାରିୟରର ଦିଗ ନିରୂପଣ କରେ। ତେଣୁ ଷ୍ଟ୍ରିମ୍‌ର ଚୟନ ତରବରିଆ ଭାବେ କରିବା ଅନୁଚିତ।**



ଠିକ୍ ଷ୍ଟ୍ରିମ ବାଛିବା ଦ୍ୱାରା ପଢ଼ା ପ୍ରତି ରୁଚି ବଢ଼େ ଏବଂ କ୍ୟାରିୟରର ଦିଗ ସ୍ପଷ୍ଟ ହୁଏ। ସାଙ୍ଗସାଥୀ ତଥା ପରିବାର ଚାପରେ ଷ୍ଟ୍ରିମ୍ ବାଛିବା ମଧ ଭଲ ନୁହେଁ। ପଢ଼ା ପାଇଁ ଯେଉଁ ଷ୍ଟ୍ରିମ୍ ପସନ୍ଦ, ସେହି ବିଷୟ ବାଛନ୍ତୁ। ଏହା ଦ୍ୱାରା ଭଲ ମାର୍କ ମଧ ଆସିଥାଏ। ତେଣୁ ପସନ୍ଦ ଏବଂ ପ୍ରଦର୍ଶନ ଉଭୟ ଷ୍ଟ୍ରିମ୍ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ ଷ୍ଟ୍ରିମ୍ ଚୟନ ସବୁବେଳେ କ୍ୟାରିୟର ଲକ୍ଷ୍ୟ ଉପରେ ଆଧାରିତ ହେବା ଦରକାର। ଇଞ୍ଜିନିୟରିଂ କିମ୍ବା ମେଡିକାଲ ପାଇଁ ସାଇନ୍ସ, ମ୍ୟାନେଜମେଣ୍ଟ ଏବଂ ବ୍ୟାଙ୍କିଂ ପାଇଁ କମର୍ସ ଏବଂ ସାମ୍ବାଦିକତା ତଥା ଓକିଲାତି ପାଇଁ ଆର୍ଟସ ହେଉଛି ଉତ୍ତମ ବିକଳ୍ପ। ସେହିପରି ଗଣିତ ଓ ବିଜ୍ଞାନରେ ରୁଚି ଥିଲେ ସାଇନ୍ସ, ବିଜନେସ୍ ଏବଂ ଫାଇନାନ୍ସରେ ଆଗ୍ରହ ଥିଲେ କମର୍ସ ଏବଂ କ୍ରିଏଟିଭ୍ କ୍ଷେତ୍ର ପସନ୍ଦ ଥିଲେ ଆର୍ଟସ ବାଛିବା ଭଲ। ଯଦି ଷ୍ଟ୍ରିମ୍ ବାଛିବାରେ ସମସ୍ୟା ହେଉଛି କ୍ୟାରିୟର କାଉନସିଲରଙ୍କ ସାହାଯ୍ୟ ନେବା ଉତ୍ତମ ବିଚାର। ସେମାନେ ଜଣଙ୍କ ରୁଚି, ଲକ୍ଷ୍ୟ ଏବଂ କ୍ଷମତା ଆଧାରରେ ମାର୍ଗଦର୍ଶନ କରାଇଥାନ୍ତି। ପଢ଼ାକୁ ନେଇ ଶିକ୍ଷକ ଓ ପରିବାର ସଦସ୍ୟଙ୍କ ସହିତ ଖୋଲାଖୋଲି ଆଲୋଚନା କରନ୍ତୁ। ଆଜିର ସମୟରେ ଅନେକ ଅନଲାଇନ୍ ପ୍ଲାଟଫର୍ମ ମଧ ଉପଲବ୍ଧ ଅଛି। ଏହା ମାଧ୍ୟମରେ କ୍ୟାରିୟର ଆପ୍ଟିଚ୍ୟୁଡ୍ ଟେଷ୍ଟ ଚୟନ କରିପାରିବେ। ଅନ୍ୟପଟେ ଷ୍ଟ୍ରିମ୍ ବାଛିବା ବେଳେ ଚାପ କିମ୍ବା ଟ୍ରେଣ୍ଡକୁ ଦେଖିବା ଅନୁଚିତ। ସବୁବେଳେ ନିଜ ରୁଚି ଏବଂ କ୍ୟାରିୟର ଲକ୍ଷ୍ୟ ଆଧାରରେ ଷ୍ଟ୍ରିମ୍ ବାଛିଲେ ଭବିଷ୍ୟତ ଉଜ୍ଜ୍ୱଳ ହୁଏ।

## ହ୍ୱାଟ୍ସଆପ୍‌ର ନୂଆ ଅପ୍‌ଡେଟ୍



**ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଉପଯୋଗୀ ଫିଚର୍ ଆଣିଛି। ଏବେ କଲ୍ ରିସିଭ୍ ନ କରିପାରିଲେ ସିଧା କଲ୍ ସ୍କ୍ରିନ୍‌ରୁ ଭଏସ୍ ମେସେଜ ତଥା ଭିଡିଓ ମେସେଜ ପଠାଇ ହେବ। ଅବଶ୍ୟ ଏହି ସୁବିଧା ଏବେ ଆଇଫୋନ୍ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ଅଛି। ଯାହାକୁ ଶୀଘ୍ର ଅନ୍ୟ ଡିଭାଇସ୍ ପାଇଁ ଉପଲବ୍ଧ କରାଯିବ।**

ଭଏସ୍ କଲ୍ ନ ଉଠାଇଲେ ହ୍ୱାଟ୍ସଆପ୍ ଏବେ ରେକର୍ଡ ଭଏସ୍ ମେସେଜର ବିକଳ୍ପ ଦେଖାଇବ। ଏହିଠାରୁ ଏକ ଛୋଟ ଅଡିଓ ରେକର୍ଡ କରି ହେବ। ଯାହାକି ମିସଡ୍ କଲ୍ ନୋଟିଫିକେସନ ସହିତ ଚାଟ୍‌ରେ ପଠାଇବା ସମ୍ଭବ। କୌଣସି ଜରୁରି କଥା ପାଇଁ ଏହି ଫିଚର୍ ଉପଯୋଗୀ ହେବା କୁହାଯାଉଛି। ସେହିପରି ଭିଡିଓ କଲ୍ ପାଇଁ ହ୍ୱାଟ୍ସଆପ୍ ଏହି ସୁବିଧାକୁ ସାମିଲ କରିଛି। କେହି ଭିଡିଓ କଲ୍ ନ ଉଠାଇଲେ, ତୁରନ୍ତ ଛୋଟ ଭିଡିଓ ମେସେଜ ରେକର୍ଡ କରି ପଠାଇପାରିବେ। ଏହା ମାଧ୍ୟମରେ କେବଳ ମିସ୍ କଲ୍ ଦେଖିବା ପରିବର୍ତ୍ତେ ରିସିଭରଙ୍କୁ ଏକ ଭିଜୁଆଲ ମେସେଜ ମିଳିଥାଏ ଯେ, ଜଣେ କଲ୍ କାହିଁକି କରିଛି। ଅନ୍ୟପଟେ ହ୍ୱାଟ୍ସଆପ୍ କଲ୍ ଟ୍ୟାବ୍ ଡିଜାଇନକୁ ମଧ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଏହାବାଦ୍ ଏଥିରେ କଲ୍ ସିଡ୍ୟୁଲିଂ ଫିଚର୍ ମଧ ଯୋଡ଼ିଛି।

## କେମିତି ବଢ଼ିବ ଆତ୍ମବିଶ୍ୱାସ

ପ୍ରତ୍ୟେକଙ୍କଠାରେ ଆତ୍ମବିଶ୍ୱାସ ରହିବା ଖୁବ୍ ଜରୁରି। ନିଜ ଭିତରେ ଆତ୍ମବିଶ୍ୱାସ ରହିଲେ, ସମସ୍ତ କାମ ସହଜରେ ହେବା ସହ ସଫଳତା ମିଳିଥାଏ।



- ନିଜକୁ ସହଜ ଲାଗୁଥିବା ସ୍ଥାନରେ ନ ରହି ସମସ୍ୟାପୂର୍ଣ୍ଣ ସ୍ଥାନ ସହ ନିଜକୁ ସାମିଲ କରନ୍ତୁ।
- ଅନ୍ୟଠୁ ମିଳୁଥିବା ପ୍ରୋତ୍ସାହନ ଓ ସକାରାତ୍ମକ ଶକ୍ତି ହିଁ ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରେ।
- ନିଜର ଉପଲବ୍ଧିକୁ ସ୍ୱୀକାର କରନ୍ତୁ ଏବଂ ନିଜ ଭୁଲରୁ ଶିକ୍ଷା ଲାଭ କରିବା ଉଚିତ। ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ଭାଗରେ ବାଣ୍ଟନ୍ତୁ। ଏଭଳି ଭାବେ ଛୋଟ ପର୍ଯ୍ୟାୟକୁ ପୂରା କରିବା ଦ୍ୱାରା କ୍ଷମତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଅନ୍ୟ ସହିତ ଆଖିରେ ଆଖି ମିଶାଇ କଥା କହିଲେ ଆତ୍ମବିଶ୍ୱାସ ପ୍ରତିଫଳିତ ହୁଏ।




### ବାରବାଟୀ ଟି-୨୦ରେ ହାର୍ଦ୍ଦିକଙ୍କ ଅଲ୍‌ରାଉଣ୍ଡ ସଫଳତା

# ଦକ୍ଷିଣ ଆଫ୍ରିକାର ଶୋଚନୀୟ ପରାଜୟ

କଟକ,୯।୧୨(ସମିସ):

ହଜାର ହଜାର ଦର୍ଶକଙ୍କ ଉତ୍ସାହକୁ ନିରାଶ ନ କରି ଶେଷ ଟିମ୍ ଇଣ୍ଡିଆ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି। ଏହି ଭେନ୍ୟୁରେ କ୍ରମାଗତ ଦୁଇ ଦୁଇଟି ଟି-୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ହାରିଥିବା ଭାରତ ଶେଷରେ ବିଜୟ ତ୍ରିରଙ୍ଗା ଉଡ଼ାଇଛି। ମଙ୍ଗଳବାର ଖେଳାଯାଇଥିବା ଟି-୨୦ ସିରିଜର ପ୍ରଥମ ମ୍ୟାଚରେ ଭାରତ ଏକପାଖିଆ ଭାବେ ୧୦୧ ରନରେ ବିଜୟ ଲାଭ କରିଛି। ଏଥିସହ ବାରବାଟୀରେ ଦକ୍ଷିଣ ଆଫ୍ରିକାର ହ୍ୟାଟ୍ରିକ ବିଜୟରେ ରୋକ ଲଗାଇଛି ସୂର୍ଯ୍ୟ ସେନା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦମ୍‌ଦାର ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ସଫଳତା ବଳରେ ଏହି ପ୍ରଥମ ମୁକାବିଲାକୁ ଜିତି ଅଗ୍ରଣୀ ହାସଲ ପାଞ୍ଚ ମ୍ୟାଚ୍ ସିରିଜର ୨ୟ ମ୍ୟାଚ୍ ମୁଲାନପୁରରେ ଡିସେମ୍ବର ୧୧ ତାରିଖରେ ଖେଳାଯିବ।



ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୨ ଓଭର ମଧ୍ୟରେ ଭାରତ ଶୁବମନ ଗିଲ୍ (୪ ରନ), ସୂର୍ଯ୍ୟକୁମାର ଯାଦବ (୧୨), ଅଭିଷେକ ଶର୍ମା (୧୭) ଓ ତିଳକ ବର୍ମା (୨୬ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅଭିଜ୍ଞ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଖେଳିଥିଲେ ସମ୍ମାନ ରକ୍ଷାକାରୀ ଅର୍ଦ୍ଧଶତକୀୟ ଇନିଂସ। ସେ ୪ଟି ଛକା ଓ ୬ଟି ଚୌକା ବଳରେ ୨୮ ବଲରେ ୫୯ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିବା ଯୋଗୁ ଭାରତ ୬ ୱିକେଟ୍‌ରେ ୧୭୫ ରନ କରି ସମ୍ମାନଜନକ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ୨୩, ଶିଭମ ଦୁବେ ୧୧ ଓ ଜୀତେଶ ଶର୍ମା ୧୦ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନଗି ଏନଗିଡି ସବୁଠୁ ସଫଳ ବୋଲ ରହିଥିଲେ। ସେ ସର୍ବାଧିକ ୩ଜଣ ଭାରତୀୟ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଲୁଥୋ ସିପମ୍ଲାଙ୍କୁ ୨ଟି ୱିକେଟ୍ ମିଳିଥିଲା।

### ସର୍ବନିମ୍ନ ଦଳଗତ ସ୍କୋର

ଦଳରେ ବିଶ୍ୱସ୍ତରୀୟ ତାରକା ଖେଳାଳି ରହିଥିବାରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପାଇଁ ୧୭୬ ରନର ଟାର୍ଗେଟ୍ ବଡ଼ ନ ଥିଲା। କିନ୍ତୁ ପ୍ରଥମ ଓଭରରେ ହିଁ ଅର୍ଶଦୀପ୍ ସିଂହ ଭେଟେରାନ କ୍ୱିଣ୍ଟନ ଡି କକ୍‌ଙ୍କୁ ଆଉଟ୍ କରି ଦଳକୁ ବଡ଼ ବ୍ରେକ ଥ୍ରୁ ଦେଇଥିଲେ। ଏହାପରେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ, ଯଶପ୍ରୀତ ବୁମରାଙ୍କ ମିଳିତ ବୋଲିଂକୁ ସାମ୍ନା କରି ନ ପାରି ଦକ୍ଷିଣ ଆଫ୍ରିକା ଦଳ ସରେଣ୍ଡର କରିଥିଲେ। ଭ୍ରମଣକାରୀ ଦଳର କୌଣସି ବ୍ୟାଟର୍ ବଡ଼ ପାଳି ଖେଳି ନ ପାରିବାରୁ ଦଳ ୧୨.୩ ଓଭରରେ ମାତ୍ର ୭୪ ରନରେ ସୀମିତ ରହିଥିଲା। ଯାହାକି ଟି-୨୦ କ୍ରିକେଟ ଇତିହାସରେ ଦକ୍ଷିଣ ଆଫ୍ରିକାର ସର୍ବନିମ୍ନ ସ୍କୋର ଭାବେ ରେକର୍ଡ ହୋଇଛି। ଦଳ ପକ୍ଷରୁ ବ୍ରେଭିସ ୧୪ଟି ବଲରୁ ସର୍ବାଧିକ ୨୨ ରନ କରିଥିଲେ। ଅନ୍ୟ ଦୁଇ ତାରକା ବ୍ୟାଟର୍ ଅଧିନାୟକ ଆଇଡେନ ମାର୍କରାମ ଓ ଟ୍ରିଷ୍ଟାନ ଷ୍ଟବ୍ସ ୧୪ ରନ ଲେଖାଏ, ମାର୍କୋ ଜାନସେନ ୧୨ ରନରେ ବିଦାୟ ନେଇଥିଲେ। ବିସ୍ଫୋରକ ବ୍ୟାଟର ଡେଭିଡ୍ ମିଲର ମାତ୍ର ୧ ରନ କରି ପାଣ୍ଡ୍ୟାଙ୍କ ବଲରେ ୱିକେଟ୍‌କିପର ଜୀତେଶ ଶର୍ମାଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ବୋଲିଂରେ ଅର୍ଶଦୀପ୍, ବରୁଣ, ବୁମରା ଓ ଅକ୍ଷର ପଟେଲଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ପାଣ୍ଡ୍ୟା ଓ ଦୁବେ ଅନ୍ୟ ଦୁଇଟି ୱିକେଟ୍ ବାଣ୍ଟି ନେଇଥିଲେ। ଦଳକୁ ସଙ୍କଟରୁ ଉଦ୍ଧାର କରିଥିବା ପାଣ୍ଡ୍ୟାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

### ଗିଲ୍ ୨ଟି, ସୂର୍ଯ୍ୟ ୧୧ଟି ବଲ୍ ଖେଳିଲେ

ଆଘାତ ସମସ୍ୟା ପରେ ଫିଟ୍ ହୋଇଥିବା ଟେଷ୍ଟ ଓ ଉପଅଧିନାୟକ ଶୁବମନ ଗିଲ୍ କୌଣସି ମ୍ୟାଚ୍ ନ ଖେଳି ଭାରତୀୟ ଦଳରେ ସାମିଲ ହୋଇଥିଲେ। କିନ୍ତୁ ସେ ମାତ୍ର ୨ଟି ବଲ୍ ଖେଳିବାକୁ ସମର୍ଥ ହୋଇ ୪ ରନ୍ କରିଥିଲେ। ସେହିପରି ନଂ-୩ରେ ଖେଳିବାକୁ ଆସିଥିବା ସୂର୍ଯ୍ୟକୁମାର ଯାଦବ ୧୧ଟି ବଲ୍ ଖେଳି ୧ ଚୌକା ଓ ୧ ଛକା ସହ ୧୨ ରନ୍ କରିପାରିଥିଲେ। ଉଭୟ ଟପ୍ ଖେଳାଳିଙ୍କ ବିଫଳତା ମାରତ ଓ ବାରବାଟୀରେ ଖେଳ ଦେଖୁଥିବା ସମର୍ଥକଙ୍କୁ ନିରାଶ କରିଛି।

## ସୁଯୋଗ ପାଇଲେନି ସଞ୍ଜୁ, ସୁନ୍ଦର

**କଟକ,୯।୧୨(ସମିସ):** ବାରବାଟୀରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ରେ ଖେଳିବାକୁ ସୁଯୋଗ ପାଇ ନାହାନ୍ତି ଭାରତର ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ହର୍ଷିତ ରାଣା। ଭାରତ ୨ଜଣ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ, ୨ଜଣ ପେସ୍ ବୋଲିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ, ଜଣେ ସ୍ପିନ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଜଣେ ସ୍ପେଶାଲିଷ୍ଟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି। ଆହତ ହେବା ପରେ ଫିଟ୍ ହୋଇଥିବା ପାଣ୍ଡ୍ୟା ଓ ଉପଅଧିନାୟକ ଶୁବମନ ଗିଲଙ୍କୁ ମଧ୍ୟ ଏହି ମ୍ୟାଚ୍ ଖେଳିବାର ସୁଯୋଗ ମିଳିଛି। ଗିଲ୍‌ଙ୍କୁ ସାମିଲ କରାଯିବା ପରେ ୱିକେଟ ରକ୍ଷକ ଭାବେ ସଞ୍ଜୁଙ୍କ ପରିବର୍ତ୍ତେ ଦଳ ଜିତେଶ ଶର୍ମାଙ୍କୁ ଖେଳାଇଥିଲା। ଦକ୍ଷିଣ ଆଫ୍ରିକା ୪ଜଣ ଫାଷ୍ଟ ବୋଲର ଓ ୨ଜଣ ସ୍ପିନରଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲା। ମାର୍କୋ ଜାନ୍‌ସେନ, ଲୁଥୋ ସିପାମ୍‌ଲା, ଲୁଙ୍ଗି ଏନ୍‌ଗିଡି ଓ ଆନରିଚ୍ ନୋର୍ଜେ ଫାଷ୍ଟ ବୋଲର ଭାବେ ଓ କେଶବ ମହାରାଜ ଏକମାତ୍ର ସ୍ପିନର, ଆଇଡେନ୍ ମାରକ୍ରମ କାମଚଳା ସ୍ପିନର ଭାବେ ଖେଳିଥିଲେ।







## ସୂର୍ଯ୍ୟଙ୍କ ବାମହାତ ପ୍ଲାନ ଫେଲ୍

୨୦୨୩ରୁ କ୍ରମାଗତ ୨୦ଟି ଦିନିକିଆରେ ଟସ୍ ହାରିବା ପରେ ଶେଷରେ ଭାରତ ଏହି ଧାରା ଭାଙ୍ଗିବାରେ ସଫଳ ହୋଇଥିଲା। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶାଖାପାଟଣାରେ ଅନୁଷ୍ଠିତ ତୃତୀୟ ଦିନିକିଆରେ ଲୋକେଶ ରାହୁଲ ଟସ୍ ଜିତି ଏହି ପରାଜୟଧାରେ ରୋକ୍ ଲଗାଇଥିଲେ। ସବୁଠୁ ରୋଚକ କଥା ଥିଲା ରାହୁଲ ଚିରାଚରିତ ଡାହାଣହାତ ପରିବର୍ତ୍ତେ ବାମହାତରେ ଟସ୍ ପକାଇ ବିଜୟୀ ହୋଇଥିଲେ। ରାହୁଲଙ୍କ ଏହି 'ବାମହାତ ପ୍ଲାନ'କୁ ବାରବାଟୀରେ ପ୍ରୟୋଗ କରିବେ ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସୋମବାର ସାମ୍ବାଦିକ ସମ୍ମିଳନୀରେ ମଜାରେ ମଜାରେ ସୂଚନା ଦେଇଥିଲେ। ମଙ୍ଗଳବାର ମ୍ୟାଚରେ ସୂର୍ଯ୍ୟ ରାହୁଲଙ୍କୁ କପି କରି ବାମହାତରେ ମଧ୍ୟ ଟସ୍ ପକାଇଥିଲେ। କିନ୍ତୁ ଭାଗ୍ୟ ସୂର୍ଯ୍ୟଙ୍କ ସାଥ୍ ଦେଇ ନ ଥିଲା। ଭାରତ ଟସ୍ ହାରିଥିଲା। ସୂର୍ଯ୍ୟଙ୍କ ଏହି ବାମହାତ ଫର୍ମୁଲା ଫେଲ୍ ମାରିବାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଛି।

## ସ୍କୋର ବୋର୍ଡ

**ଭାରତ ଇନିଂସ**:୧୭୫/୬, ୨୦ ଓଭର (ଅଭିଷେକ ଶର୍ମା-କ୍ୟା.ୟାନ୍‌ସେନ୍, ବୋ.ସିପମ୍ଲା-୧୭, ଶୁବମନ ଗିଲ୍-କ୍ୟା.ୟାନ୍‌ସେନ୍, ବୋ.ଏନ୍‌ଗିଡି-୪, ସୂର୍ଯ୍ୟକୁମାର ଯାଦବ-କ୍ୟା.ମାରକ୍ରମ, ବୋ.ଏନ୍‌ଗିଡି-୧୨, ତିଲକ ବର୍ମା-ୟାନ୍‌ସେନ୍, ବୋ.ଏନ୍‌ଗିଡି-୨୬, ଅକ୍ଷର ପଟେଲ-କ୍ୟା. ଫେରେଇରା, ବୋ.ସିପମ୍ଲା-୨୩, ହାର୍ଦ୍ଦିକ ପାଣ୍ଡ୍ୟା- ଅପରାଜିତ-୫୯, ଶିବମ ଦୁବେ-ବୋ.ଫେରେଇରା-୧୧, ଜିତେଶ ଶର୍ମା-ଅପରାଜିତ-୧୦, ଅତିରିକ୍ତ-୧୩।
**ୱିକେଟ ପତନ**: ୧/୫, ୨/୧୭, ୩/୪୮, ୪/୭୮, ୫/୧୦୪, ୬/୧୩୭।
**ବୋଲିଂ ବିଶ୍ଳେଷଣ (ଦକ୍ଷିଣ ଆଫ୍ରିକା)**- ଲୁନ୍‌ଗି ଏନ୍‌ଗିଡି: ୪-୦-୩୧-୩, ମାର୍କୋ ୟାନ୍‌ସେନ୍: ୪-୦-୨୩-୦, ଲୁଥୋ ସିପମ୍ଲା: ୪-୦-୩୮-୨, ଆନରିଚ୍ ନୋର୍ଜେ: ୪-୦-୪୧-୦, କେଶବ ମହାରାଜ: ୨-୦-୨୫-୦, ଡୋନୋଭାନ ଫେରେଇରା: ୨-୦-୧୩-୧।
**ଦକ୍ଷିଣ ଆଫ୍ରିକା ଇନିଂସ**: ୭୪/୧୦, ୧୨.୩ ଓଭର (କ୍ୱିଣ୍ଟନ ଡି କକ୍-କ୍ୟା.ଅଭିଷେକ, ବୋ.ଅର୍ଶଦୀପ-୦, ଆଇଡେନ୍ ମାରକ୍ରମ-ବୋ. ଅକ୍ଷର-୧୪, ଟ୍ରିଷ୍ଟାନ ଷ୍ଟବ୍ସ-କ୍ୟା.ଜିତେଶ, ବୋ.ଅର୍ଶଦୀପ-୧୪, ଡିୱାଲ୍ଡ ବ୍ରେଭିସ୍-କ୍ୟା. ସୂର୍ଯ୍ୟକୁମାର, ବୋ.ବୁମରା-୨୨, ଡେଭିଡ ମିଲର-କ୍ୟା.ଜିତେଶ,ବୋ-ପାଣ୍ଡ୍ୟା-୧, ଡୋନୋଭାନ ଫେରେଇରା-କ୍ୟା.ଜିତେଶ, ବୋ.ବରୁଣ-୫, ମାର୍କୋ ୟାନ୍‌ସେନ୍-ବୋ. ବରୁଣ-୧୨, କେଶବ ମହାରାଜ-କ୍ୟା.ଜିତେଶ, ବୋ.ବୁମ୍‌ରା-୦, ଆନ୍‌ରିଚ୍ ନୋର୍ଜେ-ବୋ. ଅକ୍ଷର-୧, ଲୁଥୋ ସିପ୍‌ମ୍ଲା-କ୍ୟା.ଅଭିଷେକ, ବୋ.ଶିବମ-୨, ଲୁନ୍‌ଗି ଏନ୍‌ଗିଡି-ଅପରାଜିତ-୨, ଅତିରିକ୍ତ-୧।
**ୱିକେଟ ପତନ**: ୧/୦, ୨/୧୬, ୩/୪୦, ୪/୪୫, ୫/୫୦, ୬/୬୮, ୭/୬୮, ୮/୭୦, ୯/୭୨, ୧୦/୭୪।
**ବୋଲିଂ ବିଶ୍ଳେଷଣ (ଭାରତ)**- ଅର୍ଶଦୀପ ସିଂହ: ୨-୦-୧୪-୨, ଯଶପ୍ରୀତ୍ ବୁମ୍‌ରା: ୩-୦୧୭-୨, ବରୁଣ ଚକ୍ରବର୍ତ୍ତୀ: ୩-୧-୧୯-୨, ଅକ୍ଷର ପଟେଲ: ୨-୦-୭-୨, ହାର୍ଦ୍ଦିକ ପାଣ୍ଡ୍ୟା: ୨-୦-୧୬-୧, ଶିବମ ଦୁବେ: ୦.୩-୦-୧-୧।

## ବାରବାଟୀ ଇତିହାସରେ ଯୋଡ଼ି ହେଲା ନାଲିମାଟି ପିଚ୍

ଐତିହାସିକ ବାରବାଟୀ ଷ୍ଟାଡିୟମର ୪୩ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଟି-୨୦ ମୁକାବିଲା ଏହି ଆଇକନିକ ଭେନ୍ୟୁରେ ଥିଲା୨୬ତମ ଅନ୍ତର୍ଜାତୀୟ ମ୍ୟାଚ୍। ପୂର୍ବରୁ ଏଠାରେ ୩ଟି ଯାକ ଫର୍ମାଟରେ ଖେଳାଯାଇଥିବା ୨୫ଟି ଯାକ ମୁକାବିଲା ବ୍ଲାକ ସଏଲ୍ ଅର୍ଥାତ୍ 'କଳାମାଟି ପିଚ୍'ରେ ଖେଳାଯାଇଥିଲା। କିନ୍ତୁ ବାରବାଟୀ ଇତିହାସରେ ପ୍ରଥମଥର ଲାଗି ଏଥର ନାଲିମାଟି ପିଚ୍ ପ୍ରସ୍ତୁତ କରାଯାଇଥିଲା। ଷ୍ଟାଡିୟମ ଇତିହାସର ଏହି ପ୍ରଥମ ନାଲିମାଟିର ଏହି ପିଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

# କାର୍ଲସେନ୍‌ଙ୍କୁ ହରାଇଲେ ଅର୍ଜୁନ

**ଚେନ୍ନଇ, ୯।୧୨(ଏଜେନ୍ସି):** ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମ୍ ଫାଇନାଲ୍‌ର ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବା ଲିଗ୍ ପର୍ଯ୍ୟାୟରେ ସୁପର ଗ୍ରାଣ୍ଡମାଷ୍ଟର ମ୍ୟାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଭାରତର ଅର୍ଜୁନ ଏରିଗାଏସୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମିଫାଇନାଲରେ ସେ ଭିନ୍‌ସେଣ୍ଟ କେମାର ଓ କାର୍ଲସେନ୍ ପ୍ରତିପକ୍ଷ ଫାବିଆନୋ କାରୁଆନୋଙ୍କୁ ଭେଟିବେ। ଦୀର୍ଘ ଏକ ବର୍ଷ ଧରି ଏହି ଟୁର୍ ଚାଲିଥାଏ। ସମସ୍ତ ଟୁର୍‌ର ପଏଣ୍ଟକୁ ନେଇ ୨୦୨୫ ଫ୍ରିଷ୍ଟାଇଲ ଚେସ୍ ଚାମ୍ପିଅନ୍ ଚୟନ କରାଯିବ। ଟୁର ଲିଗ୍‌ରେ ପ୍ରଥମ ସ୍ଥାନରେ ଥିବା କାର୍ଲସେନ୍ ଏଠାରେ ଚତୁର୍ଥ ସ୍ଥାନ ହାସଲ କଲେ ମଧ୍ୟ ଟାଇଟଲ ହାସଲ କରିବେ। ପୁରସ୍କାର ବାବଦରେ ଟ୍ରଫି ସହ ଏକ ଲକ୍ଷ ଡଲାର ବୋନସ ମଧ୍ୟ ପାଇବେ। ଅନ୍ୟ ଦୁଇଟି ସେମିରେ ଜାଭୋଖିର ସିନ୍ଦାରୋଭଙ୍କ ସହ ପାରହାମ ମଘସୁଦ୍‌ଲୁ, ଲେନୋଭୋ ଆରୋନିଆନଙ୍କ ସହ ହାନ୍ସ ନିଏମାନ ମୁକାବିଲା କରିବେ।



### ● ଆଇପିଏଲ୍ ମେଗା ଅକ୍ସନ

# ୨ କୋଟି ବେସ୍ ପ୍ରାଇସ୍‌ରେ ୪୦ ଖେଳାଳି

**ନୂଆଦିଲ୍ଲୀ, ୯।୧୨(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)- ୨୦୨୬ର ମେଗା ଅକ୍ସନ ଲାଗି ଖେଳାଳି ପଞ୍ଜୀକରଣ ଶେଷ ହୋଇଛି। ଆବୁଧାବିରେ ଡିସେମ୍ବର ୧୬ ତାରିଖ ଦିନ ଏହି ଅକ୍ସନ ଅନୁଷ୍ଠିତ ହେବ। ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଡିସେମ୍ବର ୫ ତାରିଖ ସୁଦ୍ଧା ରିଟେନ କରିଥିବା ଖେଳାଳିଙ୍କ ନାମ ଜଣାଇବାକୁ କୁହାଯାଇଥିଲା। ଏହା ପରେ ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ ଅକ୍ସନ ଲାଗି ୪୦ ଜଣ ଖେଳାଳି ରହିଛନ୍ତି। ଡେଭିଡ ମିଲର, ୱାନିନ୍ଦୁ ହାସରଙ୍ଗା, ରାଚିନ ରବୀନ୍ଦ୍ର, ଜୋସ୍ ଇଂଲିଶ, ଆନରିଚ୍ ନୋର୍ଜେ, ମୁସ୍ତାଫିଜୁର ରହମନଙ୍କ ପରି ଲୋକପ୍ରିୟ ଖେଳାଳି ରହିଛନ୍ତି। ଭାରତୀୟ ଖେଳାଳିଭାବେ ଭେଙ୍କଟେଶ ଆୟର ଓ ରବି ବିଷ୍ଣୋଇ ଏହି ତାଲିକାରେ ରହିଛନ୍ତି। ସୁପରଷ୍ଟାର ଗ୍ଲେନ୍ ମ୍ୟାକ୍ସୱେଲ, ଫାଫ ଡୁ ପ୍ଲେସିସ୍ ଓ ମୋଇନ ଅଲି ପାକିସ୍ତାନ ପ୍ରିମିୟର ଲିଗ୍ ଖେଳିବାକୁ ଘୋଷଣା କରିଥିବାରୁ ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଅବସର ନେଇଥିବାରୁ ଆନ୍ଦ୍ରେ ରସେଲ ଓ ରବିଚନ୍ଦ୍ରନ ଅଶ୍ୱିନ ଏହି ଅକ୍ସନ ଲାଗି ଅଯୋଗ୍ୟ ଘୋଷିତ ହୋଇଛନ୍ତି।

# ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ




ଭୁବନେଶ୍ୱର, ୯।୧୨(ସମିସ)

କଟକର ଜବାହାରଲାଲ ନେହରୁ ଷ୍ଟାଡିୟମ୍‌ରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି ତୃତୀୟ ଅନ୍ତର୍ଜାତୀୟ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍। ଏହି ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ। ଏଥର ପ୍ରତିଯୋଗିତାରେ ୧୪୭ ପୁରୁଷ ଓ ୧୩୭ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୫ଟି କାଟାଗୋରୀରେ ମ୍ୟାଚ ଖେଳାଯିବ। ଆଜି ପ୍ରଥମ ଦିନରେ ୨୪ଟି କ୍ୱାଲିଫାଇଂ ମ୍ୟାଚ୍ ଖେଳାଯାଇଛି। ଏକ ଲକ୍ଷ ୧୦ ହଜାର ପୁରସ୍କାର ବିଶିଷ୍ଟ ଏହି ପ୍ରତିଯୋଗିତାର ସୁପରିଚାଳନା ଲାଗି ୱାର୍ଲ୍ଡ ବ୍ୟାଡମିଣ୍ଟନ ଫେଡେରେସନ ଦ୍ୱାରା ୪୬ ଜଣିଆ ମ୍ୟାଚ୍ ଅଫିସିଆଲଙ୍କୁ ମନୋନୀତ କରାଯାଇଛି। ଉଦଘାଟନୀ ଉତ୍ସବରେ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ବ୍ୟାଡ୍‌ମିଣ୍ଟନ ଏସିଆ ମ୍ୟାନେଜର ବେଣୁଗୋପାଳ ରାମଲିଙ୍ଗମ୍ ଓ ରାଜ୍ୟ ସଂଘ ସମ୍ପାଦକ ନିଲୀନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS